# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୪/୨୦୨୦ (୧୨ ପୃଷ୍ଠା) | Bhubaneswar, Friday, August 14/2020 | ★★★★

୪୬ଶ ଭାଗ ୨୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସ୍ପାନିଶ୍ ଗ୍ରାଁ ପ୍ରିରେ ଭାଗ ନେବେ ପେରେଜ**

କରୋନା ଭାଇରସ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବାରୁ ସର୍ଗିଓ ପେରେଜ ସ୍ପାନିଶ୍ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟର ରେସିଂରେ ଭାଗନେବେ।

୧୧

୧୦

**୩ଟି ଫିଲ୍ମରେ ବଦଳିଗଲା ସାରାଙ୍କ କ୍ୟାରିୟର୍**

ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଫିଲ୍ମ 'କେଦାରନାଥ', 'ସିମ୍ବା', 'ଲଭ୍ ଆଜ୍ କଲ୍'ରେ ଅଭିନୟ କରି ବଲିଉଡ୍‌ର ଆଗଧାଡ଼ିର ନାୟିକା ହୋଇପାରିଛନ୍ତି।



# ଖାତାରେ ଅଢ଼େଇ କୋଟି, ଦେଉଛନ୍ତି ଦେଢ଼ କୋଟି

ନୂଆଦିଲ୍ଲୀ,୧୩।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ଟିକସ ସଂସ୍କାର 'ଫେସ୍‌ଲେସ୍ ଟାକ୍ସ ଆସେସ୍‌ମେଣ୍ଟ ଏବଂ ଅପିଲ୍'କୁ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହା ଟିକସ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି କୁହାଯାଉଛି। ଟିକସ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ଏହା କମାଇବା ସହ ଟିକସଦାତାଙ୍କ ଚାର୍ଟର ଏକ ମୁକ୍ତ ଏବଂ ସ୍ୱଚ୍ଛ ଟିକସ ପରିବେଶ ଗଠନ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି। 'ଟ୍ରାନ୍ସପରେଣ୍ଟ ଟାକ୍ସେସନ-ଅନରିଂ ଦି ଅନେଷ୍ଟ ପ୍ଲାଟ୍‌ଫର୍ମ'କୁ ଭିଡିଓ କନ୍‌ଫରେନ୍ସ ଯୋଗେ ଶୁଭାରମ୍ଭ କରି ମୋଦି କହିଛନ୍ତି ଯେ, ଦେଶର ୧.୫ କୋଟି ଲୋକ ପ୍ରକୃତ ପକ୍ଷେ ଟିକସ ଦେଉଛନ୍ତି। କିନ୍ତୁ ଖାତାରେ କରଦାତାଙ୍କ ସଂଖ୍ୟା ୨.୫ କୋଟି ରହିଛି। ୧୩୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ଦେଖିଲେ ଟିକସଦାତାଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ସଚ୍ଚୋଟ ଭାବେ ଲୋକମାନେ ଟିକସ ପ୍ରଦାନ କରିବା ସହ ଦେଶ ଗଠନରେ ନିଜର ଯୋଗଦାନ ରଖିପାରିବେ।

ନୂଆ ବ୍ୟବସ୍ଥା ସମ୍ପର୍କରେ ମତ ରଖି ମୋଦି କହିଛନ୍ତି, ଟାକ୍ସପେୟର ଚାର୍ଟର ଏବଂ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ କ୍ଷେତ୍ରରେ ସଦ୍ୟତମ ପର୍ଯ୍ୟାୟ ଭାବେ ଉଭାହୋଇଛି। ଏହାଦ୍ୱାରା ଟିକସ ଅନୁପାଳନ ବ୍ୟବସ୍ଥା ଏବଂ ସଚ୍ଚୋଟ ଟିକସଦାତାଙ୍କୁ ସମ୍ମାନିତ କରାଯିବାକୁ ଯୋଜନା ରଖାଯାଇଛି। ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଟ୍ରାକ୍‌କୁ ଆଣିବା ଲାଗି ସରକାର ଏଭଳି ଏକ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ସେହିଭଳି ଫେସ୍‌ଲେସ୍ ଅପିଲ୍ ସେପ୍ଟେମ୍ବର ୨୫ଠାରୁ କାର୍ଯ୍ୟକାରୀ କରାଇବାକୁ ଯୋଜନା ରଖାଯାଇଛି। ଟିକସ ସିଷ୍ଟମ ଫେସ୍‌ଲେସ୍ ହୋଇଥିବା ବେଳେ ଏହା ଟିକସଦାତାଙ୍କୁ ନିର୍ଭୟ ଏବଂ ବ୍ୟବସ୍ଥିତ ଢଙ୍ଗରେ ସେବା ଯୋଗାଇବାର ପ୍ରତିଶ୍ରୁତି ଦେଉଛି।

ଗତ କିଛି ବର୍ଷରେ ଟିକସଦାତାଙ୍କ ସଂଖ୍ୟା ୨.୫ କୋଟିକୁ ବୃଦ୍ଧି ଘଟିଛି। ମାତ୍ର ପ୍ରକୃତ ପକ୍ଷେ ୧.୫ କୋଟି ଲୋକ ଟିକସ ପ୍ରଦାନ କରୁଛନ୍ତି। ଯେଉଁମାନେ ଟିକସ ପ୍ରଦାନ କରିବାକୁ ସକ୍ଷମ ସେମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଟିକସ ପ୍ରଦାନ ସହ ଦେଶ ଗଠନରେ ଭାଗିଦାରୀ ହୁଅନ୍ତୁ ବୋଲି ମୋଦି ଆହ୍ୱାନ ଜଣାଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ସରକାର ବାଧ୍ୟବାଧକତା ସହ ବିଭିନ୍ନ ଅର୍ଥନୈତିକ ସଂସ୍କାର ହାତକୁ ନେଇଛନ୍ତି। ହେଲେ ଏହାଦ୍ୱାରା ଆଖିଦୃଶିଆ ସଫଳତା ମିଳିପାରିନାହିଁ। ବର୍ତ୍ତମାନ ସଂସ୍କାର ଧାରା ନିରନ୍ତର ହେଉଛି। ଦେଶରେ ଇଂରେଜ ଶାସନ ସମୟରୁ ଟିକସ ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ଏଥିରେ ବର୍ତ୍ତମାନ ବିଭିନ୍ନ ଢାଞ୍ଚାଗତ ସଂସ୍କାର ପ୍ରକ୍ରିୟା ହାତକୁ ନିଆଯାଉଛି। ବିଗତ ଦିନଗୁଡିକରେ ଟିକସ ନିୟମରେ ଜଟିଳତା ଯୋଗୁ ଲୋକମାନେ ଅନୁପାଳନରେ ☞ପୃଷ୍ଠା-୪

## ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସଂସ୍କାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

- 'ଟ୍ରାନ୍ସପରେଣ୍ଟ ଟାକ୍ସେସନ-ଅନରିଂ ଦି ଅନେଷ୍ଟ ପ୍ଲାଟ୍‌ଫର୍ମ' ଶୁଭାରମ୍ଭ
- ଟାକ୍ସ ଆସେସ୍‌ମେଣ୍ଟ, ଅପିଲ ହେବ ଫେସ୍‌ଲେସ୍

### ଫେସ୍‌ଲେସ୍ ଆସେସ୍‌ମେଣ୍ଟ କ'ଣ ?

ଫେସ୍‌ଲେସ୍ ଆସେସ୍‌ମେଣ୍ଟରେ ଟିକସଦାତାଙ୍କୁ ଆୟକର କାର୍ଯ୍ୟାଳୟ ଦୌଡିବା କିମ୍ବା କୌଣସି ଅଧିକାରୀଙ୍କୁ ଭେଟିବାକୁ ପଡିବ ନାହିଁ। ବର୍ତ୍ତମାନ ସୁଦ୍ଧା ଟିକସ ସଂକ୍ରାନ୍ତ ଅଭିଯୋଗ, ଯାଞ୍ଚ, ନୋଟିସ ଭଳି ବିଭିନ୍ନ କାର୍ଯ୍ୟ ଟିକସ କାର୍ଯ୍ୟାଳୟ କରି ଆସୁଥିଲା। ଏହି ଧାରାରେ ପରିବର୍ତ୍ତନ ଆସିବ ବୋଲି ଜଣାପଡିଛି। ବର୍ତ୍ତମାନ ସେଣ୍ଟ୍ରାଲ କମ୍ପ୍ୟୁଟର ଟିକସ ଯାଞ୍ଚ ଲାଗି କୌଣସି ରିଟର୍ନକୁ ଗ୍ରହଣ କରିପାରିବ। ରିସ୍କ ଏବଂ ଅସଙ୍ଗତି ଆଧାରରେ ମାମଲାଗୁଡ଼ିକୁ ବିଚାରକରି କୌଣସି ସହରରେ ଅଫିସରଙ୍କ ଟିମ୍‌କୁ ଏହି କାର୍ଯ୍ୟଭାର ପ୍ରଦାନ କରାଯିବ। ଅଧିକାରୀଙ୍କ ଯାଞ୍ଚ କାର୍ଯ୍ୟକୁ ତର୍ଜମା କରିବା ଲାଗି କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଆଉ କିଛି ଅଧିକାରୀ ରହିବେ। ଯଦି ସେଣ୍ଟ୍ରାଲାଇଜ କମ୍ପ୍ୟୁଟର ସିଷ୍ଟମରୁ ବ୍ୟକ୍ତିବିଶେଷଙ୍କୁ ନୋଟିସ ପଠାଯାଏ ତେବେ ଲୋକମାନେ ଏହାକୁ ଇଲେକ୍‌ଟ୍ରୋନିକ ଉପାୟରେ ଉତ୍ତର ରଖିହେବ। ଟିକସ ଅଧିକାରୀ କିମ୍ବା କାର୍ଯ୍ୟାଳୟକୁ ଆସିବାକୁ ପଡିବନି। ଟିକସ ମାମଲାର ଯାଞ୍ଚ କରାଇବା ଲାଗି ଚିହ୍ନା ପରିଚୟଙ୍କର ଲୋଡ଼ା ପଡିବନି।

**ଆଜିର ସମ୍ପାଦକୀୟ**

**କଟକଣା ଶେଷ କର**

# କରୋନାରେ ଘରକୁ ବନ୍ଧୁ ଆଣିବାରୁ ହତ୍ୟା

- ଖଣ୍ଡା କାତିରେ ହାଣିଲେ ପଡୋଶୀ
- ଭୁବନେଶ୍ୱରରୁ ଆସିଥିଲେ ବନ୍ଧୁ

ଜଗନ୍ନାଥପ୍ରସାଦ, ୧୩।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା କରଡାପଲ୍ଲୀ ଗ୍ରାମରେ ବୁଧବାର ମଧ୍ୟରାତ୍ରରେ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଗ୍ରାମର ପ୍ରମୋଦ ବେହେରା (୪୮)। କରୋନା ମହାମାରୀ ସମୟରେ ଘରକୁ ବାହାର ଜିଲାର ବନ୍ଧୁ ଆସିବାରୁ ପଡୋଶୀ ବାରଣ କରିଥିଲେ। ଏହାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପ୍ରମୋଦଙ୍କ ଘରକୁ ତାଙ୍କର କେତେଜଣ ବନ୍ଧୁ ବୁଧବାର ସକାଳେ ଭୁବନେଶ୍ୱରରୁ ଆସିଥିଲେ। କରୋନା ମହାମାରୀ ସମୟରେ କାହିଁକି ବାହାର ଜିଲାର ବନ୍ଧୁବାନ୍ଧବଙ୍କୁ ଘରେ ପୂରାଉଛ ବୋଲି ପଡୋଶୀ ପ୍ରକାଶ ବେହେରା ବିରୋଧ କରି ପାଟିତୁଣ୍ଡ କରିଥିଲେ। ମଧ୍ୟରାତ୍ର ପ୍ରାୟ ୧୨ଟାରେ ପ୍ରକାଶ ସହଯୋଗୀ କାହ୍ନା ବେହେରା ଓ ତାଙ୍କ ଘରକୁ ଆସିଥିବା ବୁଗୁଡ଼ା ଥାନା ମାଣିତରା ଗ୍ରାମର ଗଣେଶ ବିଶ୍ୱାଳଙ୍କ ସହ ଆସି ପ୍ରମୋଦଙ୍କ ଘର ସାମ୍ନାରେ ଗାଳିଗୁଲଜ କରିଥିଲେ। ପ୍ରମୋଦ ଘର ବାହାରକୁ ଆସିବାରୁ ତାଙ୍କୁ ଖଣ୍ଡା ଓ କାତିରେ ୩ଜଣ ଅତର୍କିତ ଆକ୍ରମଣ କରିଥିଲେ। ଉଦ୍ଧାର କରିବାକୁ ଯାଇ ଗ୍ରାମର ନନ୍ଦ ସେନାପତି, ଶ୍ୟାମ ଗୌଡ଼ ମଧ୍ୟ ଆହତ ହୋଇଥିଲେ। ପୋଲିସ ପହଞ୍ଚି ପ୍ରମୋଦ, ନନ୍ଦ ଓ ଶ୍ୟାମଙ୍କୁ ଜଗନ୍ନାଥପ୍ରସାଦ ମେଡିକାଲକୁ ଆଣିଥିଲେ। ସେଠାରେ ପ୍ରମୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶ୍ୟାମ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ପ୍ରମୋଦଙ୍କ ପୁଅ ଗଣେଶଙ୍କ ଅଭିଯୋଗ ଅନୁଯାୟୀ ମାମଲା (ନଂ.୧୭୮/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ଭୁଜାଲି ଓ ଛୁରି ଜବତ ହୋଇଥିବାବେଳେ ଅଭିଯୁକ୍ତମାନେ ଗିରଫ ଭୟରେ ଫେରାର ହୋଇଯାଇଥିବା ଥାନା ଅଧିକାରୀ ଭାଗିରଥୀ ନାୟକ କହିଛନ୍ତି।


Reliance Jewels
BE THE MOMENT




ERGRJ20AM

#WEOWEYOU

ଏନଗେଜମେଣ୍ଟ୍ ହେଉ ବା ଆନିଭର୍ସାରୀ, ସବୁ ଅକେଜନ୍‌ରେ ଆମକୁ ଆପଣଙ୍କ ଛୋଟ ବଡ଼ ଖୁସିରେ ସାମିଲ କରିବା ପାଇଁ।

ବିଶେଷ ଆନଭର୍ସାରୀ ବାର୍ଷିକୀ ଅଫର୍

ଫ୍ଲାଟ୍ 30% ଛାଡ଼ ସମସ୍ତ ସୁନା ଗହଣାର ଗଢ଼ା ମଜୁରୀ ଉପରେ*

30% ପର୍ଯ୍ୟନ୍ତ ଛାଡ଼ ହୀରା ଗହଣାର ମୂଲ୍ୟ ଉପରେ*

31 ଅଗଷ୍ଟ ପର୍ଯ୍ୟନ୍ତ

*ସର୍ତ୍ତ ଓ ନିୟମାବଳୀ ଲାଗୁ।

Aabhar
COLLECTION

ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 | ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍‌ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541 | କଟକ: କେଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଇଡ୍ରା ମୋଟର୍ସ ନିକଟ, ଫୋନ୍: 0671-2520011 | ଅନୁଗୁଳ: ଅନୁ ଶପିଂ ମଲ୍, ଅମଲାପଡ଼ା, ମେନ୍ ରୋଡ୍, ଅନୁଗୁଳ, ଫୋନ୍: 06764-231280 | ରାଉରକେଲା: ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍ ନଂ.: 0661-2520776/7 | ବ୍ରହ୍ମପୁର, ବଡ଼ ବଜାର, ନଡିଆ ଗରୁଜୀ ଛକ ସମ୍ମୁଖ, ଫୋନ୍: 0680-2250017/18

ରିଲାଏନ୍ସ ଜ୍ୱେଲ୍ସ ଏସ୍‌ଆଇଏସ୍‌ରେ ଟ୍ରେଣ୍ଡୀ ଲାଇଟ୍-ୱେଟ୍ ସୂକ୍ଷ୍ମ ଜ୍ୱେଲରୀ ବି କିଣନ୍ତୁ: ଟ୍ରେଣ୍ଡସ, ପିସି ଦାସ ପ୍ଲସ୍ 240/2266, ଖାତା 1032/361, ଶହିଦ ନଗର ଜନପଥ। | ଟ୍ରେଣ୍ଡସ, ଏସପ୍ଲାନେଡ୍ ଫୋରମ୍ ମଲ୍, ରସୁଲଗଡ଼ | ଟ୍ରେଣ୍ଡସ, ପ୍ଲଟ୍ ନଂ. 12/2902, 2907, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ସ୍କୋୟାର୍

For Corporate/Institutional Enquiries, Contact : 9844245664 | Follow us on | www.reliancejewels.com

**ଦିନକରେ ୮.୩ ଲକ୍ଷ କୋଭିଡ୍ ପରୀକ୍ଷା**

ଭାରତରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୮.୩ ଲକ୍ଷ ଲୋକଙ୍କର କୋଭିଡ୍ ପରୀକ୍ଷା କରାଯାଇଛି। ଏହାକୁ ମିଶାଇ ମୋଟ ୨,୬୮,୪୫,୬୮୮ ନମୁନା ପରୀକ୍ଷା କରାଗଲାଣି। ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୬୬,୯୯୯ କରୋନା ସଂକ୍ରମିତ ହୋଇଛନ୍ତି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୪ ଲକ୍ଷ ୩୦ ହଜାରରେ ପହଞ୍ଚିଛି।

# ପ୍ରଚାର ମୋଡ଼ ବଦଳାଇଲେ କମଳା ହାରିସ୍

**ୱାଶିଂଟନ, ୧୩।୮**

ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଆମେରିକାର ରାଜନୈତିକ ପାଣିପାଗରେ ଉଷ୍ମତା ଭରିଦେଇଛି। ବିଶେଷକରି ଭାରତୀୟ ବଂଶୋଦ୍ଭବ କାଲିଫର୍ନିଆ ସିନେଟର କମଳା ହାରିସ୍ ଡେମୋକ୍ରାଟିକ୍ ପାର୍ଟିରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ପରେ ତାଙ୍କ ପ୍ରେସିଡେନ୍ସିଆଲ ନୋମିନି ଜୋ ବିଡେନଙ୍କ ପ୍ରଚାର ରୋଚକ ମୋଡରେ ପହଞ୍ଚିଛି। ବିଡେନ ଓ ହାରିସ୍ ବୁଧବାର ପ୍ରଥମଥର ପାଇଁ ଗୋଟିଏ ମଞ୍ଚରେ ଛିଡ଼ାହୋଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହ୍ୱାଇଟ୍ ହାଇସ୍ ରେକର୍ଡ ଶେୟାର କରିଛନ୍ତି। ରିପବ୍ଲିକାନ ଟ୍ରମ୍ପ୍ ରାଷ୍ଟ୍ରପତି ପଦ ପାଇଁ ଯୋଗ୍ୟ ନୁହନ୍ତି ବୋଲି ଦୁହେଁ ସମାଲୋଚନା କରିଛନ୍ତି।

୭୭ ବର୍ଷୀୟ ଶ୍ୱେତାଙ୍ଗ ଜୋ ବିଡେନ ମଙ୍ଗଳବାର ୫୫ ବର୍ଷୀୟା କମଳା ହାରିସ୍‌ଙ୍କୁ ତାଙ୍କର ଭାଇସ୍ ପ୍ରେସିଡେନ୍ସିଆଲ ରନିଂ ମେଟ୍ ଭାବେ ଚୟନ କରିଥିଲେ। ଆମେରିକାର ଏକ ବଡ଼ ରାଜନୈତିକ ଦଳରୁ ଜଣେ କୃଷ୍ଣକାୟ ମହିଳା ଭାବେ ଏହି ଦୌଡ଼ିରେ ସାମିଲ ହେବାରେ ହାରିସ୍ ହେଉଛନ୍ତି ପ୍ରଥମ। ଏହାର ଦିନକ ପରେ ଦୁଇନେତା ଡେଲାୱେରସ୍ଥିତ ୱିଲମିଙ୍ଗଟନରେ ପ୍ରଥମଥର ପାଇଁ ଗୋଟିଏ ମଞ୍ଚରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ବିଡେନ କହିଥିଲେ, ଉପରାଷ୍ଟ୍ରପତି ପଦ ଲାଗି ହାରିସ୍ ଜଣେ ସ୍ମାର୍ଟ, ଟାଣୁଆ ଏବଂ ଆମେରିକାର ମଧ୍ୟବିତ୍ତଙ୍କ ପାଇଁ ଲଢୁଆ ପ୍ରାର୍ଥୀ। କିପରି କଠୋର ନିଷ୍ପତ୍ତି ନିଆଯାଏ ତାଙ୍କୁ ଭଲ ଭାବେ ଜଣା। ସେ ପ୍ରଥମ ଦିନରୁ ହିଁ ଏହି କାମ କରିବାକୁ ପ୍ରସ୍ତୁତ। ଆମେ ଦୁହେଁ ଏକ ଉନ୍ନତ ଭବିଷ୍ୟତ ପାଇଁ ଦେଶକୁ ପୁନର୍ଗଠନ କରିବା ସକାଶେ ପ୍ରସ୍ତୁତ ହୋଇ ରହିଛୁ।

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ନ ଥିଲା। ଉଭୟ ବିଡେନ ଓ ହାରିସ୍ ସେଫ୍ଟି ମାସ୍କ ପିନ୍ଧି ସାମାଜିକ ଦୂରତ୍ୱ ଅବଲମ୍ବନ ପୂର୍ବକ ଚାଲି ଚାଲି ଖବରଦାତାଙ୍କୁ ସମ୍ବୋଧନ କରିବା ପାଇଁ ମଞ୍ଚ ଉପରକୁ ଆସିଥିଲେ। ଏହି ଅବସରରେ ହାରିସ୍ କହିଥିଲେ, ସେମାନେ ଜିତିବା ପରେ ବିଡେନ ପ୍ରଶାସନ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଜଳବାୟୁ ପରିବର୍ତ୍ତନ ପାଇଁ ଲଢ଼େଇ କରିବା ସହ ସମସ୍ତଙ୍କୁ ସୁହାଇଲା ଭଳି ଏକ କେୟାର ଆକ୍ଟ ଆଣିବ। ଆମେରିକୀୟଙ୍କ ମଙ୍ଗଳ ପାଇଁ ଅନେକ କଠୋର ପଦକ୍ଷେପ ନିଆଯିବ। ଉପରାଷ୍ଟ୍ରପତି ପ୍ରାର୍ଥୀ ହେବା ପରେ ପ୍ରଥମ ଥର ଲାଗି ସେ ଟ୍ରମ୍ପ୍ ପ୍ରଶାସନର ସାଢ଼େ ୩ ବର୍ଷର କାର୍ଯ୍ୟକାଳକୁ ସମାଲୋଚନା କରିଥିଲେ। ଟ୍ରମ୍ପ୍ ସରକାର ନେଇଥିବା ଅନେକ ଭୁଲ୍ ପଦକ୍ଷେପର ଏକ ଲମ୍ବା ତାଲିକାକୁ ହାରିସ୍ ଉପସ୍ଥାପନ କରିଥିଲେ। ରାଷ୍ଟ୍ରପତି ପଦ ପାଇଁ ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଜିତାଇବା ଦ୍ୱାରା ଯାହା ହୋଇଛି ତାହା ଆମେ ସମସ୍ତେ ଦେଖିପାରୁଛେ। ଆମ ଦେଶ ଛିନ୍ନଭିନ୍ନ ହୋଇଯାଇଛି ଏବଂ ବିଶ୍ୱରେ ମଧ୍ୟ ଆମ ପ୍ରତିଷ୍ଠା ହାନି ହୋଇଛି। ସେମାନେ ଆମକୁ କେଉଁ ଅବସ୍ଥାକୁ ଆଣିଛନ୍ତି ଦେଖନ୍ତୁ। ୧୬ ନିୟୁତରୁ ଅଧିକ ଲୋକ ନିଯୁକ୍ତି ହରାଇଲେଣି, ସ୍କୁଲକୁ ଫେରିପାରୁ ନ ଥିବା ଲକ୍ଷ ଲକ୍ଷ ପିଲା ଦାରିଦ୍ର୍ୟ ଅବସ୍ଥାରେ ଅଛନ୍ତି, ପ୍ରତି ୫ ଜଣ ମା'ରେ ଜଣେ ନିଜ ପିଲାଙ୍କୁ ଖାଇବାକୁ ଦେଇପାରୁ ନାହାନ୍ତି ଏବଂ କରୋନାରେ ୧୬୫,୦୦୦ ଲୋକ ପ୍ରାଣ ହରାଇଲେଣି। ଏସବୁ କେବଳ ଟ୍ରମ୍ପ୍ ପ୍ରଶାସନର ଭୁଲ୍ ନୀତି ଯୋଗୁ ହୋଇଛି ବୋଲି ହାରିସ୍ ସମାଲୋଚନା କରିଥିଲେ। ଇତିମଧ୍ୟରେ ହାରିସ୍‌ଙ୍କୁ ନିଜର ରନିଂ ମେଟ୍ ଭାବେ ଚୟନ କରିବାର ୨୪ ଘଣ୍ଟା ମଧ୍ୟରେ ବିଡେନ୍ ନିଜ ପ୍ରେସିଡେନ୍ସିଆଲ କ୍ୟାମ୍ପେନ ପାଇଁ ୨୬ ନିୟୁତ ଡଲାର ପାଣ୍ଠି ସଂଗ୍ରହ କରିଛନ୍ତି।

**ଗୋଟିଏ ମଞ୍ଚରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପ୍ରାର୍ଥୀ: ଟ୍ରମ୍ପଙ୍କ ଚିଠା ଖୋଲିଲେ**



ଜୋ ବିଡେନ(ବାମ) କମଳା ହାରିସ୍।

## ଆଉ ଥରେ ଜିତିବା କଠିନ ହେବ



ଡୋନାଲ୍ଡ ଟ୍ରମ୍ପ୍



ମାଇକ୍ ପେନ୍ସ

ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଆଉ ୩ ମାସରୁ କମ୍ ସମୟ ବାକି ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛନ୍ତି ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନ ଓ ଉପରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍। ବିଡେନ ହାରିସ୍‌ଙ୍କୁ ମଇଦାନକୁ ଓହ୍ଲାଇବା ପରେ ଟ୍ରମ୍ପ୍ ନିଜ ପ୍ରତିକ୍ରିୟାରେ ତାଙ୍କୁ ଅତ୍ୟନ୍ତ ଅନୁପଯୁକ୍ତ ଓ ଦୁର୍ବଳ ପ୍ରାର୍ଥୀ ଅଭିହିତ କରି ଏହି ଯୋଡ଼ିକୁ ଆମେରିକାବାସୀ ନିର୍ବାଚନ ବେଳେ ପ୍ରତ୍ୟାଖ୍ୟାନ କରିବେ ବୋଲି କହିଥିଲେ। ଆମେରିକାରେ ବର୍ଣ୍ଣବୈଷମ୍ୟକୁ ନେଇ କୃଷ୍ଣକାୟ ଭୋଟରମାନେ ଟ୍ରମ୍ପଙ୍କୁ ପସନ୍ଦ କରୁ ନ ଥିବାବେଳେ ସେ ଆଗକୁ ହାରିସ୍‌ଙ୍କ ପୃଷ୍ଠଭୂମିକୁ ନେଇ ବ୍ୟକ୍ତିଗତ ଆକ୍ଷେପ କଲେ ରାଷ୍ଟ୍ରପତିଙ୍କୁ ମହଙ୍ଗା ପଡ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ହ୍ୱାଇଟ୍ ହାଉସ୍‌କୁ ଦ୍ୱିତୀୟ ଥର ଯାତ୍ରା ପାଇଁ ଜୋର୍‌ଦାର ଉଦ୍ୟମ କରୁଥିବା ୭୪ ବର୍ଷୀୟ ଟ୍ରମ୍ପଙ୍କ ଆଗରେ ବିଡେନ-ହାରିସ୍ ଟିମ୍ ଏବେ ବଡ଼ ପ୍ରତିବନ୍ଧକ ଭାବେ ଛିଡ଼ା ହୋଇଛନ୍ତି। କୋଭିଡ୍-୧୯କୁ ରୋକିବାରେ ବିଫଳତା, ଆର୍ଥିକ ମାନ୍ଦାବସ୍ଥା ଓ ବେକାରି ସମସ୍ୟା ଟ୍ରମ୍ପଙ୍କ ପାଇଁ ବଡ଼ ଆହ୍ୱାନ ଭାବେ ଛିଡ଼ା ହୋଇଛି। ବିଶେଷକରି ଜଣେ ଶ୍ୱେତାଙ୍ଗ ପୋଲିସ ଅଫିସର କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କୁ ହତ୍ୟା କରିବା ପରେ ଦେଶରେ ସୃଷ୍ଟି ହୋଇଥିବା ବୈଷମ୍ୟ ବିରୋଧୀ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ଆନ୍ଦୋଳନ ପରେ ଟ୍ରମ୍ପଙ୍କ ସ୍ଥିତି ଅଧିକ ଟଳମଳ ହୋଇଥିଲା। ଅଣଶ୍ୱେତାଙ୍ଗ ହାରିସ୍ ରିପବ୍ଲିକାନ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ ମାଇକ୍ ପେନ୍ସଙ୍କ ପାଇଁ ଅଡୁଆ ବଢ଼ାଇବେ ତାହା ନୁହେଁ, ରାଷ୍ଟ୍ରପତି ହେବାକୁ ଚାହୁଁଥିବା ଟ୍ରମ୍ପଙ୍କ ମଧ୍ୟ ସ୍ୱପ୍ନଭଙ୍ଗ କରିବେ।

## ୨୫% ଚାହୁଁଥିଲେ କୃଷ୍ଣକାୟ ପ୍ରାର୍ଥୀ

କମଳା ହାରିସ୍‌ଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରାଯିବା ପରେ ଆମେରିକାରେ ଥିବା ଆଫ୍ରିକୀୟ ଓ ଏସୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ ପାର୍ଟି ଆଡ଼କୁ ଢଳିବେ। ଏହାସହ ମହିଳା ଭୋଟର ମଧ୍ୟ ଜୋ ବିଡେନଙ୍କ ଦଳକୁ ସମର୍ଥନ କରିବେ ବୋଲି ମନେକରାଯାଉଛି। ଡେମୋକ୍ରାଟିକ୍ ପାର୍ଟିର ମେରୁଦଣ୍ଡ କୁହାଯାଉଥିବା ୯୮% ଆଫ୍ରିକୀୟ ଆମେରିକୀୟ ମହିଳା ଏବଂ ୯୬% ବ୍ଲାକ୍ ପ୍ରୋଟେଷ୍ଟେଣ୍ଟ ୨୦୧୬ରେ ହିଲାରି କ୍ଲିଣ୍ଟନଙ୍କ ସପକ୍ଷରେ ଭୋଟ ଦେଇଥିଲେ। ବଜାର ଗବେଷଣା କମ୍ପାନୀ ମର୍ନିଂ କନ୍‌ସଲ୍ଟ ଏବଂ ପଲିଟିକୋ ପକ୍ଷରୁ ଜୁଲାଇ ୨୪ରୁ ୨୬ ତାରିଖ ମଧ୍ୟରେ ଦେଶବ୍ୟାପୀ ଏକ ପୋଲ୍ ସର୍ଭେ କରାଯାଇଥିଲା। ବିଡେନ ତାଙ୍କର ରନିଂ ମେଟ ଜଣେ କୃଷ୍ଣକାୟଙ୍କୁ ବାଛନ୍ତୁ ବୋଲି ୨୫%ରୁ ଅଧିକ ଭୋଟର ମତ ଦେଇଥିଲେ।

## ଭାରତ ଉପରେ ପ୍ରଭାବ



ବିଡେନ୍-ହାରିସ୍ ଯୋଡ଼ି ବିଜୟୀ ହେଲେ ଭାରତ ଉପରେ ଏହାର କି ପ୍ରଭାବ ପଡ଼ିବ ସେନେଇ କେତେକ ପ୍ରମୁଖ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟର ସଂକ୍ଷିପ୍ତ ବିବରଣୀ ଏଠାରେ ପ୍ରଦାନ କରାଗଲା।

**ୱାଶିଂଟନ ପୋଷ୍ଟ:** ୨୦୧୯ ଅଗଷ୍ଟ ୫ରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯାଇଥିଲା। ସେତେବେଳେ ବିବାଦୀୟ କଶ୍ମୀର ଭୂଖଣ୍ଡକୁ ଆମେରିକା କଂଗ୍ରେସର ପ୍ରତିନିଧି ଦଳକୁ ଭାରତ ସରକାର ପ୍ରଭାବିତ କରିବାକୁ ଉଦ୍ୟମ କରିଥିବାବେଳେ କମଳା ହାରିସ୍ ଏହାକୁ ସମାଲୋଚନା କରିଥିଲେ। କଶ୍ମୀରରେ ସମ୍ଭାବ୍ୟ ମାନବାଧିକାର ଉଲ୍ଲଂଘନ ଉପରେ ଆମେରିକାର ନଜର ରହିଥିବା ସେ କହିଥିଲେ। ହାରିସ୍ ନିର୍ବାଚିତ ହେବା ପରେ କଶ୍ମୀର ପ୍ରସଙ୍ଗରେ ତାଙ୍କ ଆଭିମୁଖ୍ୟ କ'ଣ ରହିବ ସେ ଦିଗକୁ ଇଙ୍ଗିତ କରି 'ୱାଶିଂଟନ ପୋଷ୍ଟ' ପକ୍ଷରୁ ଏପରି ରିପୋର୍ଟ ପ୍ରକାଶିତ ହୋଇଛି।

**ଇଣ୍ଡିଆ ଟୁଡେ:** ଗତ ଡିସେମ୍ବରରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକା ଗସ୍ତ କରିଥିବାବେଳେ ଭାରତୀୟ ବଂଶୋଦ୍ଭବ କଂଗ୍ରେସ ଓମେନ୍ ପ୍ରମିଳା ଜୟପାଲଙ୍କୁ କ୍ୟାପିଟଲ ହିଲ୍‌ରେ ଭେଟିବାକୁ ମନାକରିଦେଇଥିଲେ। ଏହାକୁ ନେଇ କମଳା ହାରିସ୍ ଜୟଶଙ୍କରଙ୍କୁ ସମାଲୋଚନା କରି ଟୁଇଟ୍ କରିଥିଲେ। ତେଣୁ ହାରିସ୍ ନିର୍ବାଚନରେ ବିଜୟୀ ହେଉଛନ୍ତି କି ନାହିଁ ତାହା ଉପରେ ମୋଦି ସରକାରଙ୍କ କଡ଼ା ନଜର ରହିବ।

**ଦି ୱାୟର:** ଏହି ୱେବ୍‌ସାଇଟ୍‌ରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ ବିଡେନ୍-ହାରିସ୍ ପ୍ରଶାସନ ମାନବାଧିକାର ପ୍ରସଙ୍ଗରେ କଠୋର ହୁଅନ୍ତୁ ବୋଲି ମୋଦି ସରକାର ଚାହିଁପାରନ୍ତି। ଏହାସହ ଆପ୍ରବାସନ ଉପରେ ଏହି ଯୋଡ଼ିଠାରୁ କୋହଳ ଆଭିମୁଖ୍ୟ ଆଶା କରିପାରନ୍ତି।

**ଦି ପ୍ରିଣ୍ଟ:** ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତକୁ କମଳା ହାରିସ୍ ସ୍ୱାଗତ କରି ଟୁଇଟ୍ କରିଥିଲେ। ଏହାସହ ଭାରତ-ଆମେରିକା ସମ୍ପର୍କକୁ ଦୁଇଦେଶ ମଧ୍ୟରେ ଅତୁଟ ବନ୍ଧନ ବୋଲି ଅଭିହିତ କରିଥିଲେ। ପୂର୍ବରୁ ପ୍ରମିଳା ଜୟପାଲ କଶ୍ମୀର ପ୍ରସଙ୍ଗରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଏକ ପ୍ରସ୍ତାବ ଆଣିଥିବାରୁ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ତାଙ୍କ ସହ ବୈଠକ କରିବାକୁ ମନା କରିଦେଇଥିବା ଏଥିରେ ଉଲ୍ଲେଖ କରାଯାଇଛି। କଂଗ୍ରେସର ଅନେକ ସଦସ୍ୟ କଶ୍ମୀର ପ୍ରସଙ୍ଗରେ ଚିନ୍ତାବ୍ୟକ୍ତ କରିଥିବାବେଳେ ଭାରତ କମଳା ହାରିସଙ୍କ ସମ୍ପର୍କ ଯୋଗୁ ତାଙ୍କ ମନ୍ତବ୍ୟ ଅଧିକ ଲାଇମ୍‌ଲାଇଟ୍‌କୁ ଆସିଥିଲା।

## ରାମମନ୍ଦିର ଟ୍ରଷ୍ଟ ମୁଖ୍ୟଙ୍କୁ କରୋନା



ମହନ୍ତ ନୃତ୍ୟଗୋପାଳ ଦାସ

ମଥୁରା/ଲକ୍ଷ୍ନୌ, ୧୩।୮: ଅଯୋଧ୍ୟାର ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମୁଖ୍ୟ ମହନ୍ତ ନୃତ୍ୟଗୋପାଳ ଦାସ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଅଗଷ୍ଟ ୫ରେ ରାମମନ୍ଦିର ଭୂମି ପୂଜନ ଉତ୍ସବରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ଭୂମି ପୂଜନ ଉତ୍ସବରେ ୮୨ ବର୍ଷୀୟ ମହନ୍ତଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ମଧ୍ୟ ଉପସ୍ଥିତ ଥିଲେ।

## ଗେହଲଟଙ୍କ ଘରେ ପାଇଲଟ

**ଜୟପୁର, ୧୩।୮(ପି.ଟି.)**

ରାଜସ୍ଥାନ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବାସଭବନରେ ଗୁରୁବାର କଂଗ୍ରେସ ବିଧାୟକ ଦଳ ବୈଠକ ବସିଥିଲା। ମାସେବ୍ୟାପୀ ବିଦ୍ରୋହ ପରେ ଘରବାହୁଡ଼ା କରିଥିବା

**କରମର୍ଦ୍ଦନ କଲେ**

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଅସନ୍ତୁଷ୍ଟ ବିଧାୟକମାନେ ଏହି ବୈଠକରେ ଯୋଗ ଦେଇଛନ୍ତି। ପାଇଲଟଙ୍କ ସହ ଗେହଲଟ କରମର୍ଦ୍ଦନ କରି ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ବୈଠକରେ ଦୁଇନେତା ଏକାଠି ବସିଥିବା ଦେଖାଯାଇଥିଲା। ସକାଳେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ସବୁକିଛି ଭୁଲିଯାଇଛି ଓ କ୍ଷମା କରିଦେଇଛି ବୋଲି କହିଥିଲେ।

ସୂଚନାଯୋଗ୍ୟ ପାଇଲଟ ଏବଂ ୧୮ କଂଗ୍ରେସ ବିଧାୟକ ବିଦ୍ରୋହ ଘୋଷଣା କରିବାରୁ ଗେହଲଟ ସରକାରରେ ସଙ୍କଟ ଦେଖାଦେଇଥିଲା। ମାସେ ପର୍ଯ୍ୟନ୍ତ ଏହି ବିଧାୟକମାନେ ରାଜସ୍ଥାନ ବାହାରେ ଏକ ହୋଟେଲରେ ରହିବା ପରେ ମଙ୍ଗଳବାର ଜୟପୁର ଫେରିଥିଲେ। ସୋମବାର ପାଇଲଟ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିବା ପରେ ସମାଧାନର ସୂତ୍ର ବାହାରିଥିଲା।



ଅଶୋକ ଗେହଲଟଙ୍କ ସହ ସଚିନ ପାଇଲଟ।

## 'ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ'

**ନୂଆଦିଲ୍ଲୀ, ୧୩।୮**

- ଭାଜପା ବିଧାୟକଙ୍କୁ ବସୁନ୍ଧରାଙ୍କ ପରାମର୍ଶ
- ଗେହଲଟ ସରକାର ବିରୋଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଣିବ ଭାଜପା



ବସୁନ୍ଧରା ରାଜେ

ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ରାଜସ୍ଥାନର ଭାଜପା ବିଧାୟକମାନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ବରିଷ୍ଠ ନେତ୍ରୀ ବସୁନ୍ଧରା ରାଜେ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଗୋଷ୍ଠୀବିବାଦ ଦେଖାଦେଇଥିବା ରାଜ୍ୟର କଂଗ୍ରେସ ସରକାର ଅସ୍ଥିର ଏବଂ ଏହା ବେଶିଦିନ ତିଷ୍ଠିବ ନାହିଁ ବୋଲି ସେ କହିଛନ୍ତି।

ଶୁକ୍ରବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ଭାଜପା ରାଜ୍ୟ ଶାଖାର ବରିଷ୍ଠ ନେତା ଓ ବିଧାୟକଙ୍କ ବୈଠକ ବସି ଦଳୀୟ ରଣକୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା। ଶୁକ୍ରବାର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନିଷ୍ପତ୍ତି ହୋଇଥିବା ରାଜ୍ୟ ଭାଜପା ସଭାପତି ସତୀଶ ପୁନିଆ ଗଣମାଧ୍ୟମକୁ କହିଛନ୍ତି। ବୈଠକରେ ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ସାଧାରଣ ସମ୍ପାଦକ ମୁରଲୀଧର ରାଓ, ରାଜ୍ୟ ପ୍ରଭାରୀ ଅବିନାଶ ଖାନ୍ନା, ବସୁନ୍ଧରା ରାଜେ ପ୍ରମୁଖ ଉପସ୍ଥିତ ଥିଲେ। ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଭାଜପାର ସମସ୍ତ ବିଧାୟକ ଯୋଗଦେଇଥିଲେ। ରାଜସ୍ଥାନରେ ଗତମାସରୁ ରାଜନୈତିକ ସଙ୍କଟ ଲାଗି ରହିଥିବାବେଳେ ଭାଜପା ବିଧାୟକମାନଙ୍କର ଏହା ଥିଲା ପ୍ରଥମ ବୈଠକ। ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାର ଭାଙ୍ଗିବା ପାଇଁ ଭାଜପା ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ କେତେଜଣ ନେତାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମୁଣ୍ଡରେ ଦୋଷ ଲଦିବା ଲାଗି ସରକାର ଉଦ୍ୟମ କରୁଛନ୍ତି। ତାହା ହେବାକୁ ଦିଆଯିବ ନାହିଁ ବୋଲି ଭାଜପା କହିଛି।

## ସବୁଠୁ ଶସ୍ତା କୋଭିଡ୍ ଔଷଧ ଆଣିଲା ଏମ୍‌ଏସ୍‌ଏନ୍ ଲାବ୍

ହାଇଦ୍ରାବାଦ, ୧୩।୮: ଜେନେରିକ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ ଏମ୍‌ଏସ୍‌ଏନ୍ ଗ୍ରୁପ୍ କୋଭିଡ୍-୧୯ ଚିକିତ୍ସା ଲାଗି ସବୁଠୁ ଶସ୍ତା ଔଷଧ ଆଣିଥିବା ଗୁରୁବାର ଘୋଷଣା କରିଛି। କମ୍ପାନୀ ଫାଭିଲୋ ବ୍ରାଣ୍ଡରେ ଆଣିଥିବା ୨୦୦ଏମ୍‌ଜି ଫାଭିପିରାଭିର ଟାବଲେଟ ଦାମ୍ ୩୩ ଟଙ୍କା ରହିଛି। ଜେନ୍‌ବୁର୍କ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀର ଫାଭିଭେଣ୍ଟ ଟାବ୍‌ଲେଟ ପ୍ରତି ଦାମ୍ ୩୯ ଟଙ୍କା ରହିଥିବାବେଳେ ଗ୍ଲେନମାର୍କ ପ୍ରସ୍ତୁତ ଫାବିଫ୍ଲୁ ଦାମ୍ ୧୦୩ ଟଙ୍କା ରହିଛି। ପରେ କମ୍ପାନୀ ଉକ୍ତ ଔଷଧ ଦାମ୍ ୭୫ ଟଙ୍କାକୁ ହ୍ରାସ କରିଥିଲା। ସିପ୍ଲା କମ୍ପାନୀ ପ୍ରସ୍ତୁତ ସିପ୍ଲେଞ୍ଜା ଦାମ୍ ୬୮ ଟଙ୍କା ରହିଥିବାବେଳେ ହେଟେରୋ ଲାବ୍‌ର ଫାଭିଭିର ଏବଂ ବ୍ରିଣ୍ଟନ ଫାର୍ମାର ଫାଭିଟୋନ୍ ଟାବ୍‌ଲେଟ ଦାମ୍ ୫୯ ଟଙ୍କା ରହିଛି।

## ବିରୁଟ୍‌ରେ ଜରୁରୀ ସ୍ଥିତିକୁ ପାର୍ଲାମେଣ୍ଟର ମଞ୍ଜୁରୀ

ବିରୁଟ୍, ୧୩।୮: ବିସ୍ଫୋରଣ ବିଧ୍ୱସ୍ତ ରାଜଧାନୀ ବିରୁଟ୍‌ରେ ଜରୁରୀ ସ୍ଥିତିକୁ ଲେବାନନ୍ ପାର୍ଲାମେଣ୍ଟ ଗୁରୁବାର ଅନୁମୋଦନ କରିଛି। ବିସ୍ଫୋରଣ ପରେ ରାଜନୈତିକ ଅସ୍ଥିରତା ଲାଗି ରହିଥିବା ବିରୁଟରେ ସୈନ୍ୟବାହିନୀକୁ କ୍ଷମତା ପ୍ରଦାନ କରାଯାଇଛି। ଗତ ସପ୍ତାହରେ ଉକ୍ତ ସହରରେ ହୋଇଥିବା ବିସ୍ଫୋରଣରେ ୧୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲେ।

## ମୋଦି ସର୍ବାଧିକ ସମୟ କ୍ଷମତାରେ ଥିବା ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୧୩।୮: ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ସର୍ବାଧିକ ସମୟ କ୍ଷମତାରେ ରହିଛନ୍ତି। ସେ ପ୍ରଧାନମନ୍ତ୍ରୀ ଭାବେ ୬ ବର୍ଷ ୭୯ ଦିନ ପୂରଣ କରିଛନ୍ତି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ମୋଟ ୨,୨୬୮ ଦିନ କ୍ଷମତାରେ ଥିଲେ। ୨୦୧୪ ମେ' ୨୬ରେ କ୍ଷମତାକୁ ଆସିଥିବା ମୋଦି ସର୍ବାଧିକ ସମୟ କ୍ଷମତାରେ ରହିବାରେ ଭାରତର ଚତୁର୍ଥ ପ୍ରଧାନମନ୍ତ୍ରୀ। ଜବାହରଲାଲ ନେହେରୁ ସର୍ବାଧିକ ୧୬ ବର୍ଷ ୨୮୬ ଦିନ କ୍ଷମତାରେ ରହିଥିବାବେଳେ ଇନ୍ଦିରା ଗାନ୍ଧୀ ୧୧ ବର୍ଷ ୫୯ ଦିନ ଏବଂ ମନମୋହନ ସିଂ ୧୦ ବର୍ଷ ରହିଥିଲେ।

## ଛାପିଲାନି ଚାଇନା ସରକାରଙ୍କ ମୁଖପତ୍ର

**ନୂଆଦିଲ୍ଲୀ, ୧୩।୮**

**କଶ୍ମୀର ପ୍ରସଙ୍ଗରେ ପାକ୍ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟକୁ ଭାରତୀୟ ଦୂତାବାସର ଖଣ୍ଡନ**



ମୋଇନ୍ ଉଲ୍ ହକ୍

କଶ୍ମୀର ପ୍ରସଙ୍ଗରେ ପାକିସ୍ତାନୀ ପ୍ରତିନିଧିଙ୍କ ସାକ୍ଷାତ୍‌କାରକୁ ବେଜିଂରେ ଥିବା ଭାରତୀୟ ଦୂତାବାସ ଖଣ୍ଡନ କରିଥିବାବେଳେ ଏହାକୁ ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଛାପିବାକୁ ମନା କରିଦେଇଛି। ଚାଇନାରେ ଥିବା ପାକିସ୍ତାନୀ ରାଷ୍ଟ୍ରଦୂତ ମୋଇନ୍ ଉଲ୍ ହକ୍ କଶ୍ମୀର ପ୍ରସଙ୍ଗରେ ଦେଇଥିବା ସାକ୍ଷାତ୍‌କାରକୁ ଗତ ୬ ତାରିଖରେ ଗ୍ଲୋବାଲ ଟାଇମ୍ସ ପ୍ରକାଶ କରିଥିଲା। ଭାରତୀୟ ପ୍ରତିପକ୍ଷ ଏହା ବିରୋଧରେ ପ୍ରତିବାଦ ପଠାଇଥିଲେ। ତେବେ ଏହାକୁ ଛାପିବା ପାଇଁ ଗ୍ଲୋବାଲ ଟାଇମ୍ସ ମନା କରିଦେଇଛି।

ପ୍ରତିବାଦରେ ଭାରତୀୟ ଦୂତାବାସ କହିଥିଲା, ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ବର୍ଷକ ମଧ୍ୟରେ ଜମ୍ମୁ-କଶ୍ମୀରରେ ଘଟିଥିବା ଉଲ୍ଲେଖନୀୟ ଅଗ୍ରଗତିକୁ ରାଷ୍ଟ୍ରଦୂତ ହକ୍‌ଙ୍କ ବିଭ୍ରାନ୍ତିକର ତଥ୍ୟ ଲୁଚାଇପାରିବ ନାହିଁ। ୩୭୦ ଉଚ୍ଛେଦ ପାଇଁ ଗତବର୍ଷ ଅଗଷ୍ଟ ୫ରେ ଭାରତ ସରକାର ଐତିହାସିକ ନିଷ୍ପତ୍ତି ନେଇଥିଲେ। ଏହା ପରେ ସେଠାରେ ଅନେକ ସକାରାତ୍ମକ କେନ୍ଦ୍ରୀୟ ଆଇନ ଲାଗୁ କରାଯାଇଛି ଏବଂ ପରିବର୍ତ୍ତନର ପ୍ରମାଣ ସମଗ୍ର ଜମ୍ମୁ-କଶ୍ମୀରରେ ଦେଖାଯାଇଛି। ସେଠାରେ ନୂତନ ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହ ସୁଯୋଗ ସୃଷ୍ଟି ହୋଇଛି ବୋଲି ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି। ସେଠାରେ ୫୦ ନୂଆ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି, ଯାହାକି ୭୦ ବର୍ଷରେ ସର୍ବାଧିକ ଯୋଗଦାନ। ୫ ଲକ୍ଷ କଶ୍ମୀର ଛାତ୍ରୀଛାତ୍ର ସରକାରୀ ଛାତ୍ରବୃତ୍ତି ଯୋଜନାର ସୁବିଧା ପାଉଛନ୍ତି।

ସୀମାପାର ଆତଙ୍କବାଦ ପ୍ରସଙ୍ଗରେ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଜମ୍ମୁ-କଶ୍ମୀରରେ ଶାନ୍ତି, ସ୍ଥିରତା ଓ ବିକାଶ ଆଣିବା ପାଇଁ ଭାରତର ଉଦ୍ୟମ ଚଳାଇଛି। ଏହା ପାକିସ୍ତାନ ନୀତିର ପ୍ରତିକୂଳରେ ଯାଉଛି। ଉକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ଲକ୍ଷ୍ୟରେ ସୀମାପାର ଆତଙ୍କବାଦକୁ ପାକିସ୍ତାନ ପ୍ରୋତ୍ସାହିତ କରୁଛି। ଚଳିତ ବର୍ଷ ପ୍ରଥମ ୭ ମାସରେ ପାକିସ୍ତାନ ପକ୍ଷରୁ ୩,୦୦୦ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇଛି। ନିୟନ୍ତ୍ରଣ ରେଖାରେ ଆତଙ୍କବାଦୀ ଅନୁପ୍ରବେଶକୁ ସହାୟତା କରିବା ପାଇଁ ପାକ୍ ସେନା ଏଭଳି ଅସ୍ତ୍ରବିରତି କରୁଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଭାରତ ସରକାରଙ୍କ କାର୍ଯ୍ୟର ପରିହାସପୂର୍ଣ୍ଣ ଚରିତ୍ର ଚିତ୍ରଣ କରିବା ପୂର୍ବରୁ ରାଷ୍ଟ୍ରଦୂତ ହକ୍ ନିଜ ଶାସନକୁ ଦର୍ପଣ ଦେଖାଇ ପାକିସ୍ତାନ ସରକାରଙ୍କ କାର୍ଯ୍ୟଶୈଳୀକୁ ପ୍ରତିଫଳିତ କରିପାରିଥାନ୍ତେ ବୋଲି ଭାରତର ପ୍ରତିବାଦ ପତ୍ରରେ କୁହାଯାଇଥିଲା।

## ଏସ୍‌ସିବିରେ ୪ ଡାକ୍ତର ପଜିଟିଭ୍

**କଟକ ଅଫିସ:** ଏସ୍‌ସିବିରୁ ୪ ଡାକ୍ତର କରୋନା ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ହାଉସ ସର୍ଜନ ଓ ନିଶ୍ଚେତକ ବିଭାଗର ଜଣେ ସିସିୟର ରେସିଡେଣ୍ଟ ରହିଛନ୍ତି। ସେହିପରି ଆଉ ଜଣେ ପିଜି ଛାତ୍ର ପଜିଟିଭ ବାହାରିଛନ୍ତି। ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଆଉ ଜଣେ କିରାଣିଙ୍କ ରିପୋର୍ଟ ମଧ୍ୟ ପଜିଟିଭ ବାହାରିଥିବା ବେଳେ ନେଫ୍ରୋଲୋଜି ବିଭାଗରୁ ଜଣେ ରୋଗୀ ଓ ଅନ୍ୟ ଜଣେ ରୋଗୀ ସମ୍ପର୍କୀୟଙ୍କ ଆଣ୍ଟିଜେନ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଆଇସୋଲେଶନ ୱାର୍ଡରୁ ୫ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି।




## କରୋନା ସଂକ୍ରମଣ ସ୍ଥିତି

ଗୁରୁବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୦୮,୮୭,୦୯୭ | ୭,୪୮,୫୬୦ | ୧,୩୭,୭୨,୨୫୯ |
| ଭାରତ | ୨୪,୩୪,୮୫୩ | ୪୭,୫୪୨ | ୧୭,୨୬,୦୩୭ |
| ଓଡ଼ିଶା | ୫୨,୬୫୩ | ୩୧୪(+୫୩) | ୩୭,୯୦୧ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅବହେଳାରୁ ୧୩୯ କୋଟି କ୍ଷତି

### ପ୍ରବେଶ କର ଅନାଦାୟ ନେଇ ଜନସ୍ୱାର୍ଥ ମାମଲା

**କଟକ ଅଫିସ,୧୩।୮:** ଅବହେଳା ଯୋଗୁ ୧୩୯ କୋଟି ୧୫ଲକ୍ଷ ୮୦ ହଜାର ୫୦୪ ଟଙ୍କାର ପ୍ରବେଶ କର (ଏଣ୍ଟ୍ରି ଟ୍ୟାକ୍ସ) ଭୂଷଣ ପାୱାର୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ କମ୍ପାନୀ ଠାରୁ ଆଦାୟ ହୋଇପାରିଲା ନାହିଁ। ଏଣୁ ଯେଉଁ ସରକାରୀ ଅଧିକାରୀମାନେ ନିଜ ଦାୟିତ୍ୱ ସମ୍ପାଦନାରେ ଅବହେଳା କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଉପରୋକ୍ତ ଅର୍ଥ ଆଦାୟ କରାଯିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଓଡ଼ିଶା ସିଭିଲ୍ ଲିବର୍ଟି ଫୋରମ୍‌ର ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଆବେଦନରେ ଉଲ୍ଲେଖ ହୋଇଛି ଯେ, ରାଜ୍ୟ ସରକାର ପ୍ରବେଶ କର ଲାଗୁ କରିବା ପରେ ଏହାକୁ ଭୂଷଣ ପାୱାର୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ତରଫରୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ଏହି ମାମଲାରେ ସରକାରଙ୍କ ବିଜୟ ହୋଇଥିଲା। ପ୍ରବେଶ କର ବୈଧ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ। ଅପରପକ୍ଷେ କମ୍ପାନୀ ଆର୍ଥିକ କ୍ଷତିରେ ଚାଲୁଥିବାରୁ ଋଣ ଶୁଝିପାରି ନ ଥିଲା। ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ୍ ଏନେଇ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲା। ନିଜ ପ୍ରାପ୍ୟ ପାଇବା ପାଇଁ ବିଭିନ୍ନ ସଂସ୍ଥା ଟ୍ରିବ୍ୟୁନାଲରେ ପକ୍ଷ ରଖିଥିଲେ। ପ୍ରାପ୍ୟ ପ୍ରଦାନ ପାଇଁ ଟ୍ରିବ୍ୟୁନାଲ୍ ତରଫରୁ ରିଜୋଲ୍ୟୁଶନ୍ ପ୍ରଫେସନାଲ୍ ଗଠନ କରାଯାଇଥିଲା। ଏହି ରିଜୋଲ୍ୟୁଶନ୍ ପ୍ରଫେସନାଲ୍ ପକ୍ଷରୁ ପ୍ରାପ୍ୟ ପାଇବାକୁ ଥିବା ସଂସ୍ଥାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ତାଲିକାକୁ ଟ୍ରିବ୍ୟୁନାଲ୍ ୨୦୧୯ ସେପ୍ଟେମ୍ବର ୫ରେ ଅନୁମୋଦନ ଦେଇଥିଲେ। ସରକାର କିନ୍ତୁ ପ୍ରାପ୍ୟ ପାଇବା ପାଇଁ ଆବେଦନ କରି ନ ଥିଲେ। ଏଣୁ ଓଡ଼ିଶା କୌଣସି ପ୍ରକାର ପ୍ରାପ୍ୟ ପାଇପାରି ନ ଥିଲା। ପରେ ୨୦୧୯ ନଭେମ୍ବର ୧୮ରେ ସରକାର ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସରକାରଙ୍କ ଆବେଦନକୁ ଗତ ଫେବୃଆରୀ ୧୭ରେ ଟ୍ରିବ୍ୟୁନାଲ୍ ଖାରଜ୍ କରିଦେଇଥିଲେ। ତେଣୁ ଅଧିକାରୀଙ୍କ ଅବହେଳା ଯୋଗୁ ସରକାରଙ୍କୁ ଏହି କ୍ଷତି ହୋଇଛି, ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆପରାଧିକ ମାମଲା ରୁଜୁ କରାଯିବା ସହ ସେମାନଙ୍କଠାରୁ ଅର୍ଥ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

# ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

**ଜଗତ୍‌ସିଂହପୁର ଅଫିସ,୧୩।୮:** ବଜ୍ରପାତ ଘଟି ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ସିଠାଲୋ ଗ୍ରାମର ପ୍ରମୋଦ ଭୋଇଙ୍କ ସ୍ତ୍ରୀ ସୁମିତ୍ରା ଭୋଇ (୩୭)। ଏଥିସହ ଟିଙ୍କିନା କାଣ୍ଡି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସୁମିତ୍ରା ଦିନ ମଜୁରିଆ ଭାବେ କାମ କରନ୍ତି। ଗୁରୁବାର ସେ ବିଲରେ କାମ କରୁଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ବଜ୍ରପାତ ହେବାରୁ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୋନାଲିସାଙ୍କୁ ସରକାରଙ୍କ ସହାୟତା

**ଭୁବନେଶ୍ୱର,୧୩।୮(ବ୍ୟୁରୋ):** କର୍କଟରେ ପୀଡ଼ିତ ସତ୍ତ୍ୱେ ବାମ ହାତରେ ଲେଖି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବାଲେଶ୍ୱରର ମେଧାବୀ ଛାତ୍ରୀ ମୋନାଲିସାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହାୟତା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବିଡିଓ ମୋନାଲିସାଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୋନାଲିସାଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




# ମୁମ୍ବାଇରେ ଏସ୍‌ଆଇଟିଙ୍କୁ ତଦନ୍ତ ଅନୁମତି ମିଳି ନ ଥିଲା

### ସୁଶାନ୍ତ ସିଂ ମୃତ୍ୟୁ ମାମଲା
### ସୁପ୍ରିମକୋର୍ଟରେ ବିହାର ପୋଲିସର ଅଭିଯୋଗ

**ନୂଆଦିଲ୍ଲୀ, ୧୩।୮:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ଅଭିଯୁକ୍ତ ଅଭିନେତ୍ରୀ ତଥା ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀଙ୍କ ଆବେଦନର ଶୁଣାଣି ହେବା ପୂର୍ବରୁ ବିହାର ପୋଲିସ ସୁପ୍ରିମକୋର୍ଟରେ ଲିଖିତ ଅଭିଯୋଗ କରିଛି। ବିହାର ପୋଲିସ ଦର୍ଶାଇଛି ଯେ, ଜୁଲାଇ ୨୭ରେ ବିହାର ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ସେଠାକୁ ଯାଇଥିଲେ ହେଁ ତଦନ୍ତ ଲାଗି ମୁମ୍ବାଇ ପୋଲିସ ଅନୁମତି ଦେଇ ନ ଥିଲା।

ଏସ୍‌ପି ବିନୟ ତିୱାରୀ ମୁମ୍ବାଇକୁ ତଦନ୍ତ ଲାଗି ଯାଇଥିବାବେଳେ ତାଙ୍କୁ ମଧ୍ୟ ବଳପୂର୍ବକ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିଲା। ବିହାର ଆଇଜିପି ଆଇପିଏସ୍ ବିନୟ ତିୱାରୀଙ୍କୁ ଛାଡ଼ିଦେବା ଲାଗି ଅନୁରୋଧ କରିଥିଲେ ହେଁ ମୁମ୍ବାଇ ଅଧିକାରୀ ଏହାକୁ ଗ୍ରହଣ କରି ନ ଥିଲେ। ଜଣେ ପୋଲିସ ଅଧିକାରୀଙ୍କ ଲାଗି ଏଫ୍‌ଆଇଆର୍ ରଖିବା ବାଧ୍ୟତାମୂଳକ ଓ ଏହା ତଦନ୍ତରେ ସହାୟକ ହୋଇପାରିବ। ତଦନ୍ତ ଲାଗି ବିହାର ପୋଲିସର ଅଧିକାର ନାହିଁ ବୋଲି କୁହାଯିବା ଠିକ୍ ନୁହେଁ। ସୁଶାନ୍ତଙ୍କ ବାପା କେ. କେ. ସିଂ ରିଆଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଘଟଣା ମୁମ୍ବାଇରେ ଘଟିଥିବାରୁ ବିହାର ପୋଲିସର ଏଫ୍‌ଆଇଆର୍ ଓ ତଦନ୍ତ ଅଧିକାର ନାହିଁ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ମୁମ୍ବାଇ ପୋଲିସ ସତ୍ୟପାଠରେ ଦର୍ଶାଇଥିଲା। ରିଆ ମଧ୍ୟ ସତ୍ୟପାଠରେ ସୁପ୍ରିମକୋର୍ଟଙ୍କୁ ଏନେଇ ଜଣାଇବା ସହ ମାମଲା ବିହାରରୁ ମୁମ୍ବାଇକୁ ସ୍ଥାନାନ୍ତର କରିବା ଲାଗି ଅନୁରୋଧ କରିଥିଲେ। ଏହି ମାମଲାରେ ସିବିଆଇ ପକ୍ଷରୁ ରିଆ ଚକ୍ରବର୍ତ୍ତୀ, ଇନ୍ଦ୍ରଜିତ ଚକ୍ରବର୍ତ୍ତୀ, ସନ୍ଧ୍ୟା ଚକ୍ରବର୍ତ୍ତୀ, ସୌଭିକ ଚକ୍ରବର୍ତ୍ତୀ, ସାମୁଏଲ୍ ମିରାଣ୍ଡା, ଶ୍ରୁତି ମୋଦି ଓ ଅନ୍ୟମାନଙ୍କ ବିରୋଧରେ ମାମଲା ପଞ୍ଜୀକରଣ କରାଯାଇଛି। ସୁଶାନ୍ତଙ୍କ ଭଉଣୀ ଶ୍ୱେତା ଓ ଅଭିନେତ୍ରୀ କଙ୍ଗନା ରାଣାୱତ, ଅଙ୍କିତା ଲୋଖଣ୍ଡେ, କ୍ରିତି ସାନନ୍ ପ୍ରମୁଖ ସିବିଆଇ ତଦନ୍ତ ଦ୍ୱାରା ସତ୍ୟ ଲୋକଲୋଚନକୁ ଆସିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ରିଆ କହିଛନ୍ତି, ଯଦି ସୁପ୍ରିମକୋର୍ଟ ମାମଲା ସିବିଆଇକୁ ହସ୍ତାନ୍ତର କରନ୍ତି, ତେବେ କୌଣସି ଅସୁବିଧା ନାହିଁ।

ସେପଟେ ଏହି ମାମଲାକୁ ନେଇ ଶିବସେନା ନେତା ସଞ୍ଜୟ ରାଉତ ସୁଶାନ୍ତଙ୍କ ପରିବାର ଲୋକ ଚୁପ୍ ରହିବା ଉଚିତ ବୋଲି କହିଛନ୍ତି। ମାମଲା ସୁପ୍ରିମକୋର୍ଟରେ ଅଛି ଓ ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ମୁମ୍ବାଇ ପୋଲିସ ତଦନ୍ତ ଶେଷକରିବା ପର୍ଯ୍ୟନ୍ତ ସମସ୍ତେ ଚୁପ୍ ରହିବା ଠିକ୍ ହେବ ବୋଲି ରାଉତ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି।



**ଆଜିର ମନ୍ତବ୍ୟ**

"ସୁପ୍ରିମକୋର୍ଟ ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲା ସିବିଆଇକୁ ହସ୍ତାନ୍ତର କଲେ କୌଣସି ଆପତ୍ତି ନାହିଁ।
-ରିଆ ଚକ୍ରବର୍ତ୍ତୀ, ବଲିଉଡ୍ ଅଭିନେତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିନକରେ ୧୯୮୧ ପଜିଟିଭ

**ଭୁବନେଶ୍ୱର ୧୩।୮(ବ୍ୟୁରୋ)**

## ରାଜ୍ୟରେ ସର୍ବାଧିକ ରେକର୍ଡ

- ଖୋର୍ଦ୍ଧାରୁ ସର୍ବାଧିକ ୨୭୪ ଆକ୍ରାନ୍ତ ଚିହ୍ନଟ
- କରୋନାରେ ଆଖିବୁଜିଲେ ଆଉ ୯
- ମୋଟ ଆକ୍ରାନ୍ତ ୫୨,୬୫୩, ମୃତ ୩୧୪, ସୁସ୍ଥ ୩୭୯୦୦

ରାଜ୍ୟରେ ଏବେ କୋଭିଡ୍ ଟେଷ୍ଟ ପରିମାଣକୁ ବଢ଼ାଇ ଦିଆଯାଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଶେଷ ୨୪ ଘଣ୍ଟାରେ ୩୦ ଜିଲାରୁ ସର୍ବାଧିକ ରେକର୍ଡ ସଂଖ୍ୟକ ୧୯୮୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସଙ୍ଗରୋଧରେ ୧୨୨୫ଜଣ ରହିଥିବାବେଳେ ୭୫୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨,୬୫୩ରେ ପହଞ୍ଚିଛି ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କରୋନାରେ ଆଉ ୯ ଜଣ ଆଖି ବୁଜିଛନ୍ତି। ସମସ୍ତ ମୃତକ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗଞ୍ଜାମରୁ ୩ଜଣ ରହିଥିବାବେଳେ କଟକ ଓ ମୟୂରଭଞ୍ଜରୁ ୨ଜଣ ଲେଖାଏ ଏବଂ କନ୍ଧମାଳ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି। ସମସ୍ତେ ହେଉଛନ୍ତି ପୁରୁଷ ଓ ବୟସ ୨୩ରୁ ୮୨ବର୍ଷ ମଧ୍ୟରେ ରହିଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୩୧୪କୁ ବୃଦ୍ଧିପାଇଥିବାବେଳେ ଅଣକରୋନା ମୃତ୍ୟୁ ସଂଖ୍ୟା ୫୩ ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ତେବେ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ଅନିୟନ୍ତ୍ରିତ ଭାବେ ବୃଦ୍ଧି ପାଇଥିବାରୁ ଚିନ୍ତା ବଢ଼ିଛି। ପୂର୍ବରୁ ଗଞ୍ଜାମରୁ ଦୈନିକ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ଏବେ ଖୋର୍ଦ୍ଧା ଜିଲା ଏହି ରେକର୍ଡ ଭାଙ୍ଗି ଚାଲିଛି। ଶେଷ ୨୪ ଘଣ୍ଟାରେ ଚିହ୍ନଟଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୨୭୪ ଜଣ ଓ ଗଞ୍ଜାମରୁ ଦ୍ୱିତୀୟ ସର୍ବାଧିକ ୨୬୭ଜଣ ରହିଛନ୍ତି। ସେହିପରି କନ୍ଧମାଳରୁ ୧୭୯, ସୁନ୍ଦରଗଡ଼ ୧୪୫, କଟକ ୧୩୧, କୋରାପୁଟ ୯୭, ପୁରୀ ୭୭, ଭଦ୍ରକ ୬୫, ମାଲାକାନଗିରି ୬୪, ଯାଜପୁର ୬୦, ବାଲେଶ୍ୱର ୫୯, ସୋନପୁର ୫୭, ନୟାଗଡ଼ ୫୬, ରାୟଗଡ଼ା ୫୫, ଜଗତ୍‌ସିଂହପୁର ୪୨, ଢେଙ୍କାନାଳ ଓ କଳାହାଣ୍ଡିରୁ ୩୯ଜଣ ଲେଖାଏ, ସମ୍ବଲପୁର ୩୮, ମୟୂରଭଞ୍ଜ ୩୭, କେନ୍ଦ୍ରାପଡ଼ା ୨୯, ବରଗଡ଼ ଓ ବଲାଙ୍ଗୀରରୁ ୨୭, କେନ୍ଦୁଝର ୨୩, ନବରଙ୍ଗପୁର ୧୮, ନୂଆପଡ଼ା ଓ ଦେବଗଡ଼ରୁ ୧୬ଜଣ ଲେଖାଏ, ଗଜପତି ଓ ଝାରସୁଗୁଡ଼ାରୁ ୮ଜଣ ଲେଖାଏ, ଅନୁଗୋଳ ୬ ଓ ବୌଦ୍ଧରୁ ୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଗଞ୍ଜାମରେ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ୧୩୮୪୨ରେ ପହଞ୍ଚିଥିବାବେଳେ ଖୋର୍ଦ୍ଧାରେ ୭୪୫୨, କଟକ ୩୫୧୮, ସୁନ୍ଦରଗଡ଼ ୨୭୧୭, ଗଜପତି ୨୧୦୧, ଯାଜପୁର ୧୭୬୨, ରାୟଗଡ଼ା ୧୭୩୪, ବାଲେଶ୍ୱର ୧୬୨୮, କୋରାପୁଟ ୧୪୯୦, ପୁରୀ ୧୪୭୨, ସମ୍ବଲପୁର ୧୨୬୯, ନୟାଗଡ଼ ୧୨୫୯, ଭଦ୍ରକ ୧୧୮୨, କନ୍ଧମାଳ ୧୧୪୧, କେନ୍ଦୁଝର ୧୧୧୦, ମୟୂରଭଞ୍ଜ ୧୦୩୪, ମାଲକାନଗିରି ୧୦୩୧, ଜଗତ୍‌ସିଂହପୁର ୯୭୬, କେନ୍ଦ୍ରାପଡ଼ା ୭୮୨, ବଲାଙ୍ଗୀର ୭୮୧, ଢେଙ୍କାନାଳ ୭୫୬, କଳାହାଣ୍ଡି ୬୨୩, ବରଗଡ଼ ୭୪୨, ଝାରସୁଗୁଡ଼ା ୪୮୧, ଅନୁଗୋଳ ୪୬୪ , ନବରଙ୍ଗପୁର ୪୩୭, ସୋନପୁର ୨୬୭, ବୌଦ୍ଧ ୨୫୨, ନୂଆପଡ଼ା ୨୧୩ ଓ ଦେବଗଡ଼ ୧୧୯ ଛୁଇଁଛି। ଅନ୍ୟପକ୍ଷରେ ପ୍ରତିଦିନ ମଧ୍ୟ ବହୁ ସଂଖ୍ୟାରେ କରୋନା ରୋଗୀ ଆରୋଗ୍ୟ ହେଉଛନ୍ତି। ଶେଷ ଦିନକରେ ୧୪୨୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୩୭,୯୦୦କୁ ବୃଦ୍ଧି ପାଇଛି। ସୁସ୍ଥଙ୍କ ମଧ୍ୟରେ ଗଞ୍ଜାମଞ୍ଜରୁ ୨୫୫ଜଣ ରହିଥିବାବେଳେ ଖୋର୍ଦ୍ଧା ୨୨୮, ଗଜପତି ୧୩୯, ବଲାଙ୍ଗୀର ୧୦୦, ସମ୍ବଲପୁର ୯୫, କଟକ ୭୧, ସୁନ୍ଦରଗଡ଼ ୫୭, ପୁରୀ ୪୫, ଭଦ୍ରକ ୪୪, ରାୟଗଡା ୪୨, ଢେଙ୍କାନାଳ ୩୭, କନ୍ଧମାଳ ୩୬, ମାଲକାନଗିରି ୩୩, କେନ୍ଦୁଝର ୩୦, କୋରାପୁଟ ୨୯, ବୌଦ୍ଧ ଓ ନୟାଗଡରୁ ୨୮ଜଣ ଲେଖାଏ, ଝାରସୁଗୁଡା ୨୧, ମୟୂରଭଞ୍ଜ ୨୦, ସୋନପୁର ୧୯, ଜଗତ୍‌ସିଂହପୁର ୧୮, ବୋଲଶ୍ୱର ୧୩, ବରଗଡ ୧୨, କଳାହାଣ୍ଡି ୧୦, କେନ୍ଦ୍ରାପଡା ୭, ଯାଜପୁର ୪ ଓ ନବରଙ୍ଗପୁରରୁ ଜଣେ ରହିଛନ୍ତି।

# ଗଞ୍ଜାମରେ ଏକ ତୃତୀୟାଂଶ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି

**ଭୁବନେଶ୍ୱର ୧୩।୮(ବ୍ୟୁରୋ)**

- ଦ୍ୱିତୀୟ ପର୍ଯ୍ୟାୟ ସେରୋ ସର୍ଭେ ଖୁବ୍‌ଶୀଘ୍ର ଆରମ୍ଭ
- କଟକ ସହର, ଗଜପତି ଓ ରାଉରକେଲାରେ ହେବ ସର୍ଭେ

ଗଞ୍ଜାମର ଏକ ତୃତୀୟାଂଶ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି। ନିକଟରେ ଶେଷ ହୋଇଥିବା ପ୍ରଥମ ପର୍ଯ୍ୟାୟ ସେରୋ ସର୍ଭିଲାନ୍ସରୁ ଏହା ଜଣାପଡ଼ିଛି। ବ୍ରହ୍ମପୁରରେ ଗତ ୩ରୁ ୭ ତାରିଖ ମଧ୍ୟରେ ହୋଇଥିବା ସେରୋ ସର୍ଭେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବାବେଳେ ସେଥିରୁ ଏହା ସ୍ପଷ୍ଟ ହୋଇଥିବା ଆରଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ଗୁରୁବାର ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସୂଚନା ଦେଇ ସଂଘମିତ୍ରା କହିଛନ୍ତି, ବ୍ରହ୍ମପୁରରେ ୫ଟି ଟିମ୍ ଦ୍ୱାରା ସେରୋ ସର୍ଭେ କରାଯାଇଥିଲା। ସମ୍ପ୍ରଦାୟ ତଥା ବିଭିନ୍ନ ଶ୍ରେଣୀର ଲୋକଙ୍କଠାରୁ ନମୁନା ସଂଗ୍ରହ ହୋଇଥିଲା। ୫ ବସ୍ତି ଓ ବହୁ ସମ୍ବେଦନଶୀଳ ଅଞ୍ଚଳରୁ ନମୁନା ସଂଗ୍ରହ କରାଯାଇ ୨୮୩୦ ଲୋକଙ୍କ ଆଣ୍ଟିବଡ଼ି ଟେଷ୍ଟ କରାଯାଇଥିଲା। ଏଥିମଧ୍ୟରୁ ୩୧% ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି। ୱାର୍ଡସ୍ତରରେ ସଂଗୃହୀତ ନମୁନା ମଧ୍ୟରୁ କିଛି ୱାର୍ଡରେ ୭୦ ଓ ଆଉକିଛି ୱାର୍ଡରେ ୬୦ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି। ଏହାଛଡ଼ା ୪ ୱାର୍ଡରେ ୫୦% ଲୋକଙ୍କଠାରେ ଆଣ୍ଟିବଡି ଡେଭଲପ୍ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ସ୍ଥିତି ସୁଧୁରୁଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ନମୁନା ସଂଗ୍ରହ ଆରମ୍ଭ ବେଳକୁ ଭଲ ଖବର ମିଳିବ। ଗଞ୍ଜାମରେ ପୁନର୍ବାର ନମୁନା ସଂଗ୍ରହ ସମ୍ପର୍କରେ ସେ କହିଛନ୍ତି। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଏମ୍‌ଆର୍‌ସି ଦ୍ୱାରା ବିଭିନ୍ନ ଜିଲାରେ ସେରୋ ସର୍ଭିଲାନ୍ସ ହୋଇଛି। ପ୍ରଥମେ ପୁରୀ, ପରେ ଭୁବନେଶ୍ୱର ଓ ନିକଟରେ ଗଞ୍ଜାମରେ ପ୍ରଥମ ପର୍ଯ୍ୟାୟ ସର୍ଭେ ସରିଛି। ବର୍ତ୍ତମାନ କଟକ ଜିଲାର ବଡ଼ମ୍ବା ଓ ନରସିଂହପୁରରେ ସର୍ଭେ ଜାରି ରହିଛି। ଆଗକୁ କଟକ ସହର, ଗଜପତି ଓ ରାଉରକେଲାରେ ସର୍ଭେ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନେ ଗଲେ**
**ଯୁଗେ ଯାଏ।**
ଗରିବ ହେଲେ ଅନେକ ଦୁଃଖ କଷ୍ଟ ସହ୍ୟ କରିବାକୁ ପଡେ। ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡେ। ଦୁଃଖୀ ଦରିଦ୍ର ଲୋକଙ୍କର ଅଭାବ ଅନଟନ ଚିର ସହଚର। ଢୋକେ ପି ଦଣ୍ଡେ ଜିଇ ଦିନ ବିତାଇବା ପରି ଦୁଃଖୀ ଲୋକର ଦିନେ କଟିଗଲେ ଯୁଗ ଗଲା ଭଳି ଲାଗେ। ଖାଇ ପିଇ କୌଣସି ମତେ ଜିଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦଳ ଛଡାଇଲେ କିଏ ?**
**କଉ ଖାଇଲେ କିଏ ?**
କଷ୍ଟ ସହିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ୨୦ ସୁଦ୍ଧା ଦୈନିକ ୫୦ ହଜାର ଟେଷ୍ଟ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

କରୋନା ମୁକାବିଲାକୁ ରାଜ୍ୟ ସରକାର ଆହୁରି ବ୍ୟାପକ କରିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୪୦ ହଜାରରୁ ଅଧିକ କୋଭିଡ୍ ଟେଷ୍ଟ କରାଯାଇଛି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇ କହିଛନ୍ତି, ରାଜ୍ୟରେ କ୍ରମାଗତ ଭାବେ ଗତ ୪ଦିନ ହେବ ଟେଷ୍ଟ ପରିମାଣ ବୃଦ୍ଧି ହୋଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ଦୈନିକ ୫୦ ହଜାରରୁ ଅଧିକ ଟେଷ୍ଟ କରାଯିବ। ଏଥିମଧ୍ୟରେ ଆର୍‌ଟି ପିସିଆର, ଆଣ୍ଟିଜେନ୍ ଓ ଟ୍ରୁନେଟ୍ କୋଭିଡ୍ ଟେଷ୍ଟ ଆଦି ରହିଛି। ଟେଷ୍ଟ ସଂଖ୍ୟା ଯେତେ ପରିମାଣରେ ବୃଦ୍ଧିପାଇବ ପଜିଟିଭ୍ ସଂଖ୍ୟା ସେତେ ଅଧିକ ରହିବାର ଆଶଙ୍କା ରହିଛି। ଏନେଇ ଚିନ୍ତିତ ନ ହୋଇ ରାଜ୍ୟ ସରକାରଙ୍କୁ ସହଯୋଗ କରିବାକୁ ଜେନା ଜନସାଧାରଣଙ୍କୁ ନିବେଦନ କରିଛନ୍ତି।



୭୪ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍।

# ଓୟୁଏଟି ଓ ଆଇଆଇଟି ଦିଲ୍ଲୀ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏବଂ ଆଇଆଇଟି ଦିଲ୍ଲୀ ମଧ୍ୟରେ ଗୁରୁବାର ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା କୃଷି କ୍ଷେତ୍ରରେ ସେନ୍‌ସର ବ୍ୟବହାର, ପ୍ରିସିସିଅନ ଫାର୍ମ, ଜିଓସ୍ପାସିଆଲ ଜ୍ଞାନକୌଶଳ ବ୍ୟବହାର, ନାନୋ ଟେକ୍ନୋଲୋଜି ଏବଂ ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଆଦି ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ଉଚ୍ଚତର ଗବେଷଣା କରିବା ସୁବିଧାଜନକ ହୋଇପାରିବ। ବିଶେଷକରି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ବୈଜ୍ଞାନିକମାନେ ଆଇଆଇଟି ଦିଲ୍ଲୀଠାରେ ଥିବା ଗବେଷଣାଗାରରେ କାର୍ଯ୍ୟ କରିବା ପାଇଁ ସୁଯୋଗ ପାଇବେ। ଏଥିସହିତ ଗ୍ରାମାଞ୍ଚଳର କୃଷକମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଆଇଆଇଟି ଦିଲ୍ଲୀର ବୈଜ୍ଞାନିକମାନେ ମଧ୍ୟ ଓୟୁଏଟି ସହିତ କାର୍ଯ୍ୟ କରିପାରିବେ। ଏହି ବୁଝାମଣା ପତ୍ରରେ ଓୟୁଏଟି ପକ୍ଷରୁ କୁଳପତି ଡ. ପୱନ କୁମାର ଅଗ୍ରୱାଲ ସ୍ୱାକ୍ଷର କରିଥିବାବେଳେ ଆଇଆଇଟି ଦିଲ୍ଲୀ ତରଫରୁ ଏହାର ନିର୍ଦ୍ଦେଶକ ଡ. ଭି. ରାମ ଗୋପାଳ ରାଓ ସ୍ୱାକ୍ଷର କରିଛନ୍ତି। କୃଷି ଗବେଷଣା ଓ ଶିକ୍ଷାଦାନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବା ସହିତ କୃଷକଙ୍କ ଅନେକ ସମସ୍ୟା ସମାଧାନ କ୍ଷେତ୍ରରେ ଏହି ବୁଝାମଣା ସହାୟକ ହୋଇପାରିବ ବୋଲି କୁଳପତି କହିଛନ୍ତି।

# ସ୍ୱାମୀଙ୍କୁ କୁରାଢ଼ିରେ ହାଣି ହତ୍ୟା

**ବାଲିକୁଦା, ୧୩।୮(ସ୍ୱ.ପ୍ର.)**

## ପାରିବାରିକ କଳହର କରୁଣ ପରିଣତି

ପାରିବାରିକ କଳହ ଯୋଗୁ ସ୍ୱାମୀଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି ସ୍ତ୍ରୀ। ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଅରିଲୋ ପଞ୍ଚାୟତ ସଦେଇପୁର ଗାଁରେ ବୁଧବାର ବଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗୁରୁବାର ପୋଲିସ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ-୧୭୬/୨୦) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଏସ୍‌ଆଇ ପୀତାମ୍ବର ମୁଦୁଲି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ, ଗାଁର ପୀତାମ୍ବର ସାମଲଙ୍କ ସାନ ପୁଅ ସୁଶାନ୍ତ ଓରଫ୍ କାଳିଆ(୩୦) ଅରିଲୋ ଗାଁର ଲକ୍ଷ୍ମୀଧର ସେଠୀଙ୍କ ଝିଅ କବିତାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଫଳରେ ଏମାନେ ଘରୁ ଚାଲି ଆସି ଅରିଲୋ ପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖେ ଘର କରି ରହିଥିଲେ। ଏମାନଙ୍କର ୧୦ ଓ ୮ ବର୍ଷର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ଏମାନଙ୍କ ମଧ୍ୟରେ ସବୁବେଳେ କଳି ଲାଗି ରହୁଥିବାରୁ ପିଲା ଦୁଇଟିଙ୍କୁ ବଡ଼ବାପା ଓ ବଡ଼ ମା' ନେଇ ରଖୁଥିଲେ। ରାତିରେ ଉଭୟ ଦମ୍ପତି ଘରେ ଥିଲେ। କାଳିଆ ଶୋଇ ପଡିବା ପରେ କବିତା ଏକ କୁରାଢି ଆଣି ତାଙ୍କ କାନମୁଣ୍ଡାକୁ ଏକ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ କାଳିଆଙ୍କ ମୃତ୍ୟୁ ଘଟିଥିଲା। ସେତେବେଳକୁ ରାତି ପ୍ରାୟ ୨ଟା ହୋଇଥିଲା। ଘଟଣା ପରେ କବିତା କୁରାଢ଼ିକୁ ନେଇ ପୋଖରୀରେ ଫିଙ୍ଗି ଦେଇଥିଲେ। ଖବର ପାଇ ଗୁରୁବାର ବାଲିକୁଦା ଥାନାଧିକାରୀ ସର୍ବେଶ୍ୱର ବେହେରା ପହଞ୍ଚି କବିତାଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି। ହତ୍ୟାରେ ବ୍ୟବହୃତ କୁରାଢିକୁ ଜବତ କରାଯାଇଛି। ପରେ ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁସନ୍ଧାନ କରିଛନ୍ତି। କବିତା ସ୍ୱାମୀଙ୍କୁ ଏକା ହତ୍ୟା କରିଛନ୍ତି କି ଏଥିରେ ତାଙ୍କୁ କେହି ସାହାଯ୍ୟ କରିଛନ୍ତି ତାକୁ ନେଇ ପୋଲିସ ଖୋଳ ତାଡ଼ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାରୁ...

### ଖାତାରେ ଅଢ଼େଇ କୋଟି, ...

ବିଭିନ୍ନ ସମସ୍ୟା ସାମ୍ନା କରୁଥିଲେ। ଏହାକୁ ଧ୍ୟାନରେ ରଖି ସରକାର ନିୟମକୁ କୋହଳ କରିବା ସହ ଟିକସଦାତାଙ୍କୁ ଖୁସି କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ମୋଦି ପୁଣି କହିଛନ୍ତି , ସରକାର 'ବିବାଦ ସେ ବିଶ୍ୱାସ ସ୍କିମ୍' ଆଣିଛନ୍ତି। ଏହା ଦ୍ୱାରା କୋର୍ଟ ବାହାରେ ଅନେକ ମାମଲା ସମାଧାନ ହୋଇପାରୁଛି। ଖୁବ୍ କମ୍ ସମୟ ମଧ୍ୟରେ ପ୍ରାୟ ୩ ଲକ୍ଷ ମାମଲା ସମାଧାନ କରାଯାଇଛି। ସାମଗ୍ରୀ ଓ ସେବା ଟିକସ ମିଶ୍ରଣ ଦ୍ୱାରା ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଟିକସ ଏହା ମଧ୍ୟରେ ବିଲୀନ ହୋଇଛି। ଟିକସ ବ୍ୟବସ୍ଥାକୁ ନିରନ୍ତର, ଫେସ୍‌ଲେସ୍ ଏବଂ କଷ୍ଟଶୂନ୍ୟ କରାଯାଇଛି। ଟିକସ ସ୍ଲାବ୍‌ରେ ପରିବର୍ତ୍ତନ, କର୍ପୋରେଟ ଟିକସ ହ୍ରାସ, ଅପହଞ୍ଚ ଇଲାକାକୁ ବ୍ୟାଙ୍କ ସେବା ଯୋଗାଣ ଉପରେ ସରକାର କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରୁଛନ୍ତି। ୨୦୨୦-୨୧ ବଜେଟ ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟାକ୍ସପେୟର୍ସ ଚାର୍ଟର ସମ୍ପର୍କରେ ଘୋଷଣା କରିଥିଲେ।


# classifieds Everyday
0674-2580101, 2549302



**SALE**

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142

3' boundary developed gharabari plot near Synergy College, Phulnakhara. 9937166932. D-69327

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69328

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

**Plot for immediate sale at Saheed Nagar, Ashok Nagar, Jhadapada, Palasuni (200 meters from NH) & Mancheswar, Bhubaneswar, buyers Contact- DEEPAK- 9937329999.** D-69901



2BHK ground floor 8500, 9000 near Patia Chowk. 9658197163. D-17951

2BHK vacant at Madhusudan Nagar, Nicco Park lane Bhubaneswar. 8270887551, 8114791744. D-68361

3BHK flat 3Bedrooms, 3Toilets, 3Balcony, Parking near ITER College, main road, Bhubaneswar. 9437705858. D-67758

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



Herbal full body massage by smart / expert therapist. Contact: 8338067247. D-69719

Newly open SPA Centre full body massage Bamikhal, Bhubaneswar. 7205187702. D-59955

Newly open SPA centre full body massage, Rasulgarh, Bhubaneswar. 7846814019. D-59956

Get refreshment body massage by expert therapist contact for. 9556978408. D-69718

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପୂର୍ଣ୍ଣତିଥି ଦଶମୀର ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅପୂର୍ଣ୍ଣ ରହିବନାହିଁ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅଶ୍ୱିନୀ ନକ୍ଷତ୍ର କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବେ। ଦ୍ୱାଦଶସ୍ଥ ମଙ୍ଗଳ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ବୃଦ୍ଧି କରିବ।

**ବୃଷ**
ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି । ପରକଥାରେ ମୁଣ୍ଡ ପୂରାଇ କାମକଲେ ଅସୁବିଧାର ସମ୍ମୁଖୀନ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅଧିକାଂଶ ସମୟ ନିଃସଙ୍ଗତାବୋଧ କରିପାରନ୍ତି।

**ମିଥୁନ**
ଶନିଦୃଷ୍ଟ ରବି ଓ ବୁଧ ପ୍ରଭାବରେ ଅର୍ଥ ସାହାଯ୍ୟ ଦେବା ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିସୂଚକ କଥା କହିବେ। ପରିଜନଙ୍କ ଗହଣରେ ଆମୋଦ ପ୍ରମୋଦର ମଉକା ଜୁଟିବ। କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଖୋଜୁଥିବା ଜିନିଷ ହଠାତ୍ ପାଇଯିବାର ସୂଚନା ରହିଛି।

**କର୍କଟ**
ରାହୁଯୁକ୍ତ ଶୁକ୍ରପ୍ରଭାବରେ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ଟେନ୍ସନ କିଛି ମାତ୍ରାରେ କମିଯିବ।

**ସିଂହ**
ବ୍ୟୟଭାବସ୍ଥ ଧନାଧିପ ଯୋଗୁ ଅଭାବ ଅନଟନ ମଧ୍ୟରେ ନିଜକୁ ଅଣନିଃଶ୍ୱାସୀ ମନେକରିବେ। ସରକାରୀ କାମରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲାର ଶୁଣାଣିରେ ବିଳମ୍ବ ଅସ୍ଥିରତାକୁ ବଢାଇ ଦେଇପାରେ। ପ୍ରକାଶନ, ପ୍ରଶାସନ, ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କନ୍ୟା**
କର୍ମସ୍ଥ ପାପଗ୍ରହଜନିତ ସମସ୍ତ କାମ ବହୁତ ଝିନ୍‌ଝଟ ମଧ୍ୟରେ ହିଁ ସମ୍ପନ୍ନ ହେବ। ଚିତ୍ରା ନକ୍ଷତ୍ରର ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**
କର୍ମାଧିପ ଅଷ୍ଟମଭାବସ୍ଥ ଯୋଗୁଁ ପରିସ୍ଥିତି ଜଟିଳ ହେଲେ ମଧ୍ୟ ଆପଣଙ୍କର କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଚନ୍ଦ୍ରପ୍ରଭାବରୁ ବିନୟ ପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ତଥାପି ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ସବୁ ଆଡକୁ ନଜର ଦେଇ କାମ କରିବା ଭଲ ହେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି । ଭଲ କଥା କହିଲେ ମଧ୍ୟ ପରିବାର ସଦସ୍ୟାମାନେ ତାହାର କଦର୍ଥ କରିପାରନ୍ତି। ସହଯୋଗ ଅଭାବରୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ଧନୁ**
ବିପରୀତ ରାଜଯୋଗ ପ୍ରଭାବରୁ ମାନସିକ ସ୍ଥିତି ସୁଦୃଢ ରହିବ ଓ କାମ ହାସଲରେ କିଛି ଅସୁବିଧା ହେବନାହିଁ। ବୃତ୍ତିଗତ ଧନ୍ଦା ,ଆଇନଅଦାଲତ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ। ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ।

**ମକର**
ଅତୀତ କଥାକୁ ଚିନ୍ତା କରି ଭାବପ୍ରବଣତା ବୃଦ୍ଧିପାଇବା ଯୋଗୁ ମାନସିକ ଭାରସାମ୍ୟ ହରାଇବେ। ପାପଗ୍ରହଯୁକ୍ତ କର୍ମାଧିପତି ଯୋଗୁ କର୍ମ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ମନଭୁଲାଣିଆ କଥା କହି ପଡୋଶୀ ସ୍ୱାର୍ଥସାଧନ କରିବେ । ସହମତି ଭିତ୍ତିରେ ଯାହାକଲେ ମଧ୍ୟ ସଫଳତା ମିଳିପାରିବ।

**କୁମ୍ଭ**
କର୍ମାଧିପ ଧନସ୍ଥ ହେତୁ ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଦୃଢ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କଲେ ମଧ୍ୟ ଆପଣଙ୍କର କୌଣସି କ୍ଷତି ହେବନାହିଁ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ଆସିପାରେ।

**ମୀନ**
ଶୁକ୍ର ପାପଗ୍ରହ ରାହୁଯୁକ୍ତ ହେତୁ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବାର ଆଶଙ୍କା ରହିଛି। ସାମାଜିକ ଜୀବନର ଦୈନିକଚର୍ଯ୍ୟା ମଧ୍ୟରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ପୂର୍ଣ୍ଣ ଆଶା ରହିଛି। ବାଣିଜ୍ୟ,ବ୍ୟବସାୟ, ଭ୍ରମଣ ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

ଆଜି ଭାଦ୍ରବ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ବଣଭୋଜି ବେଶ, କୋଳିବିକା ଏବଂ ବକା ଓ ଅଘାସୁର ବଧ ପ୍ରସ୍ତାବ, ଅଗଷ୍ଟ ୧୪ ତାରିଖ, ରାଶିନକ୍ଷତ୍ର-ମୃଗଶିରା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ୦୫.୩୦ମି. ଗତେ ଘ.୦୬.୨୧ମି. ମଧ୍ୟେ, ଘ ୦୭.୧୨ମି. ଗତେ ଘ.୦୯.୪୫ମି. ମଧ୍ୟେ, ଘ.୧୨.୧୬ମି. ଗତେ ଘ.୦୨.୪୮ମି. ମଧ୍ୟେ, ଘ.୦୪.୩୦ମି. ଗତେ ଘ.୦୬.୧୨ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୪୨ମି. ଗତେ ଘ.୦୯.୧୨ମି. ମଧ୍ୟେ, ରାତ୍ରି ଘ.୦୧.୪୩ମି. ଗତେ ଘ.୦୩.୧୪ମି. ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯.୧୨ମି. ଗତେ ଘ.୦୯.୫୮ମି. ମଧ୍ୟେ, ଘ.୦୩.୧୪ମି.ଗତେ ଘ.୦୪.୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୬ମି.ଗତେ ଘ.୧୧.୫୧ମି.ମଧ୍ୟେ ରାହୁକାଳ।

# ସଂକ୍ଷେପରେ

## +୨ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନ, ୧୩।୮ (ଡି.ଏନ.ଏ.):** ପରୀକ୍ଷାରେ ଅକୃତକାର୍ଯ୍ୟ ହେବାରୁ ମାନସିକ ଭାରସାମ୍ୟ ହରାଇ ଜଣେ ଯୁକ୍ତ ୨ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧୀନ ୩ନଂ. ୱାର୍ଡ ଗୋଡିପାଟଣାର ଶ୍ରୀଧର ଦାସଙ୍କ ପୁଅ ବୁଲୁ (୧୯)। ଶ୍ୟାମଳ ଜଙ୍ଗଲରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଞ୍ଚଳବାସୀଙ୍କ କହିବା କଥା, ବୁଲୁ ଜଣେ ଭଲ ଛାତ୍ର ଥିଲେ। ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସେ ଭଲ କରିବେ ବୋଲି ଆଶା ବାନ୍ଧିଥିଲେ। ହେଲେ ରେଜଲ୍ଟରୁ ଫେଲ୍ ହୋଇଯାଇଥିବା ଜାଣିବାପରେ ଭାଙ୍ଗିପଡ଼ିଥିଲେ। ଫୋନ୍ ଧରି ଘରୁ କୁଆଡ଼େ ପଳାଇ ଯାଇଥିଲେ। ଶ୍ରୀଧର କାମରୁ ଫେରିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ବୁଲୁଙ୍କ ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ବୁଲୁଙ୍କ ଫୋନ୍କୁ ଟ୍ରାକିଂ କରି ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳେ ତାଙ୍କ ମୃତଦେହ ଗଛରେ ଝୁଲୁଥିଲା।

## ବଦଳିପାରେ ଡିଏମ୍ଏଫ୍ ନିୟମ

**ନୂଆଦିଲ୍ଲୀ, ୧୩।୮:** କେନ୍ଦ୍ର ସରକାର ଡିଏମ୍ଏଫ୍ ( ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ) ନିୟମରେ କେତେକ ପରିବର୍ତ୍ତନ ଆଣିବା ଲାଗି ବିଚାର କରୁଛନ୍ତି। ସବୁ ରାଜ୍ୟରେ ସମାନ ପାଣ୍ଠି ବିନିଯୋଗ କରିବା ଲାଗି ଏକକ ନୀତି ପ୍ରଣୟନ କରିବା ସପକ୍ଷରେ କେନ୍ଦ୍ର ସରକାର ଅଛନ୍ତି। ରାଜ୍ୟର ଜିଲାସ୍ତରରେ ଥିବା ଏହି ସଂସ୍ଥା ଖଣି ଉତ୍ତୋଳନ ଦ୍ୱାରା ପ୍ରଭାବିତ ହେଉଛି। ଏଥିଲାଗି ଖଣି ମନ୍ତ୍ରଣାଳୟ ପକ୍ଷରୁ ଏଥିରେ ସଂସ୍କାର ଆଣିବା ଓ ନିଯୁକ୍ତି ବୃଦ୍ଧିକରିବା ଲାଗି ପ୍ରୟାସ କରାଯାଉଛି। ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବାବେଳେ ରାଜ୍ୟଗୁଡ଼ିକ ଏଥିଲାଗି ନିଜେ ଆଇନ କରିଛନ୍ତି। ଫଳରେ ତାଳମେଳ ରହୁନାହିଁ। ନିୟମରେ କେତେକ ପରିବର୍ତ୍ତନ କରାଯାଇ ଖଣିଜ ସମ୍ପଦ ଭରା ଜିଲାରେ ଡିଏମ୍ଏଫ୍ ପାଣ୍ଠିରେ ସଡ଼କ, ରାସ୍ତା, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ ବିକାଶ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଲଘୁଚାପ: ୪ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

### ଜିଲାପାଳଙ୍କୁ ସତର୍କ ରହିବାକୁ ଏସ୍ଆର୍ସିଙ୍କ ନିର୍ଦ୍ଦେଶ

ଓଡ଼ିଶା ଉପକୂଳ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଏବଂ ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଗଞ୍ଜାମ, ପୁରୀ, ଗଜପତି, ଜଗତ୍ସିଂହପୁର, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ସମ୍ବଲପୁର ଏବଂ ଦେବଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ୧୫ ତାରିଖରେ ମାଲକାନଗିରି, ପୁରୀ, ଜଗତ୍ସିଂହପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଏବଂ ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହିସବୁ ଜିଲାପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଦିନ ଗଞ୍ଜାମ, କୋରାପୁଟ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ସୁବର୍ଣ୍ଣପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଏବଂ ବରଗଡ଼ ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖ ଓ ୧୭ ତାରିଖରେ ମଧ୍ୟ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଲଘୁଚାପ ଯୋଗୁ କେତେକ ସ୍ଥାନରେ ଜଳମଗ୍ନ ହେବା ସହ ବନ୍ୟା ଆଶଙ୍କା ରହିଛି। ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଏ ନେଇ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଲେଖାଯାଇଛି। ରାଜ୍ୟରେ ଏବେ ମଧ୍ୟ ବର୍ଷା ସ୍ୱାଭାବିକ ଠାରୁ କମ୍ ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୧୩ ମଧ୍ୟରେ ରାଜ୍ୟରେ ୧୪% କମ୍ ବର୍ଷା ହୋଇଛି। ଏହି ସମୟରେ ସର୍ବାଧିକ ୭୨୫.୬% ବର୍ଷା ହେବା ଜାଗାରେ ହୋଇଛି ୬୨୨.୪ ପ୍ରତିଶତ।

# ପୂର୍ବତନ ଆୟୁଷ ନିର୍ଦ୍ଦେଶକ ବିଭୁ ଷଡ଼ଙ୍ଗୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)



ବିଭୁ ଷଡ଼ଙ୍ଗୀ

ବିବାଦ ଘେରରେ ରହିଥିବା ପୂର୍ବତନ ଆୟୁଷ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଧିକାରୀ ବିଭୁ ପ୍ରସାଦ ଷଡ଼ଙ୍ଗୀଙ୍କୁ ଗୁରୁବାର ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଜଣେ ମହିଳା ସହକର୍ମୀଙ୍କୁ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିବା ମାମଲାରେ ତାଙ୍କୁ କ୍ୟାପିଟାଲ ଥାନା ପୋଲିସ ଜୁଲାଇରେ ଗିରଫ କରିଥିଲା। ଏହା ପରେ ସରକାର ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ସେ ସ୍ୱତନ୍ତ୍ର ସଚିବ ପାହ୍ୟାର ଜଣେ ଅଫିସର ଥିଲେ।

ତାଙ୍କୁ ଜୁଲାଇ ୧୩ରେ ଭାରତୀୟ ପିଙ୍ଗଳ କୋଡ ଦଫା ୩୫୪ ଏବଂ ଆଇଟି ଆକ୍ଟର ଧାରା ୬୭ ଅନୁଯାୟୀ ଗିରଫ କରାଯାଇଥିଲା। ପରେ ସେ କୋର୍ଟରୁ ଜାମିନ ପାଇଥିଲେ। ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପ୍ରାଥମିକ ତଦନ୍ତରେ ମହିଳା ସହକର୍ମୀଙ୍କ ପ୍ରତି ଷଡ଼ଙ୍ଗୀଙ୍କ ଆଚରଣ ବ୍ୟକ୍ତିଗତ ଶାଳୀନତା ଉଲ୍ଲଂଘନକୁ ଦର୍ଶାଉଛି। ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରି ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି।



# ନନ୍ଦିଘୋଷ ରଥ ଖୋଲା ଆରମ୍ଭ

**ପୁରୀ ଅଫିସ, ୧୩।୮:** ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଖୋଲା କାମ ଜାରି ରହିଛି। ବୁଧବାର ବଡଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଖୋଲା ଶେଷ ପରେ ଗୁରୁବାରଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଖୋଲା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଁଳା, କଳସ, ଓଲଟଶୁଆ, ଖପୁରି, ପାରାଭାଡ଼ି, ବଡ଼ ପୋଟଳ, ଖୋଲାଯାଇଛି। ୧୫ଜଣ ଭୋଇ ସେବକ, ୯ କମାର ସେବକ ଏବଂ ତିନିରଥର ମୁଖ୍ୟ ମହାରଣା ଏହି କାମରେ ଲାଗିଛନ୍ତି। ଅନ୍ୟପକ୍ଷେ ତାଳଧ୍ୱଜ ରଥର ଖୋଲାଯାଇଥିବା ସବୁ ଅଂଶକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ସୂଚନାଥାଉ କି, ଚଳିତବର୍ଷର ତିନିରଥ ଭଙ୍ଗାଯିବ ନାହିଁ। ୨୦୨୦ ମସିହା ଐତିହାସିକ ରଥଯାତ୍ରାର ସ୍ମୃତି ସ୍ୱରୂପ ତିନିରଥକୁ ସଂରକ୍ଷଣ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ରଥଗୁଡ଼ିକୁ ବର୍ଷତମାମ୍ ଦେଖିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ତିନିରଥ ଖୋଲା ଯିବା ପରେ ଏହାକୁ ଜଗନ୍ନାଥ ବଲ୍ଲଭ ପରିସରରେ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ।

## ପିଟିଆଇ ବ୍ୟୁରୋ ଚିଫ୍ଙ୍କ ମୃତଦେହ ଉଦ୍ଧାର

ରାଞ୍ଚି, ୧୩।୮

ପିଟିଆଇ ନ୍ୟୁଜ୍ ଏଜେନ୍ସିର ବ୍ୟୁରୋ ଚିଫ୍ ପି.ଭି. ରାମାନୁଜମ୍ଙ୍କ ମୃତଦେହ ଗୁରୁବାର ତାଙ୍କ ବାସଭବନରୁ ଉଦ୍ଧାର କରାଯାଇଛି। ଘରେ ତାଙ୍କ ମୃତଦେହକୁ ସିଲିଂ ଫ୍ୟାନ୍ରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବା ପୋଲିସ କହିଛି। ଗତ କିଛିଦିନ ହେବ ସେ ଚାପଗ୍ରସ୍ତ ଥିଲେ ବୋଲି ତାଙ୍କ ସହଯୋଗୀମାନେ କହିଛନ୍ତି। ସ୍ତ୍ରୀ ଓ ପୁଅ ସହ ସେ ରହୁଥିଲେ। ରାଜଭବନ ନିକଟ ଏକ ସରକାରୀ ବିଲ୍ଡିଂରେ ରାଞ୍ଚି ପିଟିଆଇ ଅଫିସ୍ ଅଛି। ବୁଧବାର ରାତିରେ ରାମାନୁଜମ୍ ନିଜ ଚାମ୍ବରକୁ ଯିବାର ସହକର୍ମୀମାନେ ଦେଖିଥିଲେ। ହେଲେ ଗୁରୁବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରାଯାଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ କେନ୍ଦ୍ରୀୟ ଅନୁସୂଚିତ ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ରାମାନୁଜମ୍ଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାମାନୁଜମ୍ଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।

## ସ୍କୁଲରେ ସ୍ୱାଧୀନତା ଦିବସ ପାଇଁ ନିର୍ଦ୍ଦେଶନାମା

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

- ବିନା ଛାତ୍ରୀଛାତ୍ରରେ କାର୍ଯ୍ୟକ୍ରମ ହେବ
- ଯୋଗଦେବେନି ୧୦ରୁ ଅଧିକ
- ଖାଦ୍ୟ ପୁଡ଼ିଆ ମନା

ରାଜ୍ୟର ସବୁ ବିଦ୍ୟାଳୟରେ କିପରି ସ୍ୱାଧୀନତା ଦିବସ ପାଳନ କରାଯିବ ସେନେଇ ସରକାର ଗୁରୁବାର ଗାଇଡ୍ଲାଇନ ଜାରି କରିଛନ୍ତି। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସବୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କୁ ଚିଠି ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, ସବୁ ସ୍କୁଲ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ମାତ୍ର ସ୍ୱାଧୀନତା ଦିବସ ସବୁ ସ୍କୁଲରେ ପାଳନ କରାଯିବ। ରାଜ୍ୟରେ ଯେତେ ପ୍ରକାର ସରକାରୀ, ଘରୋଇ ସ୍କୁଲ ଅଛି ସବୁଠାରେ ସମାନ ନିୟମ ମାନି ସ୍ୱାଧୀନତା ଦିବସ ପାଳିବେ। କୌଣସି ଛାତ୍ରୀଛାତ୍ର ସ୍କୁଲ ଆସିବେ ନାହିଁ। କେବଳ ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକମାନେ ସବୁ ପ୍ରକାର କରୋନା ନିୟମକୁ ମାନି ମାସ୍କ ପିନ୍ଧିବା ସହିତ ସାନିଟାଇଜର ବ୍ୟବହାର କରି ପତାକା ଉତ୍ତୋଳନ କରିବେ। ସ୍କୁଲ ମ୍ୟାନେଜମେଣ୍ଟ କମିଟି (ଏସ୍ଏମ୍ସି)ର ଯେଉଁମାନେ ସଦସ୍ୟ ଅଛନ୍ତି ସେମାନଙ୍କୁ ନିମନ୍ତ୍ରଣ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ କିନ୍ତୁ ୧୦ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। କୌଣସି ଖାଦ୍ୟପୁଡ଼ିଆ ବଣ୍ଟାହେବ ନାହିଁ। କାର୍ଯ୍ୟକ୍ରମ ସକାଳ ୯ରୁ ୧୧ଟା ମଧ୍ୟରେ ଶେଷ ହେବ।





| | ଅନ୍ୟ 100cc ବାଇକ୍ | ପଲ୍ସର୍ 125 |
|---|---|---|
| ଋଣ ରାଶି | ₹56 000/- | ₹72 000/- |
| ଇଏମ୍ଆଇ | ₹2901/- | ₹3 045/- |
| ଅବଧି (ମାସ) | 24 | 30 |

Call 7219821111
visit www.bajajauto.com
Scan for a callback
Finance partners: BAJAJ FINANCE LTD - AF, HDFC BANK We understand your world, IndusInd Bank

*ସର୍ତ୍ତ ଓ ନିୟମାବଳୀ ଲାଗିବ । 31 ଅଗଷ୍ଟ 2020 ପର୍ଯ୍ୟନ୍ତ ଅଫର୍ ବୈଧ । ଅଗ୍ରୀମ ସୂଚନା ବିନା ଯେକୌଣସି ବା ସବୁ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । କ୍ରେଡିଟ୍ ପାରାମିଟର୍ସ ଉପରେ ନିର୍ଭର କରେ । ଋଣ ରାଶି ଓ ଇଏମ୍ଆଇ ରାଶି 100 cc ଓ 125 cc ବାଇକ୍ ସକାଶେ ସୂଚକ ଅଟେ, ଯାହା ଫାଇନାନ୍ସିଅର୍ ଓ ପ୍ରଦେଶ ଉପରେ ନିର୍ଭର କରି, ମଡେଲ ଅନୁସାରେ ଭିନ୍ନ ହୋଇପାରେ । ଇଏମ୍ଆଇ ଅଫର୍ ଜନିତ ବା ସମ୍ପୃକ୍ତ କୌଣସି ବିବାଦ ସକାଶେ ବଜାଜ ଅଟୋ ଦାୟୀ ଧରାଯିବ ନାହିଁ ।

Authorised Dealers for Bajaj Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. Authorised Service Centre: Balianta 9937144926, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 8917443937, Tangi 8984562569, Sakhigopal 9853942290, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Parajang 9178061624, 06768261573, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Mahidharpur 7978559852/9937183086 Bidanasi 943787762222, Athgarh 9937289417, Bidharpur 7008503281, Banki 8895278126, Rambha 7381099445.

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ। ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# କଟକଣା ଶେଷ କର

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ଗତ ସପ୍ତାହରେ ଏହାର ଆର୍ଥିକ ସମୀକ୍ଷା ବୈଠକରେ ଉପଭୋକ୍ତାମାନଙ୍କ ପାଇଁ ସେମାନଙ୍କର ଏବକାର ଋଣର ପରିଶୋଧ ଉପରେ ପୂର୍ବରୁ ଘୋଷଣା କରିଥିବା ୬ ମାସିଆ ମୋରାଟୋରିୟମକୁ ନ ବଢାଇବା ପାଇଁ ନିଷ୍ପତ୍ତି ନେଇଛି। ସେମାନେ ପୂର୍ବରୁ ଅଧିକ ଇଏମ୍‌ଆଇ ଉପରେ ମୋରାଟୋରିୟମ ଚାହାନ୍ତି କି ତାହାକୁ ଲଗାତର ଦେବାକୁ ଚାହାନ୍ତି ତା'ଭିତରୁ ଗୋଟିଏକୁ ବାଛିବାକୁ ଲୋକମାନଙ୍କୁ ଅନୁମତି ଦେଇଥିଲେ। ମୋରାଟୋରିୟମ ବନ୍ଦ କରିବା ଆର୍‌ବିଆଇର ଏକ ଠିକ୍ ନିଷ୍ପତ୍ତି। ମୋରାଟୋରିୟମ କେବଳ ଏକ ପ୍ରହେଳିକା ବୋଲି ପୂର୍ବରୁ ଆମେ ଏହି ସ୍ତମ୍ଭରେ ଯୁକ୍ତି ଉପସ୍ଥାପନ କରିଥିଲୁ। ଏହି ଯୋଜନା ଉପଭୋକ୍ତାଙ୍କୁ ସହାୟକ ହେବନି ବୋଲି ନିଶ୍ଚିତ ଥିଲା। ମୋରାଟୋରିୟମ ପାଉଥିବା ଲୋକମାନଙ୍କୁ ମୂଳଧନ ଉପରେ ଅଧିକ ସୁଧ ଦେବାକୁ ପଡୁଥିଲା ଏବଂ ସେମାନଙ୍କ ବାକିଥିବା ଇଏମ୍‌ଆଇର ସୁଧ ଉପରେ ବି ସୁଧ ଦେବାକୁ ପଡୁଥିଲା। ଏହା ବ୍ୟାଙ୍କଗୁଡିକ ପାଇଁ ଲାଭ ନ ଥିଲା, କାରଣ ଲୋକମାନେ ଇଏମ୍‌ଆଇ ଦେଇ ନ ଥିବାରୁ ଋଣ ଖାତାର ବହୁପୃଷ୍ଠା ଖାଲିଥିଲା। ବହୁସଂଖ୍ୟାର ଖିଲାପି ଅର୍ଥ କାରବାରକୁ ପୂରା ବନ୍ଦ କରିଦେଲା ଏପରି କି ଏହା ବ୍ୟାଙ୍କର ଋଣ ପୁସ୍ତିକାରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କଲା। ମାନ୍ଦା ଅର୍ଥବ୍ୟବସ୍ଥାରୁ ମୁକୁଳିବା ପାଇଁ ବ୍ୟାଙ୍କ ସଂଗ୍ରାମ କରୁଛି। ପୁଣି କୋଭିଡ୍-୧୯ ମହାମାରୀ ଅର୍ଥବ୍ୟବସ୍ଥାକୁ ପୂରା ଧ୍ୱଂସ କରିଦେଇଛି। ଏପରି କି ଗତ ବର୍ଷ ଫେବୃୟାରୀଠାରୁ ଆର୍‌ବିଆଇ ରେପୋ ରେଟ୍ ପାଖାପାଖି ୧୫୦ ବେସିସ୍ ପଏଣ୍ଟ କମାଇ ଦେଲେ ବି ଲୋକମାନେ ବ୍ୟାଙ୍କରୁ ଋଣ ଉଠାଇବାକୁ ଉତ୍ସାହୀ ହେଲେ ନାହିଁ। ସାମଗ୍ରିକ ଚାହିଦା ପୂରା କମିଯାଇଥିବାରୁ ଶିଳ୍ପ କାର୍ଯ୍ୟକଳାପ ଶୂନକୁ ଖସି ଆସିଛି। ବ୍ୟାଙ୍କଗୁଡିକ କମ୍ ଲାଭ କରୁଥିବା ବି ଜଣାଇଛନ୍ତି। ଏହି ପୃଷ୍ଠଭୂମିରେ ବହୁ ଇଏମଆଇର ଖିଲାପ ହୁଏତ ବ୍ୟାଙ୍କଗୁଡିକୁ ବିପଦକୁ ଠେଲିଦେବ। ଅତ୍ୟଧିକ ଇଏମ୍‌ଆଇ ଓ ଏହା ଉପରେ ଲାଗୁ କରାଯାଇଥିବା ସୁଧ ଯୋଗୁ ଉପଭୋକ୍ତାମାନେ ଋଣ ପାରିଶୋଧରେ ଖିଲାପ କରିବେ।

## ଆଜିର ଅର୍ଥନୀତି

ଏହାଦ୍ୱାରା ବ୍ୟାଙ୍କଗୁଡିକର ଅନାଦେୟ ଋଣ (ଏନ୍‌ପିଏ) ବୃଦ୍ଧି ପାଇବ। ଏନ୍‌ପିଏ ଅଧିକ ହେଲେ ବ୍ୟାଙ୍କ ଦୁର୍ବଳ ହୋଇଯାଇଥାଏ। ଫଳରେ ଏହା ସରକାରଙ୍କୁ ନଗଦ ଅର୍ଥଦେବାକୁ ବାଧ କରିବ। ଏହିପ୍ରକାରେ ମୋରାଟୋରିୟମ ସମସ୍ତଙ୍କ ପାଇଁ ଏକ କ୍ଷତିକାରକ ଯୋଜନା ଥିଲା। ଏଣୁ ମୋରାଟୋରିୟମ ବନ୍ଦ କରିବା ଏବଂ ବ୍ୟାଙ୍କଗୁଡିକୁ ଋଣଗୁଡିକର ନବୀକରଣ କରି ବଦଳାଇବା,ଋଣଗ୍ରହୀତାମାନଙ୍କୁ ସେମାନଙ୍କ ପରିଶୋଧ ଧାରାର ରେକର୍ଡକୁ ଆଧାରକରି ପ୍ରୋତ୍ସାହିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାର୍ଚ୍ଚ ୩୦, ୨୦୨୦ରେ ଉପଭୋକ୍ତାମାନଙ୍କ ଦେୟ ଇତିହାସକୁ ବିଚାରକୁ ନେବାକୁ ବ୍ୟାଙ୍କଗୁଡିକୁ କୁହାଯାଇଛି। ନୂଆ ନିୟମ କର୍ପୋରେଟ,ଖୁଚୁରା ଉପଭୋକ୍ତା ଏବଂ ଏମ୍‌ଏସଏମଇଏସ୍‌କୁ ସାହାଯ୍ୟ କରିବ ଯେଉଁଠି ଉପଭୋକ୍ତା ତା'ର ଋଣ, ଇଏମ୍‌ଆଇ ପରିମାଣ ଏବଂ ଋଣର ଅବଧିକୁ ବଦଳାଇପାରିବ। ଏହା ଗୃହଋଣ, କାର୍ ଋଣ, ବ୍ୟକ୍ତିଗତ ଋଣ,ଶିକ୍ଷା ଋଣ,ସମ୍ପତ୍ତି ଉପରେ ଋଣ, ବ୍ୟବସାୟ ଋଣ କରିଥିବା ଲୋକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ।

ମୁଦ୍ରାସ୍ଫୀତି ବଢୁଥିବାରୁ ଆର୍‌ବିଆଇ ଏହାର ପୁନଃ ରେଟ୍ କମାଇବା ରୋକି ଦେଇଛି। ସାରାଦେଶରେ ବୃଦ୍ଧି ପାଉଥିବା କୋଭିଡ୍-୧୯ ମହାମାରୀ ବିରୋଧରେ ସଂଗ୍ରାମ କରୁଥିବା ତଥା ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପଦକ୍ଷେପ ନେଉଥିବା କେନ୍ଦ୍ର ସରକାରଙ୍କ ଉପରେ ଏହା ନିଶ୍ଚିତ ଅଧିକ ଚାପ ପକାଇବ। ମାର୍ଚ୍ଚରେ ଲକ୍‌ଡାଉନ ଘୋଷଣା ହେବା ପରଠାରୁ ଅର୍ଥବ୍ୟବସ୍ଥା ମାନ୍ଦା ହୋଇଚାଲିଛି। ଏହାପରେ ଲଗାତର ଲକ୍‌ଡାଉନ ଓ ଶଟ୍‌ଡାଉନ ଅର୍ଥବ୍ୟବସ୍ଥାରେ ଶୀଘ୍ର ସୁଧାର ଆସିବାର ସମସ୍ତ ଆଶାକୁ ଶେଷ କରିଦେଇଛି। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଲକ୍‌ଡାଉନ ଓ ଶଟ୍‌ଡାଉନଗୁଡିକ ଭୂତାଣୁ ସଂକ୍ରମଣ ରୋକିବାରେ ବିଫଳ ହୋଇଛି ଓ ଏହା ଏବେ ୨୨ ଲକ୍ଷ ଟପିଯାଇଛି। ସ୍ୱାଧୀନତା ପରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ସବୁଠୁ କମ୍ ସ୍ତରରେ ପହଞ୍ଚିବାର ସମ୍ଭାବନା ଦେଖାଦେଇଛି। ସରକାର ଅର୍ଥବ୍ୟବସ୍ଥାକୁ କ୍ରିୟାଶୀଳ କରିବାକୁ ଆଉ ଏକ ପ୍ୟାକେଜ ମଧ୍ୟ ପ୍ରସ୍ତୁତ କରିପାରନ୍ତି। ଚାହିଦା ବୃଦ୍ଧି କରିବାକୁ ଅଧିକ ପଦକ୍ଷେପ ନେବାକୁ ସରକାରଙ୍କ ଉପରେ ଚାପ ବଢୁଛି। ଭିତ୍ତିଭୂମି ପ୍ରକଳ୍ପରେ ଅଧିକ ଖର୍ଚ୍ଚ ଏବଂ ଯଥାସମ୍ଭବ ସାମଗ୍ରିକ ସେବା ଟିକସ (ଜିଏସଟି) ହାର କମାଇବା ସରକାରଙ୍କ ପାଇଁ ଅନ୍ୟ ବିକଳ୍ପ ହୋଇପାରେ। ଯେତେବେଳ ଯାଏ ସରକାର ତାଙ୍କ କଟକଣା ନିୟମକୁ ଜାରି ରଖିବେ ସେତେବେଳ ଯାଏ ସରକାର ଏବଂ ଆର୍‌ବିଆଇ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ବ୍ୟର୍ଥ ହେବ। ଚାହିଦା ଫେରିଲେ ହିଁ ଅର୍ଥବ୍ୟବସ୍ଥା ସୁଧୁରିବ। କେବଳ ଲୋକମାନଙ୍କୁ ଚାକିରି ଓ କାମ କରିବାକୁ ଅନୁମତି ଦେଲେ ଏହା ହୋଇପାରିବ। କଟକଣା ଶେଷ ହେଲେ ହିଁ ଅର୍ଥନୀତି ମୁଖ୍ୟସ୍ରୋତକୁ ଫେରିପାରିବ।

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | C | D | | | 4 | | | | 9 | | | |
| | | | B | | | | 2 | | | | 7 | | 0 | 1 |
| | 8 | A | | 6 | | 5 | | | | B | E | | 7 | 2 |
| E | B | | 5 | | | | 6 | | 3 | | A | C | | |
| C | 3 | | 7 | | | | | | | 0 | | 5 | A | |
| | | | 3 | | | | | | | | 1 | | | B |
| | 2 | 9 | | 0 | | | | | | 4 | | | 8 | |
| A | | | | | | 7 | C | 9 | | | | 3 | | |
| 7 | | | 8 | 2 | | | A | | | 5 | | | E | |
| | | 4 | | | | | 3 | 8 | E | | C | | | |
| D | 7 | | 0 | | | | | | | 2 | | 8 | 9 | 5 |
| | C | | | | 4 | | 5 | D | | | | | | 7 |
| | | 5 | 1 | | B | | | C | | 9 | | | | 0 |
| | 9 | 8 | E | | | 2 | | | | | | | D | 3 |
| 3 | | | | | | 4 | | A | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | 9 | 4 | 7 | 8 | D | B | E | C | A | 1 | 6 | 5 | 2 |
| 6 | 5 | A | 9 | 0 | E | 7 | 2 | 4 | B | D | 3 | C | 8 | 1 |
| 1 | D | 8 | 6 | 2 | B | 5 | C | 3 | 4 | E | 7 | 0 | 9 | A |
| 2 | E | 7 | D | A | C | 6 | 1 | 8 | 5 | 9 | 0 | B | 4 | 3 |
| 4 | B | C | 1 | 3 | 5 | A | 0 | 9 | 6 | 8 | 2 | E | D | 7 |
| B | 8 | 4 | A | D | 6 | E | 5 | 2 | 9 | 3 | C | 7 | 1 | 0 |
| A | 6 | D | B | 9 | 2 | 1 | 7 | C | 0 | 5 | 4 | 8 | 3 | E |
| C | 7 | 2 | E | 4 | 1 | 9 | 3 | 0 | 8 | 6 | B | 5 | A | D |
| E | 9 | 1 | 3 | 5 | 0 | 8 | D | 6 | 2 | 7 | A | 4 | B | C |
| 0 | 3 | 5 | 8 | C | 7 | 4 | A | B | D | 1 | E | 9 | 2 | 6 |
| 5 | 4 | 3 | 2 | 8 | A | B | E | 1 | 7 | 0 | 6 | D | C | 9 |
| 8 | 1 | 6 | 5 | E | D | C | 4 | 7 | 3 | 2 | 9 | A | 0 | B |
| D | A | B | 7 | 1 | 3 | 0 | 9 | 5 | E | C | 8 | 2 | 6 | 4 |
| 9 | C | E | 0 | 6 | 4 | 2 | 8 | A | 1 | B | D | 3 | 7 | 5 |
| 7 | 2 | 0 | C | B | 9 | 3 | 6 | D | A | 4 | 5 | 1 | E | 8 |

ଗତକାଲିର ଉତ୍ତର

# ଜଙ୍ଗଲ ବେକରେ କୁରାଢ଼ି

ବିଚିତ୍ର ବିଶ୍ୱାଳ

ଆମେ ସମସ୍ତେ ଜାଣିଛେ ଓ ପିଲାବେଳୁ ପଢ଼ି ଆସୁଛେ, ଜଙ୍ଗଲର ମଣିଷ ସମାଜ ପାଇଁ ବହୁତ ଅବଦାନ ଅଛି। ପରିବେଶକୁ ଠିକ୍ ରଖିବା ପାଇଁ ଜଙ୍ଗଲର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ଜଙ୍ଗଲର ଭୂମିକାକୁ ଆଖିରେ ରଖି ସରକାରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ବି ଅଛି। କିନ୍ତୁ ଦିନକୁ ଦିନ ଦେଖାଯାଉଛି ଯେ, ଏହି ମନ୍ତ୍ରଣାଳୟ ଜଙ୍ଗଲକୁ ସୁରକ୍ଷା ଦେବା ପରିବର୍ତ୍ତେ ଜଙ୍ଗଲକୁ ଉଜାଡ଼ିବା ପାଇଁ ଲାଇସେନ୍ସ ଦେବା କାମରେ ଲାଗିଛି। ଏହି ଲକ୍‌ଡାଉନ୍‌ର ସମୟ ମଧ୍ୟରେ ଅର୍ଥାତ୍ ଗତ ଚାରି ମାସ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ୩୧ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଏହି ସମସ୍ତ ପ୍ରକଳ୍ପ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ବା ଆଂଶିକ ଭାବେ ନଷ୍ଟ କରି ହିଁ ତିଆରି ହେବାକୁ ପ୍ରସ୍ତାବିତ ହୋଇଛି। କେବଳ ଏପ୍ରିଲ୍ ମାସରେ ପରିବେଶ ମନ୍ତ୍ରଣାଳୟର 'ଏକ୍ସପର୍ଟସ ଆପ୍ରାଇଜାଲ୍ କମିଟି'ର ୯ଟି ବୈଠକ ହୋଇ ଏକାଧିକ ଶିଳ୍ପ ଓ ଖଣିଭିତ୍ତିକ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏପ୍ରିଲ୍ ୭ରେ ବଣ୍ୟଜନ୍ତୁ ବୋର୍ଡର ସ୍ଥାୟୀ ସମିତିର ବୈଠକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କରାଗଲା ଓ ଏକାଧିକ ଆପତ୍ତି ଅଭିଯୋଗ ସତ୍ତ୍ୱେ ବି ଅନେକ ଘନ ଜଙ୍ଗଲ ଥିବା ସ୍ଥାନରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ଦିଆଗଲା। ଏହି କମିଟି ପରିବେଶ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ୨୯୩୩ ଏକର ଜମିର କିସମ ପରିବର୍ତ୍ତନକୁ ଅନୁମତି ଦେବା ସହିତ ୧୦ କିଲୋମିଟରର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ତଥାକଥିତ ବିକାଶ ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଛି। ଏସବୁ ପ୍ରକଳ୍ପ ଆରମ୍ଭ ହେଲେ, ଆସନ୍ତା ସମୟରେ ଆମ ଦେଶରେ ଜଙ୍ଗଲ ସମ୍ପଦ ଦ୍ରୁତଗତିରେ ନଷ୍ଟ ହେବ, ଏଥିରେ ସନ୍ଦେହ ନାହିଁ।

ଆସାମର ଦେହିଙ୍ଗ ପଟକଇ ସଂରକ୍ଷିତ ଜଙ୍ଗଲର ୯୮.୫୯ ହେକ୍ଟର ଅଞ୍ଚଳକୁ କୋଲ୍ ଇଣ୍ଡିଆ ଲିମିଟେଡ୍‌କୁ କୋଇଲା ଖୋଳିବା ପାଇଁ ଅନୁମତି ଦିଆଯାଇଛି। ଏହି ଜଙ୍ଗଲ ଏତେ ଘନ ଓ ଏହା ଜୈବ ବିବିଧତାରେ ଏତେ ଭରପୂର ଯେ, ଏହାକୁ ପୂର୍ବର ଆମାଜନ୍ କୁହାଯାଏ। ପାଖାପାଖି ପାଞ୍ଚଶହ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ବ୍ୟାପିଥିବା ଏହି ଜଙ୍ଗଲରେ ୩୦ରୁ ଅଧିକ ପ୍ରକାରର ବିରଳ ପ୍ରଜାପତି, ଶହେରୁ ଅଧିକ ପ୍ରକାରର ଔଷଧୀୟ ବୃକ୍ଷ ଓ ଆହୁରି ଅନେକ ପ୍ରକାରର ବିରଳ ଜୀବଜନ୍ତୁଙ୍କର ବାସସ୍ଥାନ। ଏହି ଜଙ୍ଗଲକୁ କାଟିଦେଲେ, ଜୈବ ବିବିଧତା ନଷ୍ଟ ହେବା ସହିତ ଏହା ସ୍ଥାନୀୟ ଅଞ୍ଚଳର ଜଳବାୟୁକୁ ବି ଗୁରୁତର ଭାବେ ପ୍ରଭାବିତ କରିବ। ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନକୁ ନେଇ ସମଗ୍ର ବିଶ୍ୱ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲୁଥିବା ବେଳେ ଆମେ ଆମ ଜୈବ ବିବିଧତାରେ ଭରପୂର ଜଙ୍ଗଲକୁ କାଟିବା ପାଇଁ ରାସ୍ତା ସଫା କରିଦେଉଛେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗତ ଦଶ ବର୍ଷ ମଧ୍ୟରେ ଆମ ଦେଶରେ ବିଭିନ୍ନ ପ୍ରକାର ବିକାଶ ଯୋଜନା, ଖଣି ଖନନ ଆଦି ପ୍ରକଳ୍ପ ପାଇଁ ପ୍ରାୟ ୩୮ କୋଟିରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ବିଶ୍ୱର ପରିବେଶ ସୁରକ୍ଷା ସୂଚକାଙ୍କରେ ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୭୭। ଏଥିରୁ ବୁଝାପଡୁଛି, ଗୋଟେ ଦେଶ ହିସାବରେ ପରିବେଶ ସୁରକ୍ଷାକୁ ନେଇ ଆମେ କେତେ ଚିନ୍ତିତ ଓ କେତେ ସତର୍କ। ଉତ୍ତରାଞ୍ଚଳର ଡେରାଡୁନ୍ ଓ ଟିହରୀ ଗଡ଼ୱାଲ୍ ଜିଲାରେ ଲଖବାର ବହୁମୁଖୀ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପ ବିନୋଗ ବଣ୍ୟଜନ୍ତୁ ଅଭୟାରଣ୍ୟ ସୀମାଠାରୁ ମାତ୍ର ତିନି କିଲୋମିଟର ଦୂରତା ମଧ୍ୟରେ ପ୍ରସ୍ତାବିତ ହୋଇଛି। ବଣ୍ୟଜନ୍ତୁ ଅଭୟାରଣ୍ୟଠାରୁ ଏତେ କମ୍ ଦୂରତାରେ ଏପରି ଏକ ପ୍ରକଳ୍ପ ହେଲେ, ଏହାର ପ୍ରଭାବ ନିଶ୍ଚିତ ବଣ୍ୟଜନ୍ତୁଙ୍କ ଉପରେ ପଡ଼ିବ ଓ ସେଠାରେ ଥିବା ବଣ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବେ। ଏହି ପ୍ରକଳ୍ପ ପାଇଁ ୭୬୮ ହେକ୍ଟର ଜଙ୍ଗଲ ଜମି ଓ ୧୦୫ ହେକ୍ଟର ଘରୋଇ ଜମିର ଆବଶ୍ୟକତା ଅଛି। ଏହି ପ୍ରକଳ୍ପକୁ ଦିଆଯାଇଥିବା ପରିବେଶ ମଞ୍ଜୁରୀକୁ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଗତ ବର୍ଷ ବାତିଲ କରିଦେଇଥିଲା। ତଥାପି ବି ଏବେ ଏହି ପ୍ରକଳ୍ପକୁ ପରିବେଶ ମନ୍ତ୍ରଣାଳୟର ଏକ୍ସପର୍ଟସ ଆପ୍ରାଇଜାଲ୍ କମିଟି ଅନୁମୋଦନ ଦେଇଛି। ଏଥିରୁ ବୁଝାପଡୁଛି, ପରିବେଶ ମନ୍ତ୍ରଣାଳୟ ପରିବେଶ ତଥା ଜଙ୍ଗଲକୁ ସୁରକ୍ଷା ଦେବା ଅପେକ୍ଷା ପ୍ରକଳ୍ପ ତିଆରି କରିବା କାମକୁ ଅଧିକ ପ୍ରାଧାନ୍ୟ ଦେଉଛି। ଅରୁଣାଚଳ ପ୍ରଦେଶର ଦିବାଙ୍ଗ ଉପତ୍ୟକାର ଘନ ଜଙ୍ଗଲକୁ ନଷ୍ଟ କରି ୩୦୯୭ ମେଗାୱାଟ୍‌ର ଏକ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ତେଲେଙ୍ଗାନାର ନାଲାମୁଲା ଜଙ୍ଗଲରେ ୟୁରାନିୟମ୍ ଖନନ ପାଇଁ ଏହି କମିଟି ଅନୁମୋଦନ ପ୍ରଦାନ କରିଛି। ଗୁଜରାଟର ଗୀର୍ ଅଭୟାରଣ୍ୟରେ ବିଜୁଳି ତାର ବିଛେଇବାର ଯୋଜନା ଚୂଡ଼ାନ୍ତ ହୋଇଥିବା ବେଳେ ତେଲେଙ୍ଗାନାର କବାଲ୍ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ରେଳ ଧାରଣା ବିଛେଇବାକୁ ମଧ୍ୟ ଯୋଜନା ହୋଇଛି। ଏହା ବ୍ୟତୀତ ତେଲେଙ୍ଗାନାର ଇଟାନଗରମ୍ ଅଭୟାରଣ୍ୟ ଭିତରେ ଗୋଦାବରୀ ନଦୀ ଉପରେ ବନ୍ଧ ବାନ୍ଧିବା ପାଇଁ ପ୍ରାୟ ଦଶ ହେକ୍ଟର ଜଙ୍ଗଲ କାଟିବାକୁ ଅନୁମତି ଦିଆଯାଇଛି। ପ୍ରକଳ୍ପର ରେକର୍ଡ ପତ୍ରରେ ଯେତିକି ଜଙ୍ଗଲ କଟିବ ବୋଲି ଉଲ୍ଲେଖ ଅଛି, ଅସଲରେ ତା' ଠାରୁ ଅଧିକ ଜଙ୍ଗଲ କଟିବ ବୋଲି ଅନୁମାନ କରାଯାଉଛି। କିନ୍ତୁ ପରିବେଶ ମନ୍ତ୍ରଣାଳୟର କମିଟି ଏସବୁ ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ନ ଦେଇ ତରବରିଆ ଭାବେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ଦେଇଛନ୍ତି। ମିଜୋରାମର ଡମ୍ପା ବ୍ୟାଘ୍ର ସଂରକ୍ଷଣ ଭିତରେ ରାସ୍ତା ଚଉଡ଼ା କରିବା ପାଇଁ ପାଖାପାଖି ଦୁଇ ହେକ୍ଟର ଜଙ୍ଗଲକୁ କାଟିଦିଆଯାଇଛି।

ଦେଶର ସମୁଦାୟ ଜୈବ ବିବିଧତାର ସିଂହ ଭାଗ ଦକ୍ଷିଣ ଭାରତରେ ଅବସ୍ଥିତ ପଶ୍ଚିମଘାଟ ପର୍ବତମାଳାରେ ମହଜୁଦ୍ ଅଛି ଓ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଏହା ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଏହାକୁ ୟୁନେସ୍କୋ ତରଫରୁ ବିଶ୍ୱ ଐତିହ୍ୟ ଭାବେ ମଧ୍ୟ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ ବି ରେଳ ଧାରଣା ବିଛେଇବା ପାଇଁ ଏଥିରୁ ୫୯୬ହେକ୍ଟର ଜଙ୍ଗଲ କାଟିବାକୁ ଅନୁମତି ଦିଆଯାଇଛି। ଏଠାରେ ପ୍ରାୟ ଅଢ଼େଇ ଲକ୍ଷ ଗଛ କାଟିବାକୁ ପଡ଼ିବ ବୋଲି ପ୍ରକଳ୍ପ ପ୍ରସ୍ତାବରେ ଅନୁମାନ କରାଯାଇଛି।

ଜଙ୍ଗଲ କାଟିବାର କାମକୁ ଆହୁରି ବ୍ୟାପକ କରିବା ପାଇଁ ସଂପ୍ରତି ସରକାରଙ୍କ ଦ୍ୱାରା ଜଙ୍ଗଲର ସଂଜ୍ଞା ବଦଳେଇବାକୁ ପ୍ରୟାସ ଚାଲୁଛି। ଗୋଟିଏ ସ୍ଥାନରେ ନିର୍ଦ୍ଦିଷ୍ଟ ପରିମାଣର ଓ ନିର୍ଦ୍ଦିଷ୍ଟ ଘଞ୍ଚର ଗଛ ନ ଥିଲେ ତାକୁ ଆଉ ଜଙ୍ଗଲ କୁହା ନ ଯିବା ପାଇଁ ଯୋଜନା ହୋଇଛି। ଫଳରେ ସରକାରଙ୍କୁ ଜଙ୍ଗଲ କାଟିବା ପାଇଁ ଅନୁମତି ଦେବା ସହଜ ହୋଇଯିବ। ପ୍ରଥମେ ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲର ଘଞ୍ଚତାକୁ ନଷ୍ଟ କରାଯାଉଛି ଓ ପରବର୍ତ୍ତୀ ସମୟରେ ତାହାକୁ ଆଉ ଜଙ୍ଗଲର ସଂଜ୍ଞା ଦିଆଯିବ ନାହିଁ ଓ ତାକୁ କାଟିବାକୁ ଅନୁମତି ଦେଇଦିଆଯିବ। କେତେ ସୁନ୍ଦର ଉପାୟ କରି ଜଙ୍ଗଲ ଉଜାଡ଼ିବା ପାଇଁ ରାସ୍ତା ସଫା କରାଯାଉଛି!

ଆମ ରାଜ୍ୟରେ ମଧ ଆମେ ଦେଖୁଛେ ଯେ ଦିନକୁ ଦିନ ମଣିଷ ଓ ବଣ୍ୟଜନ୍ତୁଙ୍କ ଭିତରେ ସଂଘର୍ଷ ବୃଦ୍ଧି ପାଉଛି। ହାତୀମାନେ ଜନପଦକୁ ବା ଗାଁ ଓ ସହର ଭିତରକୁ ଚାଲି ଆସୁଛନ୍ତି। କେବେ ହାତୀ ମଣିଷକୁ ମାରୁଛନ୍ତି ବା ମଣିଷ ହାତୀ ଓ ଅନ୍ୟାନ୍ୟ ବଣ୍ୟଜନ୍ତୁକୁ ମାରୁଛି। ଏହାର ଏକମାତ୍ର କାରଣ ଜଙ୍ଗଲ ବ୍ୟାପକ ପରିମାଣରେ ଉଜୁଡ଼ିବାକୁ ଲାଗୁଛି ବା ପତଳା ହେବାରେ ଲାଗୁଛି। ଫଳରେ ବଣ୍ୟଜନ୍ତୁ ବାଧ୍ୟ ହୋଇ ଜନପଦ ଭିତରକୁ ପଶି ଆସୁଛନ୍ତି। ଜଙ୍ଗଲ ନଷ୍ଟର ଏଭଳି ପ୍ରଭାବ ମଧ୍ୟ ଏବେ ମଣିଷମାନେ ଭୋଗିବାକୁ ଆରମ୍ଭ କଲେଣି।

ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଆମ ଦେଶରେ ବ୍ୟାପକ ପରିମାଣରେ ଜଙ୍ଗଲ ନଷ୍ଟ ହୋଇଛି। ଏହାଦ୍ୱାରା ବଣ୍ୟଜନ୍ତୁ ଓ ବନବାସୀ ମଣିଷମାନେ ପ୍ରତ୍ୟକ୍ଷ ଭାବେ ବ୍ୟାପକ କ୍ଷତି ସହିଛନ୍ତି। ତଥାକଥିତ ବିକାଶ ପ୍ରକଳ୍ପ ନାମରେ ସଂପ୍ରତି ଏହି ଜଙ୍ଗଲ ନଷ୍ଟର କାର୍ଯ୍ୟକ୍ରମ ଏବେ ଶିଖରକୁ ଛୁଇଁଛି। ଦୁର୍ଭାଗ୍ୟଜନକ ଭାବେ ପରିବେଶ ମନ୍ତ୍ରଣାଳୟର ଖୋଦ୍ ଏହି କାମକୁ ତୀବ୍ରତାର ସହିତ ଆଗକୁ ବଢ଼ାଉଛି। ଏହିପରି ଭାବେ ବ୍ୟାପକ ପରିମାଣରେ ଜଙ୍ଗଲ ନଷ୍ଟର ପରିଣାମ ସ୍ୱରୂପ ବ୍ୟାପକ ଭାବେ ପରିବେଶ ଅସନ୍ତୁଳନକୁ ଆମେ ଭୋଗୁଛେ। ପ୍ରାକୃତିକ ବିପର୍ଯ୍ୟୟର ପରିମାଣ ପୂର୍ବ ତୁଳନାରେ ବହୁତ ବଢ଼ିଛି। ତଥାପି ବି ସରକାର ଏଥିପ୍ରତି ସଚେତନ ନ ହୋଇ ଜଙ୍ଗଲକୁ ଉଜାଡ଼ି ପ୍ରକଳ୍ପକୁ ଅନୁମୋଦନ ଦେବାରେ ଲାଗିଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
Email-bichitrabiswal@gmail.com

# ଚେଇଁ ଶୋଇଥିବ ଯିଏ

ଡ.ନରହରି ବେହେରା

କଥାରେ ଅଛି, ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ? ଏହି ଚେଇଁ ଶୋଇଥିବା ମଣିଷଙ୍କର ଚେତନା ଥାଏ, କିନ୍ତୁ ସଚେତନତା ନ ଥାଏ। ଏମାନଙ୍କର ଭଲ ଭେଲର ବିଚାର କରିବାର ଶକ୍ତି ନ ଥାଏ। ନିଜର ଅହମିକା, ଔଦ୍ଧତ୍ୟ କିମ୍ବା ପଦପଦବୀର ଅଭିମାନ ତାଙ୍କୁ ଉଚିତ କର୍ମ କରିବାରେ ପ୍ରତିବନ୍ଧକ ସାଜିଥାନ୍ତି। ତାକୁ ଠିକ କର୍ମ କରିବାକୁ ଦିଏନାହିଁ। ତାହା ହୋଇ ନ ଥିଲେ 'ସୀତାହରଣ ରାବଣ ମରଣ'କଥା ଜାଣି ମଧ୍ୟ ରାବଣ ସେଥିରେ ପ୍ରବୃତ୍ତ ହେଲା। ଦେବକୀଙ୍କର ପୁତ୍ର କଂସ ମୃତ୍ୟୁର କାରଣ ହେବ ବୋଲି ଜାଣି ମଧ୍ୟ କଂସ ନିଜକୁ ପରିବର୍ତ୍ତନ କରିପାରି ନ ଥିଲା। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କର ପୁତ୍ର ହୋଇ ମଧ୍ୟ କାଦମ୍ବିନୀ ରସାସ୍ୱାଦନରେ ସକଳ ସାମାଜିକତାକୁ ବିସ୍ମୃତ ହୋଇଯାଇଥିଲେ ଯଦୁବଂଶୀଗଣ। ଏମାନେ ହେଉଛନ୍ତି ଜଣେ ଜଣେ ଚେଇଁଶୋଇଥିବା ମଣିଷର ଉଦାହରଣ। ଏମାନଙ୍କୁ ଗୀତା ଭାଗବତର ବାଣୀ କିମ୍ବା ସମାଜର ନୀତି ନିୟମ ବଦଳାଇ ପାରନ୍ତି ନାହିଁ।

ଯୁଗ ଯୁଗାନ୍ତରକୁ ଏହି ଲୋକମାନେ ସମାଜକୁ ଆତଙ୍କିତ କିମ୍ବା ବିପଥଗାମୀ କରିଥାନ୍ତି। ଏବେ ଏ ସମାଜ ବିଶ୍ୱ ମହାମାରୀ କରୋନା ରୋଗରେ ଆତଙ୍କିତ। ଏଥିପାଇଁ କୌଣସି ଔଷଧ ବାହାରି ନ ଥିବାରୁ ସମସ୍ତଙ୍କର ଜୀବନ ବିପଦାପନ୍ନ। ତେଣୁ କରୋନାରୁ ମୁକ୍ତି ପାଇବା ପାଇଁ ସାମାଜିକ ଦୂରତା ହିଁ ଏକମାତ୍ର ପନ୍ଥା ବୋଲି ଆମେ ସମସ୍ତେ ଜାଣୁ। ଏଥିପାଇଁ ସରକାରଙ୍କ ତରଫରୁ ବିଭିନ୍ନ କଟକଣା ଜାରି କରାଯାଇଛି। ଦୋକାନ ବଜାର, ବିବାହୋତ୍ସବ, ଶୁଦ୍ଧି କିମ୍ବା ଶ୍ରାଦ୍ଧ କର୍ମ ପ୍ରଭୃତିରେ ଗହଳି ନ କରିବାକୁ କଟକଣା ଜାରି କରାଯାଇଛି। ବ୍ୟକ୍ତିଗତ ଭାବେ ମୁହଁରେ ମାସ୍କ ପିନ୍ଧିବା, ହାତଗୋଡ଼ ଧୋଇବା, ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ମାତ୍ର ଏହି ଚେଇଁ ଶୋଇଥିବା ଗୋଷ୍ଠୀ ସରକାରଙ୍କର ସବୁ ନିର୍ଦ୍ଦେଶ ଏବଂ କଟକଣାକୁ ଫୁ କରିଦେଉଛନ୍ତି। ରୋଗର ସକଳ ଭୟାବହତା ସତ୍ତ୍ୱେ ନିଜ ଇଚ୍ଛାର ଏମାନେ ବାଦଶାହା ପାଲଟିଯାଇଥାନ୍ତି। କାରଣ ଏମାନେ ଭାବନ୍ତି, କୌଣସି ଆଇନ୍‌କାନୁନ୍‌କୁ ମାନିବାର ଅର୍ଥ ପରାଧୀନତା,ଏହାକୁ ଭାଙ୍ଗି ସ୍ୱେଚ୍ଛାରେ ବିଚରଣ କରିବା ନିଜ ପଦମର୍ଯ୍ୟାଦାର ପରିଚୟ, ବଡ଼ପଣିଆ। ଏଥିପାଇଁ ପୋଲିସ ହାତରେ ଧରାପଡ଼ିଗଲେ ଅନେକ, ମୁଁ ଅମୁକ ନେତାର ପୁଅ କି ଅମୁକ ଅଫିସରର ପୁଅ ବୋଲି ପରିଚୟ ଦେଇ ନିଜ ବଡ଼ିମା ଦେଖାଇବା ସହିତ ଦୋଷରୁ ମୁକୁଳିଯିବା ପାଇଁ ବାଟ ପରିଷ୍କାର କରିଥାନ୍ତି। ଏହି ଅହମିକା ପ୍ରଦର୍ଶନ ହିଁ ଦେଶ ଓ ଜାତି ପାଇଁ ବିପଦର କାରଣ।

ନିକଟ ଅତୀତରେ ଜଣେ ଧନୀ ବ୍ୟବସାୟୀ ନିଜର ଆଟୋପ ଦେଖାଇବା ପାଇଁ ବାହାଘର ଉତ୍ସବରେ ସାମାଜିକ ଦୂରତାକୁ ଭୁଲି ଶହ ଶହ ଲୋକଙ୍କ ସମାଗମ କରାଇ ନିଜର ବାହାଦୁରି ପ୍ରଦର୍ଶନ କରିଥିଲେ। ବାରମ୍ବାର ନିଷେଧାଜ୍ଞା ସତ୍ତ୍ୱେ ବହୁ ଜନସମାଗମ କରି ବିବାହ, ବ୍ରତ କିମ୍ବା ଶୋକସଭା କରିବାକୁ ଆମ ଲୋକମାନେ ଏବେ ବି ଭୁଲୁ ନାହାନ୍ତି। ଆମମାନଙ୍କର ଧାରଣା, ଯାହାକିଛି କରିବାର ଅଛି, ସେ ସବୁ ସରକାରଙ୍କର ଜିମାଦାରି। ଆମେ ମାସ୍କ ପିନ୍ଧିବାନି, ସାମାଜିକ ଦୂରତା ରକ୍ଷା କରିବାନି, ଆଇନ୍‌ର କଟକଣା ଭାଙ୍ଗିବା ପାଇଁ ଚେଷ୍ଟା କରିବା, ଏଥିପାଇଁ ପୋଲିସ, ବିଡିଓ, ତହସିଲଦାର, ଉପଜିଲାପାଳ, ଜିଲାପାଳ ପ୍ରଭୃତି ସମସ୍ତେ ଜଗିବେ। କାହିଁକି? ଏମାନେ ତ ଆମପରି ମଣିଷ। ସେମାନଙ୍କର ଆମପରି ଘର, ପରିବାର ଅଛି, ଜୀବନ ବି ଅଛି। ନିକଟ ଅତୀତରେ ବାଲେଶ୍ୱର ଜିଲାର ବାଲିଆପାଳ ବିଡିଓ ଏବଂ କିଛି ପ୍ରବାସୀଙ୍କ ଯୁକ୍ତିତର୍କ ସୋସିଆଲ ମିଡିଆରେ ପ୍ରକାଶ ପାଇଥିଲା। ବିଡିଓଙ୍କ ଆପତ୍ତିଜନକ ଗାଳିଗୁଲଜକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସମସ୍ତେ ବିଡିଓଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ। ଆମେ ମଧ୍ୟ ସ୍ୱୀକାର କରୁଛୁ, ବିଡିଓଙ୍କର ମନ୍ତବ୍ୟ ଦେବା ଅନୁଚିତ ଥିଲା। ମାତ୍ର ଅନ୍ୟପକ୍ଷରେ ପ୍ରବାସୀ ଫେରନ୍ତାଙ୍କ ବ୍ୟବହାରକୁ ମଧ୍ୟ ବିଚାର କରିବା ଉଚିତ। ବାହାର ରାଜ୍ୟରେ ଓଡ଼ିଆ ଭାଇ ଭଉଣୀମାନେ ଥିବାବେଳେ ସୋସିଆଲ ମିଡିଆରେ ସେମାନଙ୍କୁ ନେଇ ଆସିବା ପାଇଁ ବାରମ୍ବାର ସରକାରଙ୍କୁ ଅନୁରୋଧ କଲେ। ସରକାର ଟ୍ରେନ୍, ବସ୍ ପ୍ରଭୃତି ବ୍ୟବସ୍ଥା କରି ଓଡ଼ିଶାକୁ ନେଇ ଆସିଲେ। ମାତ୍ର ଓଡ଼ିଶାରେ ପହଞ୍ଚିବାପରେ କିଛି ପ୍ରବାସୀ ପୂର୍ବକଥା ଭୁଲିଗଲେ। ସଙ୍ଗରୋଧ କେନ୍ଦ୍ରରେ ସେମାନେ ନିଜର କାରନାମା ଆରମ୍ଭ କରିଦେଲେ। ନନ୍‌ଭେଜ ନ ହେଲେ ଚଳିବନି, ଫେନ୍ ଘୁରୁନି, କିଟ୍ସ୍ ମିଳୁନି, ଖାଦ୍ୟ ଦେବାରେ ବିଳମ୍ବ ହେଲେ ପାଟିତୁଣ୍ଡ କରିବା, ସଂଗରୋଧ କେନ୍ଦ୍ରରେ ଯୋଗାଇ ଦିଆଯାଇଥିବା ବାଲ୍‌ଟି, ମଗ ପ୍ରଭୃତି ଭାଙ୍ଗିବା,ବିଛଣା ପତ୍ରକୁ କାଟି ପକାଇବା, ସରପଞ୍ଚଙ୍କୁ ଗାଳିଗୁଲଜ କରିବା ଇତ୍ୟାଦି ହଜାର ପ୍ରକାର ଅଭିଯୋଗ। ବାଲିଆପାଳ ବ୍ଲକ୍‌ରେ ୨୮ଟି ଗ୍ରାମପଞ୍ଚାୟତରୁ ଯଦି ଏହିପରି ବାରମ୍ବାର ଅଭିଯୋଗ ଆସେ ସେ ବିଡିଓ କେବେ ନା କେବେ ଧୈର୍ଯ୍ୟହରା ହେବା ସ୍ୱାଭାବିକ। କାରଣ ସର୍ବୋପରି ସେ ବି ଜଣେ ମଣିଷ। ବର୍ତ୍ତମାନ ବିଶ୍ୱ ଘଡ଼ିସନ୍ଧି ମୁହୂର୍ତ୍ତରେ ଗତି କରୁଛି। ଆମେ କ୍ୱାଇଁ ପୁଅ ଭାବରେ ଡାକରା ପାଇ କି ମଉଜ ମଜଲିସ୍ କରିବା ପାଇଁ ଆସିନାହୁଁ। ସଙ୍ଗରୋଧ କେନ୍ଦ୍ରରେ କିଛି ତ୍ରୁଟି ବିଚ୍ୟୁତି ଯେ ହୋଇ ନ ଥିବ, ଏକଥା କହି ହେବନାହିଁ। ମାତ୍ର ଆମ ଦୁଃଖ ନିକଟରେ ଏସବୁ ତୁଚ୍ଛ। ଏ ଦୁଃସହ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆମକୁ ଧୈର୍ଯ୍ୟ, ତ୍ୟାଗ ଏବଂ ସଂଯମତା ଧାରଣ କରିବା ଆବଶ୍ୟକ। କିନ୍ତୁ ତାହା ହେଉନାହିଁ। କିଛି ପ୍ରବାସୀ ଓଡ଼ିଆ ତ ସମସ୍ତ ନୀତି ନିୟମ ଭୁଲିଯାଇଛନ୍ତି। ସଙ୍ଗରୋଧ କେନ୍ଦ୍ରରେ ଥାଇ ବି ସାମାଜିକ ଦୂରତା ଭୁଲି ସେମାନେ ଟିକ୍‌ଟକ୍‌ରେ ନାଚି ମଉଜ କରିବା, ମାଂସ ସହିତ ସୁରାପାନ କରିବା ପ୍ରଭୃତି ଦୃଶ୍ୟ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର ହେଉଛି।

କେବଳ ପ୍ରବାସୀମାନେ ଯେ ବେପରୱା ହୋଇଛନ୍ତି ତାହା ନୁହେଁ, ଆମେ ବି କିଛି କମ୍ ନୋହୁଁ। ମାସ୍କ ପିନ୍ଧିବା, ଅନ୍ୟଠାରୁ ଦୂରତା ରକ୍ଷା କରିବା, ଅଯଥାରେ ବଜାର ସହରରେ ଗହଳି ନ କରିବା ପରି କେତୋଟି ସାଧାରଣ ନିୟମ ମାନି ଚଳିବାକୁ ସରକାର ବାରମ୍ବାର ସତର୍କ କରୁଥିଲେ ମଧ୍ୟ ଆମେ ତାକୁ ମାନିବାକୁ ନାରାଜ। ଶନିବାର ଓ ରବିବାର ଶଟ୍‌ଡାଉନ ହେଉଥିବାରୁ ଶୁକ୍ରବାର ଏବଂ ସୋମବାର ଦୋକାନ ବଜାର ଏମିତି ଭିଡ଼ ହୋଇଯାଏ ସତେଯେମିତି ମହାବାତ୍ୟା ଆସିଗଲା ଆଉ ଜିନିଷପତ୍ର ମିଳିବନି। ମାସ୍କ ପିନ୍ଧିବାଟା ତ ଭାରି କଷ୍ଟ। ପୋଲିସ ନ ଆସିଲା ପର୍ଯ୍ୟନ୍ତ ସେତକ ଅଧିକାଂଶ ପିନ୍ଧନ୍ତି ନାହିଁ, ମାତ୍ର ପୋଲିସକୁ ଦେଖିବା ମାତ୍ରେ କିଏ ଦୌଡ଼ି ପଳାଇଯାଏ ତ, କିଏ ବଜାରକୁ ନେଇଥିବା ଝୁଲାଟିକୁ ମୁହଁରେ ବାନ୍ଧି ପକାଏ ପୁଣି କିଏ ଦୋକାନୀ ଦେଇଥିବା ସଉଦା ତାଲିକାକୁ ପାଟିରେ ଚାପି ଧରି ତରତର ହୋଇ ଚାଲିଯାଏ। ସତେଯେମିତି ଏହି ମାସ୍କ ପିନ୍ଧିବା ତାଙ୍କ ପାଇଁ ଜରୁରୀ ନୁହେଁ, ଅନ୍ୟକୁ ଦୟାକରି ସେମାନେ ପିନ୍ଧୁଛନ୍ତି। ଏମାନଙ୍କର କାର୍ଯ୍ୟକଳାପ ସର୍କସର ଜୋକରଠାରୁ ବି କିଛି କମ୍ ନୁହଁ।

ମହାମାରୀ କରୋନା ପ୍ରଭାବରେ ସମଗ୍ର ବିଶ୍ୱର ମେରୁଦଣ୍ଡ ନଇଁ ପଡ଼ିଥିବାବେଳେ ଆଜି ବି ଅନେକ ବେପରୱା ଭାବରେ ବୁଲୁଛନ୍ତି। ଗଛମୂଳରେ, ଗାଁ ଚଉତରାରେ ତାସ, ପଶାପାଲିର ଖେଳ ଜମୁଛି। ପ୍ରଶାସନର ସବୁ ନିର୍ଦ୍ଦେଶ ଏମାନଙ୍କ କୁମ୍ଭକର୍ଣ୍ଣୀ କାନରେ ପଶୁନାହିଁ। ମାତ୍ର ଗାଁର କାହାର ମୃତ୍ୟୁ ହେଇଗଲେ ଏମାନେ ଏତେ ସଚେତନ ହୋଇଯାଆନ୍ତି ଯେ ସବୁ ମାନବିକତାକୁ ଜଳାଞ୍ଜଳି ଦେଇ କେହି ଜଣେ ଶବକୁ କାନ୍ଧଦେବାକୁ ମଧ୍ୟ ଆସନ୍ତି ନାହିଁ। ଏହାର ଅର୍ଥ ଆମେ କରୋନାକୁ ଭୟ କରୁଛୁ, ଭୟାବହତାକୁ ଜାଣୁଛୁ, ମାତ୍ର ଜାଣିଶୁଣି ସବୁ କଥାକୁ ହାଲୁକା ଭାବେ ଗ୍ରହଣ କରୁଛୁ। ଆମେ ଯଦି ଏମିତି ଚେଇଁ ଶୋଇବା, ତେବେ ମହାବିପତ୍ତିକୁ କିଏ ଦୂରକରିବ? ଆମେ ସମ୍ମିଳିତ ପ୍ରଚେଷ୍ଟାଦ୍ୱାରା ସବୁ ବିପତ୍ତିକୁ ଦୂର କରିଦେବା- ଏକଥାକୁ ଆମେ ଭୁଲିବା ଉଚିତ କି? ଏବେ ବି ସମୟ ଗଡ଼ିଯାଇନି, ଏ ନିଦ୍ରା ପରିହାର ନିତାନ୍ତ ଜରୁରୀ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,ବାଇପାସ,
ଭଦ୍ରକ, ମୋ:୭୯୭୮୯୦୩୫୦୯

## ଏଇ ଭାରତରେ

ଆତ୍ମନିର୍ଭରଶୀଳ ମନ୍ତ୍ର ଯଦି ଶିଖିବାର ଅଛି ତେବେ ସବିରାଙ୍କ ଠାରୁ ଶିଖନ୍ତୁ। ଜଣେ ଗୃହିଣୀ ଭାବେ ଘରର ସବୁ କାର୍ଯ୍ୟ କରିବା ସହ ନିଜସ୍ୱ ଉଦ୍ୟମ ଓ ନିଷ୍ଠା ବଳରେ ଅର୍କିଡ ଚାଷ କରି ମାସକୁ ୩ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେରଳର ଥ୍ରିସୁର ବାସିନ୍ଦା ସବିରା ମହମ୍ମଦ ୧ ଏକର ଜମିରେ ଏହି ଚାଷ କରିଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଅର୍କିଡ ତାଙ୍କ ଫାର୍ମରେ ଶୋଭାପାଉଛି। ଏତେ କିସମର ଅର୍କିଡ ସଂଗ୍ରହ କରିବା ପାଇଁ ତାଙ୍କୁ ୨୨ ବର୍ଷ ଲାଗିଯାଇଛି। ଦଶମ ପାସ୍ କରିବା ପରେ ତାଙ୍କ ବାହାଘର ହୋଇଯାଇଥିଲା। ପରେ ସେ ସ୍ୱାମୀଙ୍କ ସହ ୟୁଏଇ ଚାଲିଯାଇଥିଲେ। ସେଠାରୁ ଫେରିବା ପରେ ପ୍ରଥମେ ୧୯୯୮ରେ ଅର୍କିଡ ଚାଷ ଆରମ୍ଭ କରିଥିଲେ। ନିକଟସ୍ଥ କୃଷି ଭବନରୁ ଚାରା ସଂଗ୍ରହ କରିବା ସହ ଥାଇଲାଣ୍ଡରୁ ବି ଏହାକୁ ମଗାଇଥିଲେ। ୨୦୦୬ ବେଳକୁ ଅର୍କିଡର ଚାହିଦା ବଢିବାରେ ଲାଗିଲା। ଏବେ କେରଳର ବିଭିନ୍ନ ସହର ସମେତ ରାଜ୍ୟ ବାହାରେ ବି ଏହା ବିକ୍ରି ହେଉଛି। ତାଙ୍କୁ କେରଳ ସରକାରଙ୍କ ଉଦ୍ୟାନ ଶ୍ରେଷ୍ଠ ପୁରସ୍କାର ମଧ୍ୟ ମିଳିଛି। ସବିରାଙ୍କ ଫାର୍ମ ଦେଖିବାକୁ କେରଳର ସବୁଆଡୁ ଲୋକମାନେ ଆସୁଛନ୍ତି। ସେ ଥ୍ରିସୁରରେ 'ପର୍ଲ ଅର୍କିଡ'ନର୍ସରି ଆରମ୍ଭ କରି ଚାରା ବିକ୍ରି କରୁଛନ୍ତି। ଏଥିରେ ୨୦ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ହ୍ୱାଟ୍ସଆପ୍ ଜରିଆରେ ଲୋକମାନଙ୍କଠାରୁ ଅର୍ଡର ରଖୁଛନ୍ତି। ସେ ମଧ ଗିର୍ ଜାତୀୟ ଗାଈ ରଖିଛନ୍ତି ଓ ତା'ଗୋବରକୁ ଖତ ଭାବେ ବ୍ୟବହାର କରୁଛନ୍ତି। ଚାଷରେ କୌଣସି ରାସାୟନିକ ସାର ଉପଯୋଗ କରୁନାହାନ୍ତି। ଏଥିରେ ସେ ମାସକୁ ୫୦,୦୦୦ ଟଙ୍କା ଖଟାଉଛନ୍ତି ବୋଲି କହନ୍ତି ୫୨ ବର୍ଷୀୟା ସବିରା।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୯୫

- ଆଫଗାନ ସୀମାନ୍ତବର୍ତ୍ତୀ ପାକିସ୍ତାନରେ ଖେବର ଏଜେନ୍ସି ଅଞ୍ଚଳରେ ବିଦ୍ରୋହୀ ଆଦିବାସୀ ଏବଂ ନିରାପତ୍ତା ବାହିନୀ ମଧ୍ୟରେ ସଂଘର୍ଷ ଘଟି ୨୧ ଜଣ ପ୍ରାଣ ହରାଇଛନ୍ତି।
- କଶ୍ମୀରର ଉଗ୍ରପନ୍ଥୀ ଗୋଷ୍ଠୀ ଅଲ୍-ଫାରାନ ପଣବନ୍ଦୀ ଭାବେ ରଖିଥିବା ୫ ଜଣ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରୁ ନରୱେର ପର୍ଯ୍ୟଟକ ହାନ୍ସ କ୍ରିଷ୍ଟିଆନ ଓଷ୍ଟ୍ରୋଙ୍କୁ ଗୁଳି କରି ହତ୍ୟା କରିଛନ୍ତି।

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ!
ଧରାରେ ଖେଳୁଛି ଛବି କାନ୍ତ।
(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ୟାକେଜ୍ ବଣ୍ଟନରେ ସ୍ୱଚ୍ଛତା ରହୁ

ମହାଶୟ,

ସରକାର କରୋନା ରୋଗୀଙ୍କ ସୁବିଧା ନିମିତ୍ତ ପ୍ରଦାନ କରୁଥିବା ସ୍ୱତନ୍ତ୍ର ପ୍ୟାକେଜ୍ ସେମାନଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ରୋଗୀଙ୍କର ସମସ୍ତ ଚିକିତ୍ସା ବ୍ୟବସ୍ଥା, ଖାଇବା, ପିଇବା ଓ ରହିବା ପାଇଁ ସରକାର ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଓ ସଙ୍ଗରୋଧ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। କିନ୍ତୁ ସେଠାରେ କରୋନା ରୋଗୀ ଏବଂ ପ୍ରବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଖବର ପ୍ରତିଦିନ ମିଳୁଛି। ତେଣୁ ଅସୁବିଧାକୁ ସୁବିଧା ଦିଗରେ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ। ସଠିକ୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଯିବା ଉପରେ ସରକାର ତତ୍କାଳ ପଦକ୍ଷେପ ନେବାକୁ ଅନୁରୋଧ। ରାଜ୍ୟ ସରକାର ବର୍ତ୍ତମାନ ସମୟରେ ପ୍ଲାଜମା ଥେରାପି ଭଳି ଅନେକ ନୂତନ ଧରଣର ସ୍ୱାସ୍ଥ୍ୟଗତ ପରୀକ୍ଷା ଆରମ୍ଭ କରିଛନ୍ତି। କିନ୍ତୁ ତାହା ତୃଣମୂଳ ସ୍ତରରେ ଥିବା କରୋନା ରୋଗୀଙ୍କ ନିକଟରେ ପହଞ୍ଚିପାରିଲେ ଯୋଜନାର ସଫଳ ରୂପାୟନ ହୋଇପାରନ୍ତା।

ଦେବାଶିଷ ସାହୁ, ଚାର୍ମ କଲୋନୀ, ଖଜୁରିପଡ଼ା, କନ୍ଧମାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ୩ ରାଜ୍ୟରେ ଓଜେଇଇ ପରୀକ୍ଷା କେନ୍ଦ୍ର

**ଭୁବନେଶ୍ୱର, ୧୩।୮(ବ୍ୟୁରୋ):** ଚଳିତ ବର୍ଷ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ଅନୁଷ୍ଠିତ ହେବ। ଏନେଇ ଓଜେଇଇ ଅଧକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। କରୋନା ପାଇଁ ରାଜ୍ୟ ବାହାରେ ଥିବା ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ନିମନ୍ତେ ଓଡ଼ିଶା ବାହାରେ ପରୀକ୍ଷା କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ହୋଇଛି। ପରିକ୍ଷାର୍ଥୀଙ୍କ ସୁବିଧା ପାଇଁ ଏହି ପରୀକ୍ଷା କେନ୍ଦ୍ର କରାଯିବ। ରାଜ୍ୟ ବାହାରେ ୩ଟି କେନ୍ଦ୍ର କରିବାକୁ ନିଷ୍ପତ୍ତି ହୋଇଛି। ବିହାରର ପାଟନା, ଝାଡ଼ଖଣ୍ଡର ରାଞ୍ଚି ଏବଂ କୋଲକାତାରେ ପରୀକ୍ଷା କେନ୍ଦ୍ର କରିବାକୁ ନିଷ୍ପତ୍ତି କରାଯାଇଛି। ଓଡ଼ିଶାରେ ମଧ୍ୟ ଆଉ କିଛି ପରୀକ୍ଷା କେନ୍ଦ୍ର ବଢ଼ାଇବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ର ଛଡ଼ା ଆଉ ୬ଟି ସହରରେ ପରୀକ୍ଷା କେନ୍ଦ୍ର ହେବ। ସେଗୁଡ଼ିକ ହେଲା ବଲାଙ୍ଗୀର, ପାରଳାଖେମୁଣ୍ଡି, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼ ଏବଂ ଫୁଲବାଣୀ। ଓଡ଼ିଶାରେ ମୋଟ ୨୧ଟି ସହରରେ ପରୀକ୍ଷା ହେବ। ଆବେଦନକାରୀ ଚାହିଁଲେ ନିଜ ପରୀକ୍ଷା କେନ୍ଦ୍ର ଅନ୍‌ଲାଇନ୍ ଯୋଗେ ବଦଳାଇ ପାରିବେ। ଅଗଷ୍ଟ ୧୩ରୁ ୧୮ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରି ନିଜ ପସନ୍ଦର ପରୀକ୍ଷା କେନ୍ଦ୍ର ଚୟନ କରିପାରିବେ। ସେପ୍ଟେମ୍ବର ୯ରୁ ୧୫ତାରିଖ ପର୍ଯ୍ୟନ୍ତ ଓଜେଇଇ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ବିପିୟୁଟି ରେଜଲ୍ଟ ପ୍ରକାଶ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ):** ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି)ର ବିଟେକ୍ ଓ ଏମ୍‌ଏସ୍‌ସି ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ବିଟେକ୍ ଓ ଏମ୍‌ଏସ୍‌ସି ଫାଇନାଲ ସେମିଷ୍ଟରରେ ୯୩% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ମୋଟ ୧୧ହଜାର ୭ଶହ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାସ୍ କରିଛନ୍ତି ବୋଲି ବିପିୟୁଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଅଜୟ ଦାସ ଗିରଫ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

- ୩ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଆୟବହିର୍ଭୂତ ସମ୍ପତ୍ତି ଠାବ
- ଜାମିନ ନାମଞ୍ଜୁର ହେବାରୁ ଜେଲ ଗଲେ
- ଦୁଇମାସ ପରେ ଅବସର ନେଇଥାନ୍ତେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଅଜୟ କୁମାର ଦାସଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ପରେ ତାଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଜୟଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ବୁଧବାର ସକାଳେ ଭିଜିଲାନ୍ସର ୫ଟି ଟିମ୍ ତାଙ୍କ ଘର, ଅଫିସ୍ ସମେତ ୬ଟି ସ୍ଥାନରେ ଚଢାଉ କରିଥିଲା। ଟଙ୍କପାଣି ରୋଡ୍ ରତ୍ନାକର ବାଗ ଲେନ୍‌ସ୍ଥିତ ପୈତୃକ ତଥା ଆବାସିକ ଘର, ପଟିଆସ୍ଥିତ ଫ୍ଲାଟ, ନୂଆଗାଁରେ ଥିବା ଆଉଟ ହାଉସ, ବାଲେଶ୍ୱରସ୍ଥିତ ଦୁଇ ମହଲା ଘରେ ଚଢ଼ାଉ କରାଯାଇ ତାଙ୍କ ସମ୍ପତ୍ତିର ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ମୋଟ ୩କୋଟି ୭୯ ହଜାର ୫୩୮ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ନାମରେ ୨ଟି ଦୁଇ ମହଲାବିଶିଷ୍ଟ କୋଠା ରହିଛି। ଏହାର ଆନୁମାନିକ ମୂଲ୍ୟ ୬୭ ଲକ୍ଷ ୨୦ ହଜାର ୯୫୧ ଟଙ୍କା ହେବ। ଗୋଟିଏ ଏକ ତାଲାବିଶିଷ୍ଟ କୋଠାର ମୂଲ୍ୟ ୭ଲକ୍ଷ ୯ ହଜାର ୯୮୬ ଟଙ୍କାରେ ହିସାବ କରିଛି ଭିଜିଲାନ୍ସ। ସେହିପରି ପୁରୀ ଓ ଭୁବନେଶ୍ୱରରେ ଥିବା ୪ଟି ଫ୍ଲାଟର ମୂଲ୍ୟ ୬୭ଲକ୍ଷ ୨୨ହଜାର ୧୬୦ ଟଙ୍କା ହେବ ବୋଲି କୁହାଯାଇଛି। ଏହାବାଦ୍ ଭୁବନେଶ୍ୱର,ବାଲେଶ୍ୱର ଓ ଭଦ୍ରକରେ ୧୨ଲକ୍ଷ ୯୫ ହଜାର ୧୦୦ ଟଙ୍କାର ୯ଟି ପ୍ଲଟ ରହିଛି। ବ୍ୟାଙ୍କ୍ ଜମା ୫୦ ଲକ୍ଷ ୮୫୩ ହଜାର ୭୯୯ ଟଙ୍କା ରହିଥିବାବେଳେ ସାହାରା ଇଣ୍ଡିଆରେ ୪ଲକ୍ଷ ଟଙ୍କା ଲଗାଇଛନ୍ତି। ୨ଟି ଚାରିଚକିଆ ଯାନର ମୂଲ୍ୟ ୧୧ଲକ୍ଷ ୫୦ ହଜାର ଟଙ୍କା ଓ ୨ଟି ଦୁଇଚକିଆ ଗାଡ଼ିର ମୂଲ୍ୟକୁ ୧ଲକ୍ଷ ୨ହଜାର ଟଙ୍କାରେ ହିସାବ କରାଯାଇଛି। ୨୬ ଲକ୍ଷ ୧୧ହଜାର ୬୫ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ନଗଦ ୨ ଲକ୍ଷ ୬୯ ହଜାର ୧୧୦ଟଙ୍କାର ମିଳିଛି। ଘରର ବିଭିନ୍ନ ସାମଗ୍ରୀର ମୂଲ୍ୟ ୮ଲକ୍ଷ ୨୭ ହଜାର ୨୫୬ ଟଙ୍କା ରହିଛି। ଏହାସହ ୮୧ ଲକ୍ଷ ୫୩ ହଜାର ୬୧୧ଟଙ୍କାର ବିଭିନ୍ନ ଜୀବନ ବୀମା ରହିଥିବା ଭିଜିଲାନ୍ସ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଜୟଙ୍କ ଚାକିରି କାଳ ଆଉ ଦୁଇମାସ ଥିବାରୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯିବା ଘଟଣାକୁ ନେଇ ନାନା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ଜେଲ ଗଲେ ସହକାରୀ କୃଷି ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

ନିଜ ଅଫିସ୍‌ର ଜଣେ ଡ୍ରାଇଭରଙ୍କଠାରୁ ଲାଞ୍ଚ ନେବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ କୃଷି ବିପଣନ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଦାଶ। ପଚରାଉଚରା ପରେ ଗୁରୁବାର କେସ୍ ନଂ.୪/୨୦ ରୁଜୁ କରାଯାଇ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ବିଜୟଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଆସନ୍ତା ୨୧ ତାରିଖରେ ତାଙ୍କ ଜାମିନର ପରବର୍ତ୍ତୀ ଶୁଣାଣି ହେବ ବୋଲି ଭିଜିଲାନ୍ସ ସୂତ୍ରରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଧରାପଡିବା ପରେ ବିଜୟଙ୍କ ଅଫିସ ସମେତ ନୟାପଲ୍ଲୀସ୍ଥିତ ଭଡ଼ାଘର, ରୁପାଲି ଛକରେ ଥିବା ଫ୍ଲାଟ, ଶହୀଦନଗରରେ ଥିବା ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ସେଲୁନ ଆଣ୍ଡ୍ ସ୍ପା'ରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଥିଲା। ଯାଞ୍ଚବେଳେ ଆୟ ବହିର୍ଭୂତ ସମ୍ପତ୍ତି ନେଇ ଜଣାପଡିଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ କରାଯାଉଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ତାଙ୍କ ଅଫିସ୍‌ର ଡ୍ରାଇଭର ଧୀରେନ୍ଦ୍ର ମଲ୍ଲିକ ପଦୋନ୍ନତି ବାବଦକୁ ପ୍ରାୟ ଦେଢଲକ୍ଷ ଟଙ୍କା ଓ ବିଭିନ୍ନ ଭତ୍ତା ବାବଦରେ ୨୫ ହଜାର ଟଙ୍କା ପାଇବେ। ହେଲେ ଏହାକୁ ପାସ୍ କରାଇଦେବା ଲାଗି ବିଜୟ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଧୀରେନ୍ଦ୍ର ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଯୋଜନା ଅନୁଯାୟୀ ବୁଧବାର ଭିଜିଲାନ୍ସ ଅଧିକାରୀ ଅଫିସ ନିକଟରେ ଛକି ରହିଥିଲେ। ନିର୍ଦ୍ଧାରିତ ସ୍ଥାନରେ ଧୀରେନ୍ଦ୍ରଙ୍କଠାରୁ ଲାଞ୍ଚ ଟଙ୍କା ନେଇ ବିଜୟ ପକେଟରେ ରଖିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ବିଜୟଙ୍କ ହାତ ଓ ଟଙ୍କାରୁ କେମିକାଲ ଯୁକ୍ତ ରଙ୍ଗ ମିଳିଥିଲା। ଲାଞ୍ଚ ନେବାର ଦୃଢ଼ ପ୍ରମାଣ ମିଳିବା ପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା।



ପ୍ରବଳ ବର୍ଷାରେ ବୁଧବାର ରାତିରେ ମାଲକାନଗିରି ଜିଲା କାଲିମେଳା ବ୍ଲକ ବେଜିଙ୍ଗୱାଡା ପଞ୍ଚାୟତର ଏମପିଭି-୨୦ସ୍ଥିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଧୋଇ ହୋଇଯାଇଛି।

## ପରିତ୍ୟକ୍ତ ଅବସ୍ଥାରେ ଶିଶୁକନ୍ୟା ଉଦ୍ଧାର

**ପାରଳାଖେମୁଣ୍ଡି, ୧୩।୮(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଧୀନ ଛଅମାଇଲ ଛକ ନିକଟରୁ ଗୁରୁବାର ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଏକ ନିର୍ଜନ ସ୍ଥାନରେ କେହି ଶିଶୁଟିକୁ ଛାଡ଼ି ଚାଲିଯାଇଥିବାବେଳେ ଗ୍ରାମବାସୀ ଦେଖି ତାକୁ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ଶିଶୁଟିକୁ ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଶିଶୁଟିର ଚିକିତ୍ସା ଦାୟିତ୍ୱ ନେଇଥିବା ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୪.୯୧ଲକ୍ଷ ପ୍ରଦାନ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

ରାଜ୍ୟରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୬ ଲକ୍ଷ ୮୪ ହଜାର ୪୩୭ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ଟାଙ୍ଗୀ ଚୌଦ୍ୱାର ବ୍ଲକ୍‌ର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନଙ୍କ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୮ ଲକ୍ଷ ୭ ହଜାର ୭୭୭ ଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଶିକ୍ଷକ ସଂଘ ଏବଂ ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଏହି ଅର୍ଥ ରାଶିକୁ ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଅବସରରେ ଟାଙ୍ଗୀ ବ୍ଲକ୍ ଶିକ୍ଷା ଅଧିକାରୀ, ସାଲେପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ସମେତ ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଅଙ୍ଗଦାତାଙ୍କୁ ମରଣୋତ୍ତର ସୁରଜ ସମ୍ମାନ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

**ବିଶ୍ୱ ଅଙ୍ଗଦାନ ଦିବସ**

ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଜଣ ଅଙ୍ଗଦାତାଙ୍କୁ ମରଣୋତ୍ତର 'ସୁରଜ' ସମ୍ମାନରେ ସମ୍ମାନିତ କରିଛନ୍ତି। ୨୦୧୯ ଅକ୍ଟୋବରରେ ଗଞ୍ଜାମ ଜିଲା ଭଞ୍ଜନଗରର ଯୁବକ ସୁରଜ ଗୁଜରାଟର ସୁରଟରେ ଦୁର୍ଘଟଣାର ଶିକାର ହୋଇ ମସ୍ତିଷ୍କ ମୃତ ଅବସ୍ଥାରେ ଥିଲେ। ତାଙ୍କ ମାତାପିତାଙ୍କ ସାହସିକ ନିଷ୍ପତ୍ତି ପରେ ସୁରଜଙ୍କ ବୃକ୍କ, ଲିଭର, ହାର୍ଟ ଏବଂ ୨ ଆଖିକୁ ପ୍ରତିରୋପଣ ପରେ ୬ଜଣ ବ୍ୟକ୍ତି ଉପକୃତ ହୋଇଥିଲେ। ସୁରଜଙ୍କ ପରିବାରର ସାହାସିକତାକୁ ସମ୍ମାନ ଜଣାଇ ୨୦୧୯ ନଭେମ୍ବରରେ ମୁଖ୍ୟମନ୍ତ୍ରୀ 'ସୁରଜ' ସମ୍ମାନ ଘୋଷଣା କରିଥିଲେ। ସୁରଜଙ୍କ ପରେ ଦିଗପହଣ୍ଡିର ପି. ପ୍ରିୟଙ୍କାରାଣୀ ପାତ୍ର, ଭୁବନେଶ୍ୱରର ସୁଚିତ୍ରା ଦାସ, ପୁରୀ ଡେଲାଙ୍ଗର ରାଜଲକ୍ଷ୍ମୀ ଦାସଙ୍କ ପରିବାର ମଧ୍ୟ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଭିଡିଓ କନଫରେନ୍ସ ଜରିଆରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି।

## ବର୍ଷେ ବଢ଼ାଯାଉ ମାନ୍ୟତା ବୈଧତା

**କଟକ ଅଫିସ, ୧୩।୮:**

**ହାଇକୋର୍ଟଙ୍କ ଦ୍ୱାରସ୍ଥ ଘରୋଇ କଲେଜ କର୍ତ୍ତୃପକ୍ଷ**

ଘରୋଇ କଲେଜଗୁଡ଼ିକର ମାନ୍ୟତା ବୈଧତା ଅନ୍ତତଃ ଏକବର୍ଷ ବଢ଼ାଇବା ପାଇଁ ଦାବି କରାଯାଇଛି। ଏନେଇ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଅନଙ୍ଗ କୁମାର ଓଟାଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଜବାବ୍ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୯ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା କମିଶନର ତଥା ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି, ଘରୋଇ କଲେଜଗୁଡ଼ିକ ପରିଚାଳନା ପାଇଁ ଟିଉସନ୍ ଫି' ଉପରେ ନିର୍ଭର କରିଥାନ୍ତି। କରୋନା ଯୋଗୁ ବର୍ତ୍ତମାନ ଫି' ଆଦାୟ ବନ୍ଦ ରହିଛି। ଫଳରେ କର୍ମଚାରୀଙ୍କୁ ଦରମା ଦେବା ମୁସ୍କିଲ୍ ହୋଇପଡ଼ିଛି। ସରକାରୀ କଲେଜ କର୍ମଚାରୀଙ୍କୁ ଦରମା ଦେବାରେ ସରକାର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଘରୋଇ କଲେଜଗୁଡ଼ିକର ଅବସ୍ଥା ସ୍ପଷ୍ଟ ଅନୁମେୟ। ପ୍ରତିବର୍ଷ କଲେଜଗୁଡ଼ିକର ମାନ୍ୟତା ନବୀକରଣ ପାଇଁ ଭିତ୍ତିଭୂମି ଯାଞ୍ଚ କରାଯାଏ। ଏବେ କଲେଜଗୁଡ଼ିକ ବନ୍ଦ ଥିବାରୁ ସମସ୍ତ ଆବଶ୍ୟକତା ପୂରଣ କରିବା ସହଜ ନୁହେଁ। ଏଣୁ ଭିତ୍ତିଭୂମି ଅଭାବ ଦର୍ଶାଇ କଲେଜ୍‌ଗୁଡ଼ିକୁ ହଠାତ୍ ବନ୍ଦ କରିଦେବା ଦ୍ୱାରା ବହୁ ଲୋକ ନିଯୁକ୍ତି ହରାଇବେ। ବିଭିନ୍ନ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ର ମଧ୍ୟ ପ୍ରଭାବିତ ହେବେ। କାରଣ ଆବାସିକ କଲେଜରେ ପାଠପଢ଼ା ବ୍ୟତୀତ ବିନା ଅତିରିକ୍ତ ଫି'ରେ ଏଣ୍ଟ୍ରାନ୍ସ ପାଇଁ କୋଚିଂ ଦିଆଯାଇଥାଏ। ଏଭଳି ସମୟରେ ସରକାର ଘରୋଇ କଲେଜ ବନ୍ଦ କରିଦେଲେ ସେମାନେ ଅନ୍ୟ କେଉଁଠାରେ ପୁଣି ଫି' ଦେଇ ନାମ ଲେଖାଇବା କଷ୍ଟକର ହୋଇପଡ଼ିବ। ଗତବର୍ଷଗୁଡ଼ିକର ଫଳାଫଳକୁ ଦେଖି ଆଉ ଏକ ବର୍ଷ ପାଇଁ ମାନ୍ୟତା ବୃଦ୍ଧିର ଆବଶ୍ୟକତା ରହିଛି। ଏଥିଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ସୁଶାନ୍ତ କୁମାର ଦାସ ମାମଲା ପରିଚାଳନା କରିଥିଲେ।

## ୧୫ ଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର, ୧୩।୮(ବ୍ୟୁରୋ)**

ରାଜ୍ୟରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଶୂନ ଫଳାଫଳ ବା ଜିରୋ ରେଜଲ୍ଟ କରିଥିବା ୧୫ଟି ଶିକ୍ଷାନୁଷ୍ଠାନକୁ ସରକାର ଗୁରୁବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କାହିଁକି ଉକ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ବନ୍ଦ ନ ହେବ ସେନେଇ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନର ସ୍ୱୀକୃତି ପ୍ରତ୍ୟାହାର କାହିଁକି କରା ନ ଯିବ ସେ ନେଇ ମଧ୍ୟ କାରଣ ଦର୍ଶାଇବାକୁ କୁହାଯାଇଛି। ସୂଚନାଯୋଗ୍ୟ ବୁଧବାର ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ରାଜ୍ୟରେ ଚଳିତବର୍ଷ ପାସ୍ ହାର ୭୦.୨୧% ରହିଥିବାବେଳେ ୧୫ଟି ସ୍କୁଲରେ ଶୂନ ରେଜଲ୍ଟ ହୋଇଛି। ଶୂନ ରେଜଲ୍ଟ କାହିଁକି ହୋଇଛି ସେ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ୧୫ ସ୍କୁଲକୁ ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

**(1) ଟେଣ୍ଡର ସଂ. ELOP-T-11-2020**

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟ ଅବଧି ନିମନ୍ତେ ଯାତ୍ରା ମାର୍ଗରେ କ୍ରିଉ ସହାୟତା ବ୍ୟବସ୍ଥା ପାଇଁ ତାଳଚେର ଠାରେ ନିୟୋଜନ ନିମନ୍ତେ ଚାଳକ ସହିତ 06(ଛଅ) ସଂଖ୍ୟକ ହାଲୁକା ସଡ଼କ ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍ ଏସି) ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 2,96,56,128.80, EMD (ଟଙ୍କାରେ): ₹ 2,98,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି : 36 ମାସ।

**(2) ଟେଣ୍ଡର ସଂ. ELOP-T-12-2020**

**କାର୍ଯ୍ୟର ନାମ :** 03 ବର୍ଷ ସମୟ ଅବଧି ନିମନ୍ତେ ଯାତ୍ରା ମାର୍ଗରେ କ୍ରିଉ ସହାୟତା ବ୍ୟବସ୍ଥା ପାଇଁ ଅନଗୁଳ ଠାରେ (ଅହୋରାତ୍ର) ନିୟୋଜନ ନିମନ୍ତେ ଚାଳକ ସହିତ 02 (ଦୁଇ) ସଂଖ୍ୟକ ହାଲୁକା ଚାରି ଚକିଆ ସଡ଼କ ଗାଡ଼(ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ ନନ୍ ଏସି) ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ)** ₹ 97,98,204.00, EMD (ଟଙ୍କାରେ): ₹ 1,96,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 5,900.00, କାର୍ଯ୍ୟ ସମାପ୍ତିର ଅବଧି : 36 ମାସ।

ବିକ୍ରି ଆରମ୍ଭ ହେବା ତାରିଖ : ତା 14.08.2020 ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 28.08.2020 ରିଖ 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-208/L/20-21



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER-CUM-DISTRICT MISSION DIRECTOR, NHM, NUAPADA**

NUAPADA, ODISHA - 766105

E-mail: cdmocumdmdnuapada@gmail.com, Phone: (06678) 225908

Letter No. 2685/DPMU/NHM/2020 Date: 13.08.2020

**NOTICE INVITING BID**

No. E-179: Sealed tenders are invited from eligible bidders for supply, installation and commissioning of Gas Pipeline and Manifold System to DHH, Nuapada & repair and shifting of existing Gas pipeline from ICU to MCH wing. The bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website **www.nuapada.nic.in**. Interested eligible bidder can submit the bid on or before **04.09.2020 by 5 P.M. through Regd. Post/Speed Post/Courier only** at DPMU. The tender will be opened on **05.09.2020 at 11 A.M.** in the office of the undersigned. The authority reserves the right to accept/reject any part thereof or all the bids without assigning any reason thereof.

Sd./- CDM & PHO, Nuapada

OIPR-10055/11/0008/2021



**ODISHA JOINT ENTRANCE EXAMINATION - 2020 (OJEE - 2020)**

No: OJEE/225 Date: 13.08.2020

**NOTICE**

(Addition of Some New Places for Online Examination Centres)

In view of the current situation arising from **COVID-19 pandemics**, various measures are being taken by the State Government for the convenience of the students appearing OJEE 2020. As a part of this process, **6 (Six) new places in Odisha State and 03(Three) places outside Odisha State** have been added to the existing places for **online examination Centres**.

Therefore, the online application portal will be opened from **13.08.2020 on 5 P.M. to 16.08.2020 till 11:59 P.M.** so that all the candidates, who have successfully completed their application as on the last date of application, can login to the online OJEE Application Portal using their corresponding id and password and modify, if they want, only their choice of examination centres as per their convenience. For further details, the candidates may visit **www.ojee.nic.in.**

Sd/-
CHAIRMAN, OJEE, ODISHA



**BHUBANESWAR MUNICIPAL CORPORATION**

Progress through Partnership for Better Bhubaneswar

XXXV(Tax) - 11/2019

Notice No. 33485 Date: 12.08.2020

**NOTICE INVITING EXPRESSION OF INTEREST (EOI)**

No. C-98: Sealed proposal are invited for "Empanelment of Self Help Group/Area Level Federation for Collection of Holding Tax and Trade Licence in the remaining Ward under Jurisdiction of Bhubaneswar Municipal Corporation" in conformity with the terms & conditions of the EOI document in from intending applicants. Please refer to Website **www.bmc.gov.in** for complete details and downloading the document. The last date & time of submission of proposal is 07.09.2020 till 4.00 P.M. For any queries please contact **bmcpmu@bmc.gov.in**.

By Order

**Sd./- Dy. Commissioner (Revenue)**
**Bhubaneswar Municipal Corporation**

OIPR-13002/11/0028/2021



**DIRECTORATE OF TECHNICAL EDUCATION & TRAINING, ODISHA, CUTTACK - 753001**

**TIME LINE OF ITI ADMISSION - 2020**

No. KK-13: Consequent upon instructions of DGT, New Delhi communicated vide their letter No. DGT-MIS011/1/2018 O/o. Dir (TC) Dtd.03.08.2020 the following schedule for admission shall be adhered for the Session 2020-21 under Craftsman Training Scheme. Interested applicants are requested to avail the opportunity within the scheduled time line.

| Activities | Date Line |
|---|---|
| Availability of Online Common Application Form (CAF) in the website **http://samsodisha.gov.in or http://dtetodisha.gov.in** | 20 July 2020 |
| Last date for applying Online CAF through **http://samsodisha.gov.in or http://dtetodisha.gov.in** | 04 Sept. 2020 (12.00 Midnight) |
| Start of validation of submitted CAF (In case not verified online) by the Nodal Centre **(Govt. ITIs)** | 14 Aug. 2020 |
| Last date of submitting printout copy of online CAF at any Nodal Centre **(Govt. ITIs)** | 04 Sept. 2020 (05.00 P.M.) |
| Last date of validation of submitted CAF (In case not verified online) by the Nodal Centre **(Govt. ITIs)** | 05 Sept. 2020 (12.00 P.M.) |
| Publication of Selection List | 09 Sept. 2020 (11.00 A.M.) |
| Downloading of Intimation Letter | 09 Sept. 2020 (11.00 A.M.) |
| Reporting of the selected applicants for admission and admission data updation at selected ITIs | 10 to 11 Sept. 2020 |
| Publication of ITI wise vacancy list | 12 Sept. 2020 |
| **Spot Admission** | |
| Availability of CAF, Fee Payment, Validation, Tagging to ITI | 13 Sept. 2020 |

**Sd./- Director of Technical Education & Training, Odisha**

OIPR-14004/11/0010/2021



**FAKIR MOHAN UNIVERSITY**

Vyasa Vihar, Nuapadhi, Balasore - 756020

No. FMU/UTILITY/22/2020/4827 Date: 12.08.2020

**TENDER & QUOTATION CALL NOTICE**

Sealed tenders / quotations are invited from reputed registered travel firms/Bus owners having PAN/GST for supply of Seven Nos. of Buses on hired basis to Fakir Mohan University, Balasore. Desirous firms/Bus owners may download the tender papers & terms/conditions from University website: **www.fmuniversity.nic.in**. The tender papers & terms/conditions will be submitted to the undersigned along with a Bank Draft of Rs.10,000/- (Rupees ten thousand) only (non-refundable) as application fee drawn in favour of **"F.M. University Development Fund-II"**, payable at Balasore. Completed tender papers should reach the undersigned by **24.08.2020 (5.00 P.M.** through **Registered/Speed Post/Mail** superscribing the **"Tender Paper for Hired Bus"** on the top of the envelope containing the application. The same will be opened on 25.08.2020 at 3.00 P.M. in the Office of the Registrar, F.M. University, Nuapadhi, Balasore. The tenders incomplete and without required enclosures or not as per the requirement as prescribed in the tender papers shall be rejected. The undersigned reserves the right to reject any or all quotations without assigning any reason thereof.

By Order of Vice Chancellor

Sd./- Registrar



**ତହସିଲ କାର୍ଯ୍ୟାଳୟ, ତରଭା**

**ଲଘୁ ଖଣିଜ ଲିଜ୍ ଇସ୍ତାହାର**

ସଂଖ୍ୟା 2317 ତାରିଖ 13.8.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, ତରଭାଙ୍କ ବିଜ୍ଞାପନ ସଂଖ୍ୟା 2317 ତା 13.08.2020 ଅନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ତରଭା ତହସିଲ ଅନ୍ତର୍ଗତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡିକ ନିମନ୍ତେ ଆଗାମୀ 5 ବର୍ଷ ପାଇଁ (2020-21 ରୁ 2024-25) ଦୀର୍ଘମିଆଦୀ ଲିଜ୍ ସୂତ୍ରେ ହେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ନିଲାମ ସମ୍ବନ୍ଧୀୟ ତାରିଖଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଓ ଦିନ - ଦରଖାସ୍ତ ଗ୍ରହଣ ତାରିଖ- ତା୧୭।୦୮।୨୦୨୦ରୁ ୦୩।୦୯।୨୦୨୦ ଅପରାହ୍ନ ୦୫.୦୦ ପର୍ଯ୍ୟନ୍ତ ।
ନିଲାମ ଖୋଲାଯିବାର ତାରିଖ: ୦୪।୦୯।୨୦୨୦ ଦିବା ୧୧.୦୦ ସମୟ ତହସିଲ କାର୍ଯ୍ୟାଳୟ, ତରଭା

ଦ୍ୱିତୀୟ ନିର୍ଦ୍ଧାରିତ ନିଲାମ ତାରିଖ ଓ ସମୟ - ଦରଖାସ୍ତ ଗ୍ରହଣ ତାରିଖ ତା୦୫।୦୯।୨୦୨୦ରୁ ୧୪।୦୯।୨୦୨୦ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ ।
ନିଲାମ ଖୋଲାଯିବାର ତାରିଖ- ୧୫।୦୯।୨୦୨୦, ଦିବା ୧୧.୦୦ ସମୟ, ତହସିଲ କାର୍ଯ୍ୟାଳୟ, ତରଭା

ତୃତୀୟ ନିର୍ଦ୍ଧାରିତ ନିଲାମ ତାରିଖ ଓ ସମୟ - ଦରଖାସ୍ତ ଗ୍ରହଣ ତାରିଖ ତା୧୬।୦୯।୨୦୨୦ରୁ ୨୩।୦୯।୨୦୨୦, ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ
ନିଲାମ ଖୋଲାଯିବାର ତାରିଖ - ୨୪।୦୯।୨୦୨୦, ଦିବା ୧୧.୦୦ ସମୟ, ତହସିଲ କାର୍ଯ୍ୟାଳୟ, ତରଭା

ସବିଶେଷ ବିବରଣୀ ଜାଣିବା ପାଇଁ ତହସିଲ କାର୍ଯ୍ୟାଳୟ, ତରଭା, ଏହାର ସମସ୍ତ ରାଜସ୍ୱ କାର୍ଯ୍ୟାଳୟମାନଙ୍କରେ ଏବଂ ସୁବର୍ଣ୍ଣପୁର ଜିଲା ୱେବ୍‌ସାଇଟ୍ 'www.subarnapur.nic.in'ରେ ଉପଲବ୍ଧ ହେବ ।

ସ୍ୱା./-ତହସିଲଦାର, ତରଭା

**ଶିଶୁକନ୍ୟାଙ୍କୁ ବଳାତ୍କାର, ନାବାଳକଙ୍କ ନାଁରେ ଅଭିଯୋଗ**

କୋରେଇ, (ସ୍ୱ.ପ୍ର.): କୋରେଇ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଜଣେ ନାବାଳକଙ୍କ ନାମରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୋରେଇ ଥାନା ପୋଲିସ ତଦନ୍ତ ଜାରି ରଖିଥିବା ଆଇଆଇସି ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।



# ସହରବାସୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଭୟ

**କେନ୍ଦ୍ରାପଡ଼ା ଅଫିସ, ୧୩।୮**

୨୦୧୪ ଫେବୃୟାରୀ ୨୩ରୁ ରାଜ୍ୟରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଆରମ୍ଭ ହେଲାଣି। ତେବେ କେନ୍ଦ୍ରାପଡ଼ା ସହରରେ ଏହି ମିଶନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ୨୪ଟି ମହିଳା ଆରୋଗ୍ୟ ସମିତି ଗଠନ ହେବାକୁ ଥିବାବେଳେ ମାତ୍ର ୧୮ଟି ରେଜେଷ୍ଟ୍ରିଭୁକ୍ତ ହୋଇଛନ୍ତି । ୫୨ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟାରେ ଗଠିତ ୨୧ ୱାର୍ଡ଼ରେ ଏଯାଏ ୱାର୍ଡ଼ କଲ୍ୟାଣ ସମିତି ଗଠନ ହୋଇନାହିଁ। ସହରରେ ୮ଟି ଆଶା ପଦବୀ ଖାଲି ପଡିଛି। ଏପରି କି ସହର ମଧ୍ୟରେ ଅପପୁଷ୍ଟିଜନିତ ଲୋକସଂଖ୍ୟା କେତେ ସେ ନେଇ ସର୍ଭେ ଅଦ୍ୟାବଧି ଶେଷ ହୋଇନାହିଁ । ସେହିପରି ରାଜ୍ୟର ସର୍ବପୁରାତନ ଏହି ମ୍ୟୁନିସିପାଲିଟିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଥିବାରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭୟରେ କାଳାତିପାତ କରୁଥିବା କହିଛନ୍ତି।

ଆଇନଜୀବୀ ସରୋଜରାଜ ସିଂହ କହନ୍ତି, ୨୦୧୪ ଜାନୁୟାରୀ ୨୦ରେ କେନ୍ଦ୍ର ସରକାର ଏହି ମିଶନ ଆରମ୍ଭ କରିଛନ୍ତି। ମିଶନର ଲକ୍ଷ୍ୟ ଅନୁଯାୟୀ ୫୦ ହଜାରରୁ ଊର୍ଦ୍ଧ୍ୱ ସହରବାସୀଙ୍କ ପାଇଁ ଏକ ଅପଗ୍ରେଡେଡ୍ ପିଏଚ୍‌ସି ହେବ। ଏଥିରେ ଜଣେ ମେଡିକାଲ ଅଫିସର ସହ ୨ ଜଣ ଡାକ୍ତର ରହିବେ। ସହର ମଧ୍ୟରେ ଥିବା ବସ୍ତି ଅଞ୍ଚଳର ୫୦ରୁ ୧୦୦ ଘରକୁ ନେଇ ଏକ ମହିଳା ଆରୋଗ୍ୟ ସମିତି ଗଠନ କରାଯିବ। ସେହିପରି ପ୍ରତ୍ୟେକ ୱାର୍ଡ଼ରେ ଏକ କଲ୍ୟାଣ ସମିତି ଗଠନ କରାଯାଇ ସୁସ୍ଥ ବସ୍ତି, ସୁସ୍ଥ ୱାର୍ଡ଼, ସୁସ୍ଥ ସହର, ସୁସ୍ଥ ଓଡ଼ିଶା ଯୋଜନାକୁ ରୂପରେଖ ଦେବ। ଏହି ସମିତିର ସଭ୍ୟାସଭ୍ୟ ସହରର ପରିମଳ, ପାନୀୟଜଳ, ସ୍ୱାସ୍ଥ୍ୟ ସେବା ଓ ଅପପୁଷ୍ଟି ସମସ୍ୟାକୁ ଉପସ୍ଥାପନ କରିବେ। ଫଳରେ ଝାଡ଼ାବାନ୍ତି, ମ୍ୟାଲେରିଆ, ଜଣ୍ଡିସ, ଡ଼େଙ୍ଗୁ ଆଦି ରୋଗ ସହରର ବସ୍ତିବାସିନ୍ଦାଙ୍କ ନିକଟରେ ପହଞ୍ଚିବ ନାହିଁ। ଏଥିପାଇଁ ବସ୍ତି ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଗଠନ ହୋଇଥିବା ମହିଳା ଆରୋଗ୍ୟ ସମିତିକୁ ପ୍ରତିବର୍ଷ ୫ହଜାର ଟଙ୍କା ଓ ପ୍ରତ୍ୟେକ

**ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ**

- ୱାର୍ଡ କଲ୍ୟାଣ କମିଟି କାର୍ଯ୍ୟକାରୀ ନେଇ ସନ୍ଦେହ
- ସ୍ୱତନ୍ତ୍ର ଚିକିତ୍ସାଳୟ ପାଇଁ ହୋଇନାହିଁ ଚିଠି



ସହର ମଧ୍ୟରେ ଥିବା କେନ୍ଦ୍ରାପଡ଼ା କେନାଲ।

ୱାର୍ଡ଼ କଲ୍ୟାଣ ସମିତିକୁ ୧୦ହଜାର ଟଙ୍କା ଦେବା ପାଇଁ ବ୍ୟବସ୍ଥା ହୋଇଛି । ତେବେ ମିଶନ ଅନୁଯାୟୀ ସହରାଞ୍ଚଳ ପାଇଁ ୪ଟି ଏଏନ୍‌ଏମ୍ ପଦବୀରୁ ଏବେ ବି ଗୋଟିଏ ପଦବୀରେ କେହି ରହିନାହାନ୍ତି। ଅପରପକ୍ଷେ ସହରର ୨୧ ୱାର୍ଡ଼ରେ ପରିମଳ ବ୍ୟବସ୍ଥା ନିର୍ଣ୍ଣାୟକ ସ୍ଥିତିରେ ନାହିଁ। ସାମାନ୍ୟ ବର୍ଷାରେ ନାଳ ଉଛୁଳି ରାସ୍ତା ଉପରେ ମଇଳା ପାଣି ଚାଲୁଥିବା ବେଳେ କେତେକ ରାସ୍ତାରେ ଗାଡ଼ ହୋଇ ଦୀର୍ଘଦିନ ଧରି ପାଣି ଜମିରହୁଛି।

ମନକରପୁରର ଗୋଲକ ଚନ୍ଦ୍ର ପଡ଼ିଆରୀ କହନ୍ତି, ସହରର ରାସ୍ତା ନିକଟରେ ଥିବା ଟ୍ୟୁବ୍‌ୱେଲ ଚାରିପାଖରେ ପାଣି ଜମିରହି ମଶା, ମାଛିଙ୍କ ବାସସ୍ଥାନ ପାଲଟିଛି। ଚଉରୀ ବରହମପୁରରେ ପ୍ରତ୍ୟେକ ବର୍ଷ ପରିମଳ ବ୍ୟବସ୍ଥା ବିଗୁଡୁଥିବାରୁ ଝାଡ଼ାବାନ୍ତି ବ୍ୟାପିବା ସହ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ବହୁ ସମୟରେ ଏହି ବସ୍ତିରେ ଅପପୁଷ୍ଟି ଘଟଣା ନଜରକୁ ଆସୁଛି। ସହରର ନାଳ ଉପରେ ଜବରଦଖଲ ଲାଗିରହୁଥିବାରୁ ମଇଳା ପାଣି ନିଷ୍କାସନ ହୋଇପାରୁ ନାହିଁ। ସାମାଜିକ କର୍ମୀ ଅମର ବିଶ୍ୱାଳ କହନ୍ତି, ମିଶନ ଅନୁଯାୟୀ ଗର୍ଭବତୀ, ପ୍ରସୂତି ଓ ଅପପୁଷ୍ଟିର ଶିକାର ଶିଶୁଙ୍କ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ହୋଇଛି। ଡାକ୍ତରଖାନାରେ ଦୁଇଓଳି ୩ ଘଣ୍ଟା ଲେଖାଏ ଡାକ୍ତର ରହି ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏଥିରେ ଉଲ୍ଲେଖ ଅଛି। ମାତ୍ର କେନ୍ଦ୍ରାପଡ଼ା ସହରରେ ଏସବୁ କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ଚାଲିଛି। ସହରବାସୀଙ୍କ ପାଇଁ ଅପ୍‌ଗ୍ରେଡେଡ୍ ପିଏଚ୍‌ସିର ଆବଶ୍ୟକତା ଥିବାବେଳେ ପୌରସଂସ୍ଥା ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ଏ ନେଇ ଚିଠି କରାଯାଇ ନ ଥିବା କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୌରସଂସ୍ଥା ଅଧିକାରୀ ଦେବପ୍ରସାଦ ବଳ କହିଛନ୍ତି, ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଇଁ ବ୍ୟବସ୍ଥା ହୋଇଛି । ଏଥିସହ ପାଣି ଜମିରହୁଥିବା ସ୍ଥାନ ଚିହ୍ନଟ କରି ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି।

## ଭାସିଯାଉଥିବା ଡ୍ରାଇଭରଙ୍କୁ ଉଦ୍ଧାର କଲେ ଯୁବକ

**ରଘୁନାଥପୁର, ୧୩।୮ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ୍ ତାରପୁର ବାଇପାସସ୍ଥିତ ମା'ନାରାୟଣୀ ମନ୍ଦିର ମହାନଦୀ ଘାଟରେ ମଙ୍ଗଳବାର ଶୌଚ ହେବାକୁ ଯାଇଥିବା ଜଣେ ଡ୍ରାଇଭରଙ୍କ ଗୋଡ଼ ଖସିଯିବାରୁ ସେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ପ୍ରାୟ ଦୁଇ ଶହ ମିଟର ପର୍ଯ୍ୟନ୍ତ ମଝି ନଈରେ ଭାସିଯିବା ପରେ ବ୍ରିଜ୍ ଉପରେ ଯାଉଥିବା ସ୍ଥାନୀୟ ଗ୍ରାମର ଯୁବକ ପ୍ରଦୀପ ନାୟକଙ୍କ ନଜର ପଡିଥିଲା। କାଳବିଳମ୍ବ ନ କରି ପ୍ରଦୀପ ବ୍ରିଜ ଉପରୁ ଡେଇଁ ଏକ ଗାମୁଛା ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ଡ୍ରାଇଭର ଜଣକ ଜଗତ୍‌ସିଂହପୁର ଅଞ୍ଚଳର ଜଗନ୍ନାଥ ପ୍ରଧାନ(୩୩)। ସେ ନିକଟସ୍ଥ ଗୋକୁଳପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରକ ଚଳାଉଛନ୍ତି। ଏହାପରେ ଜଗନ୍ନାଥଙ୍କୁ ଜଗତ୍‌ସିଂହପୁର ହସ୍ପିଟାଲକୁ ନିଆଯାଇଥିଲା। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ପ୍ରଦୀପଙ୍କ ସାହସିକତାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ଆଇସୋଲେଶନରେ ପଜିଟିଭଙ୍କୁ ଭେଟିଲେ ଜିଲାପାଳ

**ଆଳି, ୧୩।୮ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଗୁରୁବାର ଆଳି ମହାବିଦ୍ୟାଳୟ ପରିସରରେ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରିଛନ୍ତି। ଏଥିସହ ଅଟାଳ ପଞ୍ଚାୟତର ଧନେଶ୍ୱରପୁର ଗ୍ରାମରେ ହୋମ୍ ଆଇସୋଲେଶନରେ ଥିବା ୧୫ ପଜିଟିଭଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୁଝିଛନ୍ତି। ଏହି ଅବସରରେ ସେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହ କୋଭିଡ୍ ୧୯ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଆଳି ତହସିଲଦାର ତପନ ସେନାପତି, ବିଡିଓ ଦ୍ୱିବେନ୍ଦୁ ଦାସ, ଡା. ଇନ୍ଦ୍ରଭାନୁ ପ୍ରଧାନ ଓ ଯନ୍ତ୍ରୀ ମିହିର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ, ୧୩।୮ (ଡି.ଏନ.ଏ.):** ପଟ୍ଟାମୁଣ୍ଡାଇ ଥାନା କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୋଗୁଆ ଛକଠାରେ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି କଟକ ଜିଲା ସତୀଚଉରାର ସେକ୍ ଓକିଲ। ରାଜନଗର ଥାନା କେରଡାଗଡର ତାଙ୍କ ଶ୍ୱଶୁର ସେକ୍ ଆଶାନ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି, କେହି ମାରିଦେଇ ଏଠାରେ ପକାଇ ଦେଇଥିବା ଓ ରାସ୍ତା ଦୁର୍ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଏଥିପାଇଁ ବଜାରରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ ହେଉଛି।

### ଯୁବତୀଙ୍କ ଆତ୍ମହତ୍ୟା

**ବରୀ, ୧୩।୮ (ଡି.ଏନ୍.ଏ.):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କିମ୍ବୀରିଆପାଳ ଗ୍ରାମର ଶରତ ଚନ୍ଦ୍ର ସ୍ୱାଇଁଙ୍କ ଝିଅ ଶୁଭଶ୍ରୀ (୨୧) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁଭଶ୍ରୀ ବୁଧବାର ସନ୍ଧ୍ୟାରେ କବାଟ ଦେଇ ଶୋଇଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ସେ କବାଟ ନ ଖୋଲିବାରୁ ପରିବାର ଲୋକେ ଘର କବାଟ ଭାଙ୍ଗି ଦେଇଥିଲେ। ଘର ଭିତରେ ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବରୀ ଥାନା ଏସ୍.ଆଇ ରୁଦ୍ରପ୍ରତାପ ନାୟକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (୨୩/୨୦୨୦) ରୁଜୁ ହୋଇଛି।

### ସ୍ୱାଧୀନତା ଦିବସରେ କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ବନ୍ଦ

**ଯାଜପୁର ଟାଉନ, ୧୩।୮ (ଡି.ଏନ୍.ଏ.):** ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସର କାର୍ଯ୍ୟକ୍ରମକୁ ନିରାଡମ୍ବର ଓ ସମସ୍ତ କଟକଣା ଅନୁସାରେ ପାଳନ କରାଯିବ। ତେଣୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜନଗହଳିକ ବନ୍ଦ ରଖାଯାଇଛି। ତେଣୁ ଚଳିତବର୍ଷ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ମଧ ବନ୍ଦ ରଖାଯାଇଛି ବୋଲି ଜିଲାପାଳ ତଥା ଜିଲା ରେଡ୍‌କ୍ରସ ସମିତି ଅଧକ୍ଷ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ତେଣୁ ଚଳିତ ବର୍ଷ ସ୍ୱାଧୀନତା ଦିବସରେ କୁଷ୍ଠାଶ୍ରମ ଅନ୍ତେବାସୀମାନେ ଜିଲା କାର୍ଯ୍ୟାଳୟକୁ ନ ଆସିବାକୁ ରେଡକ୍ରସ୍ ସୋସାଇଟି ସମ୍ପାଦକ କୁଳମଣି ନାୟକ ଅନୁରୋଧ କରିଛନ୍ତି।

### ଫେରାର ସାପଧରାଳି ଗିରଫ

**ନୟାଗଡ଼ ଅଫିସ/ରଣପୁର, ୧୩।୮ (ସ୍ୱ.ପ୍ର.):** ଫେରାର ସାପଧରାଳି ଅଜୟ କୁମାର ଦାସ(୩୫)ଙ୍କୁ ରଣପୁର ଥାନା ପୋଲିସ ଗିରଫ ପରେ ନୋଟିସ୍ ଦେଇ ଗୁରୁବାର ଛାଡି ଦେଇଛି। ଗତ ୬ ତାରିଖରେ ନନ୍ଦପୁର ଗାଁର ଅଜୟଙ୍କୁ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ପକ୍ଷରୁ ଅଟକ ରଖାଯାଇ ପଚରାଉଚୁରା କରାଯାଇଥିଲା। ପଚରାଉଚୁରା ନାଁରେ ତାଙ୍କୁ ବନ ବିଭାଗ ୪ଦିନ ଅଟକ ରଖିଥିଲା। ଗତ ୯ତାରିଖରେ ଅଜୟ ଫେରାର ହୋଇଯାଇଥିଲେ। ପରେ ଖୋର୍ଦ୍ଧା ଏସିଏଫ୍‌ଙ୍କ ଅଭିଯୋଗ କ୍ରମେ ତାଙ୍କ ନାମରେ ମାମଲା (ନଂ.୨୩୦/୨୦) ରୁଜୁ ହୋଇଥିଲା।

## ଭୟରେ ଦିନ କାଟୁଛନ୍ତି ୬ ପରିବାର

**ସିଂହପୁର, ୧୩।୮ (ଡି.ଏନ୍.ଏ.)**

**କୂଳ ଖାଉଛି ଖରସ୍ରୋତା**



ଖରସ୍ରୋତା ନଦୀରେ ବନ୍ୟା ଜଳ ପ୍ରବେଶ କରିଥିବା ବେଳେ ଏହା କୂଳରେ ଥିବା ଜନବସତିର ଲୋକମାନେ ବନ୍ୟା ଭୟରେ ଦିନ କାଟୁଛନ୍ତି। ବିଶେଷ ନଦୀବନ୍ଧରେ ପଥର ପ୍ୟାକିଂ କରାଯାଇ ନ ଥିବା ସ୍ଥାନରେ ବନ୍ୟା ଆଶଙ୍କା ଅଧିକ ରହିଛି। ବିଞ୍ଝାରପୁର ଜଳସମ୍ପଦ ବିଭାଗ ଅଧୀନ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ନାୟକ ସାହିର ୬ ପରିବାର ଖରସ୍ରୋତା ନଦୀ କୂଳରେ ଦୀର୍ଘ ବର୍ଷଧରି ବିପଦସଙ୍କୁଳ ଭାବେ ବସବାସ କରୁଥିଲେ ବି ସେହି ସ୍ଥାନରେ ପଥର ପ୍ୟାକିଂ କରାଯାଇନାହିଁ। ଚଳିତବର୍ଷ ନଦୀରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ସେମାନଙ୍କ ଘରଡ଼ିହକୁ ପାଣି ଲାଗିଛି। ବନ୍ୟା ଆଶଙ୍କା ସାଙ୍ଗକୁ ସରୀସୃପ ଘରେ ପଶିଯିବା ଭୟ ଥିବାରୁ ସେଠାକାର ଲୋକେ ରାତିରାତି ଅନିଦ୍ରା ରହି ଜଗି ରହୁଛନ୍ତି। ଗରିବ ଦିନ ମଜୁରିଆ ପରିବାର ହୋଇଥିବାରୁ ଅନ୍ୟ ଜାଗାରେ ଘର କରି ରହିବା ସେମାନଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ଭାଗ୍ୟକୁ ଆଦରି ନଦୀ କୂଳେ ପଡ଼ି ରହିଛୁ ବୋଲି ନାୟକ ସାହିର ରଘୁନାଥ ନାୟକ, ନଟବର ନାୟକ, ଶ୍ରୀଧର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଆନନ୍ଦ ନାୟକ ପ୍ରମୁଖ କହିଛନ୍ତି। ଗତବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ଅସ୍ଥାୟୀ ଜାଫିର କରାଯାଇଥିଲା। ସେହି ସ୍ଥାନରେ ପଥର ପ୍ୟାକିଂ କରାଯିବାକୁ ସେଠାକାର ଲୋକେ ଦାବି କରିଛନ୍ତି।

## ଜଗତ୍‌ସିଂହପୁରରେ ପୁଣି ୪୨ ସଂକ୍ରମିତ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୩।୮**

ଜଗତ୍‌ସିଂହପୁର ଜିଲାରେ ୪୨ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୯୬୩ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ନୂଆ ୪୨ ପଜିଟିଭ୍‌ଙ୍କ ମଧ୍ୟରେ ବାଲିକୁଦା ବ୍ଲକ ଅଞ୍ଚଳରୁ ୩, ବିରିଡ଼ି ୪, ଜଗତ୍‌ସିଂହପୁର ପୌର ପରିଷଦ ୪, ନାଉଗାଁ ୫, ତିର୍ତ୍ତୋଲ ବ୍ଲକର ୨, ପାରାଦୀପ ପୌରାଞ୍ଚଳ ୩ ଓ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୨୧ଜଣ ରହିଛନ୍ତି। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ସମସ୍ତ ୨୧ଜଣ ଆଳିପିଙ୍ଗଳସ୍ଥିତ ଉପକାରାଗାରରୁ ଏବଂ ଜଣେ ଗୃହରକ୍ଷୀ ପାରାଦୀପ ଥାନାରୁ ଚିହ୍ନଟ ହୋଇଛନ୍ତି। ୧୨ ତାରିଖରେ ଜଗତ୍‌ସିଂହପୁର ଜିଲାରେ ୨୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ନାଉଗାଁରୁ ୧୭, ପାରାଦୀପ ୩, ତିର୍ତ୍ତୋଲ ୩, କୁଜଙ୍ଗ ୧, ବିରିଡ଼ି ୧ ଓ ବାଲିକୁଦାରୁ ଜଣେ ଚିହ୍ନଟ ହୋଇଥିଲେ।

## ନବ ବିବାହିତାଙ୍କୁ ପିଟି ହତ୍ୟା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୩।୮:** ନାଉଗାଁ ଥାନା ଦେବୀଦୋଳ (ନୂଆପାରି) ଗ୍ରାମରେ ଜଣେ ନବ ବିବାହିତାଙ୍କୁ ପିଟି ହତ୍ୟା କରାଯାଇଥିବା ଗୁରୁବାର ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଜଗତ୍‌ସିଂହପୁର ଥାନା ସମଙ୍ଗର ମହେନ୍ଦ୍ର ବେହେରାଙ୍କ ଝିଅ ରାଜନନ୍ଦିନୀ। ମହେନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ-୨୫୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ମହେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ମେ ୮ରେ ତାଙ୍କ ଝିଅ ରାଜନନ୍ଦିନୀଙ୍କ ସହ ଦେବୀଦୋଳର ଗୋଲକ ଦାସଙ୍କ ପୁଅ ବାଲା (ଟିନା)ଙ୍କ ବିବାହ ହୋଇଥିଲା। ସେତେବେଳେ ସ୍ୱାମୀଙ୍କୁ ସୁନା ଚେନ୍, ସୁନା ମୁଦି, ଡ୍ରେସ୍ ପାଇଁ ୧୦ ହଜାର ଟଙ୍କା ଓ ଘର କରଣା ସାମଗ୍ରୀ ଦିଆଯାଇଥିଲା। ବିବାହ ପରେ ଝିଅ, ସ୍ୱାମୀ ଅଷ୍ଟମଙ୍ଗଳାକୁ ତାଙ୍କ ଘରକୁ ଆସିଥିଲେ। ସେତେବେଳେ ଶାଶୁଘରେ ତାଙ୍କୁ ଅଧିକ ଯୌତୁକ ବାବଦ ନଗଦ ୧,୫୦,୦୦୦ ଟଙ୍କା, ଗଡରେଜ୍, ଆଲଣା, ବେଡ୍, ଡ୍ରେସିଂ ଟେବୁଲ୍ ଦେବାକୁ ଦାବି କରୁଥିବା ଝିଅ କହିଥିଲେ। ସ୍ୱାମୀଙ୍କୁ ପଚାରିବାରୁ ସେତେବେଳେ ସେ କିଛି କହି ନ ଥିଲେ। ପରେ କିନ୍ତୁ ନିର୍ଯାତନା ଦିଆଯାଉଥିବା ଝିଅ ମଝିରେ ମଝିରେ ଫୋନ୍ କରି କୁହନ୍ତି। ଏପରି କି ଦାବି ପୂରଣ ନ କଲେ ସେମାନେ ମାରିଦେବେ ବୋଲି ରାଜନନ୍ଦିନୀ ଫୋନରେ କହିଥିଲେ। ବେଳେବେଳେ ସ୍ୱାମୀ ମଧ ମାରୁଥିଲେ। ଶାଶୁ, ଶ୍ୱଶୁର, ବଡ ଦେଢଶୁର (୨ ଜଣ) ଓ ଯାଆ (୨ଜଣ)ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଯେହେତୁ ସେ ଆର୍ଥିକ ସ୍ତରରେ ଦୁର୍ବଳ ତେଣୁ ବିବାହ ପୂର୍ବରୁ ଅଧିକ କିଛି ଯୌତୁକ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହା ଶୁଣି ବିନା ଯୌତୁକରେ ସେମାନେ ଝିଅକୁ ନେବାକୁ ପ୍ରସ୍ତୁତ ବୋଲି ସମୁଦି ଗୋଲକ କହିବାରୁ ବାହାଘର ହୋଇଥିଲା। କିନ୍ତୁ ପରେ ପରେ ଏଭଳି ଦାବି କରି ନିର୍ଯାତନା ଦେବା ପରେ ମହେନ୍ଦ୍ର ବିଚଳିତ ହୋଇ ପଡିଥିଲେ। ଚିତାଲାଗି ଅମାବାସ୍ୟା ବେଳେ ମହେନ୍ଦ୍ର ଝିଅ ଘରକୁ ଯାଇ ସକ୍ଷମ ହେଲେ ଦାବି ପୂରଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଅର୍ଥାତ୍ ୯।୮।୨୦ରେ ଏକ ଗାଡି କରି ସବୁ ସାମଗ୍ରୀ ଓ ଦେଢଲକ୍ଷ ଟଙ୍କା ଝିଅ ଘରେ ତାଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଶ୍ୱଶୁରଙ୍କୁ ଦେଇଥିଲେ। ହେଲେ ଗତ ୧୧ ତାରିଖରେ ସ୍ୱାମୀ ଫୋନ କରି କହିଥିଲେ, ଝିଅ ଦେହ ଖରାପ କାରଣରୁ ସେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି, ଶୀଘ୍ର ଆସନ୍ତୁ। ଏଭଳି ଖବର ପାଇ ମହେନ୍ଦ୍ର ତାଙ୍କ ପଡୋଶୀ ଓ ବନ୍ଧୁବାନ୍ଧବଙ୍କ ସହ କଟକ ବଡ ଡାକ୍ତରଖାନାରେ ପହଞ୍ଚିଲା ପରେ ରାଜନନ୍ଦିନୀଙ୍କ ମୃତଦେହ ଦେଖିଥିଲେ। ତାଙ୍କ ବେକ ଓ କାନମୁଣ୍ଡାରେ ମାଡ ଦାଗ ଥିଲା। ତେଣୁ ଝିଅକୁ ସ୍ୱାମୀ, ତାଙ୍କ ଶାଶୁ, ଶ୍ୱଶୁର, ୨ ଦେଢଶୁର, ୨ ଯାଆ ମିଶି ପିଟି ମାରି ଦେଇଥିବା ମହେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି।

## ଜମି ସମସ୍ୟାରୁ ଗଣ୍ଡଗୋଳ: ଜଣେ ମୃତ, ୫ ଗୁରୁତର

**ମାର୍ଶାଘାଇ, ୧୩।୮ (ଡି.ଏନ.ଏ.)**

ପାଟକୁରା ଥାନା ଶାସନୀପଡା ଗ୍ରାମରେ ଜମିବାଡ଼ି ସମସ୍ୟାରୁ ପାରିବାରିକ ଗଣ୍ଡଗୋଳ ଘଟି ଗୁରୁବାର ଜଣଙ୍କର ଜୀବନ ଯାଇଛି। ଏଥିସହିତ ୫ ଜଣ ଗୁରୁତର ହୋଇଛନ୍ତି । ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଥାନାରେ ଦୁଇଟି ମାମଲା (ନଂ.୧୮୨ ଓ ୧୮୩/୨୦) ରୁଜୁ ହୋଇଛି। ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ଓ ଥାନାଧିକାରୀ ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ଘଟଣାର ତନାଘନା ଚାଲିଛି। ଏହି ମାମଲାରେ ଥାନାରେ ୩ ଜଣଙ୍କୁ ଅଟକ ରଖାଯାଇଛି। ଥାନା ଅଧିକାରୀ ପ୍ରଧାନ କହିଛନ୍ତି, ଗ୍ରାମର ମଧୁସୂଦନ ବେହେରାଙ୍କ ୪ ପୁଅ । ତେବେ ଜମି ଭାଗବଣ୍ଟାକୁ କେନ୍ଦ୍ର କରି ତାଙ୍କର ୪ ପୁଅଙ୍କ ମଧ୍ୟରୁ ବ୍ରଜସୁନ୍ଦର ଗୋଟିଏ ପକ୍ଷ ହୋଇଥିବା ବେଳେ ଅନ୍ୟପକ୍ଷର ୩ ପୁଅ ହାଡିବନ୍ଧୁ ବେହେରା, ବିପିନ ବିହାରୀ ବେହେରା ଓ ସ୍ୱର୍ଗତ ରମେଶ ବେହେରାଙ୍କ ପରିବାର ମଧ୍ୟରେ ବିବାଦ ଥିଲା। ଗୁରୁବାର ଉଭୟ ପକ୍ଷ ମଧ୍ୟରେ ବିବାଦରୁ ହାତାହାତି ହୋଇଥିଲେ ଫଳରେ ବ୍ରଜ କିଶୋର, ସ୍ତ୍ରୀ ମମତା, ଝିଅ ଶଶୀ, ପୁଅ ରବୀନ୍ଦ୍ର ବେହେରା, ମନୋରଞ୍ଜନ, ପଡୋଶୀ ପ୍ରଶାନ୍ତ କୁମାର ବେହେରା ଗୁରୁତର ଆହତ ହୋଇଥିଲେ। ବ୍ରଜ କିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ସମୟରେ ମୃତ୍ୟୁ ହୋଇଛି। ଅନ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।



ବାଘମାରୀ-ବଲାଙ୍ଗୀର ୪୮ନଂ. ରାଜପଥର କଣ୍ଟିଲୋ ଓ ବାଣପୁର ମଧ୍ୟରେ ଏକଫୁଟ ଉଚ୍ଚର ବର୍ଷାଜଳ ଜମିରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ସେହି ପାଣିରେ ହଂସମାନେ ଖେଳୁଛନ୍ତି।

## ଆର୍‌ଟିଆଇରେ ତଥ୍ୟ ମିଳୁ ନ ଥିବା ଅଭିଯୋଗ

**ବରୀ, ୧୩।୮ (ଡି.ଏନ୍.ଏ.)**

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ସାଧାରଣ ଲୋକ ସରକାରୀ ଅଧିକାରୀଙ୍କଠାରୁ ସରକାରୀ କାର୍ଯ୍ୟାଳୟର ତଥ୍ୟ ମାଗିପାରିବେ। ଆବେଦନକାରୀଙ୍କୁ ଆବେଦନର ୩୦ଦିନ ମଧ୍ୟରେ ଉତ୍ତର ଦେବାକୁ ନିୟମ ରହିଛି। ମାତ୍ର ବରୀ ବ୍ଲକରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିବାର ୨ ମାସ ପରେ ବି ଆବେଦନକାରୀ ତଥ୍ୟ ପାଉ ନ ଥିବା ଅଭିଯୋଗ ହୋଇଛି। ବ୍ଲକ ଅଧୀନ ବରୀ ପଞ୍ଚାୟତର ସାମାଜିକ କର୍ମୀ ପ୍ରଶାନ୍ତ ଦ୍ୱିବେଦୀଙ୍କ ଅଭିଯୋଗ ମୁତାବକ, କଳାମାଟିଆ, ଅନ୍ୟାସୀପୁର, ଇଶାଣପୁର, ବାଲିଆ, ମହାକାଳପଡା, ଅମଠପୁର ପଞ୍ଚାୟତକୁ ୨୦୧୭ ମାର୍ଚ୍ଚ ୧୦ ତାରିଖରୁ ୨୦୨୦ ଜୁନ୍ ୪ ତାରିଖରେ ମଧ୍ୟରେ କେତେ ଅନୁଦାନ ଆସିଛି। ଏବଂ ସେହି ଅର୍ଥରୁ କେତେ ଅର୍ଥ କେଉଁ ପ୍ରକଳ୍ପ ପାଇଁ ଖର୍ଚ୍ଚ କରାଯାଇଛି, ସେ ସମ୍ପର୍କରେ ତଥ୍ୟ ଦେବାକୁ ସେ ଗତ ଜୁନ୍ ୪ ତାରିଖରେ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ଇତିମଧ୍ୟରେ ୨ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ତାଙ୍କୁ ତଥ୍ୟ ପ୍ରଦାନ କରାଯାଇନାହିଁ, ଯାହା ସରକାରୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରଶାନ୍ତ କହିଛନ୍ତି। ଏ ନେଇ ବରୀ ବିଡିଓଙ୍କୁ ପଚାରିବାରେ, ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ନିକଟରେ ଏ ନେଇ କୌଣସି ଅଭିଯୋଗ ପହଞ୍ଚିନାହିଁ ବୋଲି କହିଛନ୍ତି।


CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

BANDHAN FINANCE
(Regd No - 1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଧକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାମ୍ପିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର।
9910560681





# ଏବେ ସଙ୍କଟରେ

**ଲିଜାର୍ଡ ଡେ, ପ୍ରତିବର୍ଷ ଅଗଷ୍ଟ ୧୪ରେ ପାଳନ ହୋଇଥାଏ। ଗୋଧିଠାରୁ ଆରମ୍ଭ କରି ଏଣ୍ଡୁଅ, ଝିଟିପିଟି ଆଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ତେବେ ବିଭିନ୍ନ କାରଣରୁ ଏହି ପ୍ରଜାତିର ପ୍ରାଣୀ ଏବେ ସଙ୍କଟରେ...**

ପରିବର୍ତ୍ତିତ ସମୟ ସହ ତାଳ ମିଳାଇ ଚାଲିବା ହୋଇଯାଉଛି କଷ୍ଟକର। ପ୍ରଦୂଷିତ ପରିବେଶ ଏବଂ ମନୁଷ୍ୟର ଲୋଲୁପ ଦୃଷ୍ଟି ସେମାନଙ୍କୁ ଅତିଷ୍ଠ କରିଦେଉଛି। ଫଳରେ ଦିନକୁ ଦିନ ବିଭିନ୍ନ ପ୍ରଜାତିର ପ୍ରାଣୀ ଲୋପ ପାଇଯାଉଥିବାବେଳେ ଆଉ କେତେକଙ୍କ ଜୀବନ ସଂକଟ ଅବସ୍ଥାକୁ ଠେଲି ହୋଇଯାଉଛି। ଏହିଭଳି ଏବେ ଲିଜାର୍ଡ(ଗୋଧିଠାରୁ ଆରମ୍ଭ କରି ଏଣ୍ଡୁଅ, ଝିଟିପିଟି...)ଶ୍ରେଣୀ ଅନ୍ତର୍ଭୁକ୍ତ ପ୍ରାଣୀଙ୍କ କ୍ଷେତ୍ରରେ ସୃଷ୍ଟି ହୋଇଛି।

## ଗୋଧି

ଓଡ଼ିଶାରେ ୩ ପ୍ରଜାତିର ଗୋଧି ଦେଖାଯାଆନ୍ତି। ଭିତରକନିକା ହେନ୍ତାଳବନରେ ୱାଟର ମନିଟର ଏବଂ ରାଜ୍ୟର ଅନ୍ୟ ସ୍ଥାନରେ ବେଙ୍ଗଲ ମନିଟର ଓ ୟେଲୋ ମନିଟର ଦେଖାଯାଆନ୍ତି। ରାଜ୍ୟରେ ଶିକାର ହେଉଥିବା ଲିଜାର୍ଡଙ୍କ ମଧ୍ୟରେ ଏହି ଗୋଧି ସଂଖ୍ୟା ପ୍ରଥମ। ବିଭିନ୍ନ କାରଣରୁ ଗୋଧି ଶିକାର ହୋଇଥାଏ। ଏହାର ମାଂସକୁ ଲୋକେ ଖାଇଥାନ୍ତି ଆଉ ଚମଡ଼ାକୁ ବାଦ୍ୟଯନ୍ତ୍ରରେ ବ୍ୟବହାର କରିଥାନ୍ତି। ଢେଙ୍କାନାଳ ଜିଲା ଯୋରନ୍ଦାଠାରେ ମାଘ ମେଳାରେ ବହୁ ସଂଖ୍ୟାରେ ଗୋଧି ଚମଡ଼ା ବିକ୍ରି ହୋଇଥାଏ। ଏହା ମୁଖ୍ୟତଃ 'ଖଞ୍ଜଣି' ବାଦ୍ୟଯନ୍ତ୍ରରେ ବ୍ୟବହାର କରାଯାଇଥାଏ। ତେଣୁ ଗୋଧିସଂଖ୍ୟା ଓଡ଼ିଶାରେ ଦିନକୁ ଦିନ କମିବାରେ ଲାଗିଲାଣି। କିନ୍ତୁ ଏହି ୩ ପ୍ରଜାତିର ଗୋଧି



ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ ସରୀସୃପ। ଏମାନଙ୍କୁ ଶିକାର କଲେ ୭ବର୍ଷ ଜେଲଦଣ୍ଡ ମିଳିବ। କିନ୍ତୁ ବନ ବିଭାଗର ଉଦାସୀନତା ଯୋଗୁ ରାଜ୍ୟରେ ଦିନକୁ ଦିନ ଗୋଧି ସଂଖ୍ୟା କମିବାରେ ଲାଗିଛି। ଏମାନଙ୍କୁ ସାଧାରଣତଃ କେଳା ସମ୍ପ୍ରଦାୟର ଲୋକେ ଶିକାର କରି ମାଂସ ଖାଇଥାନ୍ତି ଏବଂ ଚମଡ଼ାକୁ ବିକ୍ରି କରିଥାନ୍ତି। ବନ ବିଭାଗ ବାଘ ବା ହାତୀ ଶିକାର ପାଇଁ ଯେତିକି ତତ୍ପରତା ଦେଖାଏ ଗୋଧି ଶିକାର ଲାଗି ସେତିକି ଯତ୍ନବାନ ହୁଏ ନାହିଁ। ତେଣୁ ଶିକାରୀଙ୍କୁ ଏଭଳି ନିରୀହ ଓ ବିଷହୀନ ପ୍ରାଣୀଙ୍କୁ ଶିକାର ଲାଗି ସୁବିଧା ହୋଇଥାଏ।



## ଲିଓପାର୍ଡ ଗେକୋ

ଏହି ପ୍ରଜାତିର ଝିଟିପିଟି ଓଡ଼ିଶାରେ ଦେଖିବାକୁ ମିଳେ। ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳରେ ଏସବୁ ଦେଖାଯାଆନ୍ତି। ଶିମିଳିପାଳ, ବରବରା, ସାତକୋଶିଆ ଆଦି ଅନେକ ଜଙ୍ଗଲରେ ଏହା ମିଳନ୍ତି। ଏହାକୁ ଓଡ଼ିଶାରେ କାଳକୁଟ କୁହାଯାଇଥାଏ। ଏହା ଅତ୍ୟନ୍ତ ବିଷଧର ବୋଲି ଲୋକେ ଭାବିଥାନ୍ତି। କିନ୍ତୁ ପ୍ରକୃତରେ ଅନ୍ୟ ଭାରତୀୟ ଲିଜାର୍ଡଙ୍କ ପରି ଏହାର ମଧ୍ୟ ବିଷ ନାହିଁ। ଅତି ନିରୀହ ପ୍ରାଣୀ। ଲିଓପାର୍ଡ ଭଳି ଏହି ପ୍ରାଣୀଟି ହଳଦିଆ ଓ କଳାରଙ୍ଗ ହୋଇଥିବାରୁ ଏହାର ଏପରି ନାମକରଣ ହୋଇଛି। ତେବେ ପେଟ୍ ଇଣ୍ଡଷ୍ଟ୍ରିରେ ଏହାର ଚାହିଦା ଅଧିକ। ତେଣୁ ଏହି ପ୍ରାଣୀର ଚୋରା କାରବାର ଅଧିକ ହୋଇଥାଏ।



## ବହୁରୂପୀ ଏଣ୍ଡୁଅ

ବହୁରୂପୀ ଏଣ୍ଡୁଅ ବା କ୍ୟାମେଲିୟନ ଓଡ଼ିଶାର ପ୍ରାୟ ସବୁ ଜଙ୍ଗଲରେ ମିଳନ୍ତି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅନେକ ସମୟରେ ଏପରି ଏଣ୍ଡୁଅ ଉଦ୍ଧାର ହୋଇଛି। ଏହାର ବିଶେଷତ୍ୱ ହେଲା ଜୀବଟି ପରିବେଶ ଅନୁଯାୟୀ ନିଜର ରଙ୍ଗ ବଦଳେଇପାରେ। ଗାଢ଼ ସବୁଜ, ହଳଦିଆ, ମାଟିଆ ଏପରି କି କଳା ରଙ୍ଗ ମଧ୍ୟ ଧାରଣ କରିପାରେ। ଏମାନେ ଅତ୍ୟନ୍ତ ନିରୀହ ଏବଂ ବିଷହୀନ ପ୍ରାଣୀ। ତେଣୁ ଶିକାରୀଠାରୁ ରକ୍ଷା ପାଇବା ପାଇଁ ଏହା ଗଛର ଯେଉଁ ସ୍ଥାନରେ ଥାଏ ସେଠାରେ ତା'ର ରଙ୍ଗ ବଦଳାଇ ଶତ୍ରୁ ନଜରରୁ ବଞ୍ଚିଥାଏ। ଖାଇବା ପାଇଁ ନିଜ ଜିଭକୁ ବାହାରକୁ କାଢି ଝିଣ୍ଟିକା ଆଦିକୁ ପ୍ରାୟ ୧ଫୁଟ ଦୂରରୁ ଧରି ଭିଡ଼ି ନେଇଥାଏ। ଏହାର ଦୃଷ୍ଟିଶକ୍ତି ଅନନ୍ୟ। ଏହା ଏକ ସମୟରେ ଗୋଟିଏ ଆଖିରେ ଆଗକୁ ଓ ଅନ୍ୟ ଆଖିରେ ପଛକୁ ଦେଖିପାରେ। ତେବେ ଅନ୍ଧବିଶ୍ୱାସ ଯୋଗୁ ରାଜ୍ୟରେ ଏହି ପ୍ରାଣୀ ଏବେ ସଙ୍କଟରେ। ଏମାନଙ୍କ ଲାଞ୍ଜକୁ କାଟି କେତେକ ଲୋକ ପିଲାଙ୍କର 'ପିହୁଳା' ରୋଗ ପାଇଁ ଔଷଧ ଭାବେ ବ୍ୟବହାର କରିଥାନ୍ତି। ଯାହାକି ଆଦୌ ସତ୍ୟ ନୁହେଁ। ବିନା ଲାଞ୍ଜରେ କ୍ୟାମେଲିୟନ ବି ବେଶିଦିନ ବଞ୍ଚିପାରେ ନାହିଁ। ତେଣେ ମଣିଷ ନିଜ ପିଲାର ମଧ୍ୟ ସ୍ୱାସ୍ଥ୍ୟକୁ ବିପଦରେ ପକାଇଥାଏ। ତେବେ କ୍ୟାମେଲିୟନ ଶିକାର ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ଦଣ୍ଡନୀୟ ଏବଂ ଏହା ସିଡ୍ୟୁଲ -୨ ଅନ୍ତର୍ଭୁକ୍ତ ପ୍ରାଣୀ।

## 'ହାଥଯୋଡି'

ହାଥଯୋଡି ଯମଜ ଏକ ବୃକ୍ଷ ଯାହା ହିମାଳୟରେ ଦେଖାଯାଏ। ଏହାର ଚେରକୁ ଘରେ ରଖି ପୂଜା କଲେ କାହାର ଅଭାବ ରହେ ନାହିଁ। ଏହି ହାଥଯୋଡି ଲାଗି ଲାଗି ଦୁଇଟି ଚେର ଭଳି ଦେଖାଯାଏ। ତେବେ ପ୍ରକୃତରେ ଏହା କୌଣସି ବୃକ୍ଷର ଚେର ନୁହେଁ, ଏହା ଗୋଧିର ଯୌନାଙ୍ଗ। ତାକୁ ଶୁଖାଯାଇ ତା' ଉପରେ ସିନ୍ଦୂର ଲଗାଯାଏ। ଗୋଟିଏ ଗୋଟିଏ ହାଥଯୋଡି ହଜାରରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୋଇଥାଏ। ଭୁବନେଶ୍ୱରରେ ମଧ୍ୟ ଏହାର ଅନ୍‌ଲାଇନ୍ ବେପାର ଚାଲୁଥିବା ବେଳେ ୱାଇଲ୍ଡ ଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଜବତ ହୋଇଛି। ଧର୍ମ ନାଁରେ ଅନ୍ଧବିଶ୍ୱାସ ଯୋଗୁ ଆଜି ଆମ ଦେଶରେ ଗୋଧି ସଙ୍କଟଗ୍ରସ୍ତ।

– ରିପୋର୍ଟ: **ଅସମାପିକା ସାହୁ**

## ଝିଟିପିଟି ଓ ପରିବେଶ

ପରିବେଶ ସୁରକ୍ଷା କ୍ଷେତ୍ରରେ ଝିଟିପିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମୁଖ୍ୟତଃ ଏହା ମାଂସାଶୀ। ଛୋଟ ପୋକଜୋକ ଆଦି ଖାଇଥାଏ। ଫଳରେ ଗଛଲତାକୁ କ୍ଷତି ପହଞ୍ଚାଉଥିବା ପୋକଜୋକ ନଷ୍ଟ ହୋଇଥାନ୍ତି। ଖାଦ୍ୟ ଶୃଙ୍ଖଳରେ ସମନ୍ୱୟ ରକ୍ଷା କରିବା ଏହା ଦ୍ୱାରା ସମ୍ଭବ ହୁଏ। ଘରେ ଦେଖାଦେଉଥିବା ଅସରପା, ଉଇ ସମେତ ଅନ୍ୟ ପୋକଜୋକ ଝିଟିପିଟି ଖାଇଦେଇଥାଏ। ସେହିପରି ଚାଷଜମିକୁ କ୍ଷତି ପହଞ୍ଚାଉଥିବା ପୋକ ଜୋକ ଏବଂ ଝିଣ୍ଟିକା ଆଦିକୁ ଏହା ଖାଇବା ଯୋଗୁ ଫସଲ ଉପରୁ ବିପଦ ହଟିଯାଇଥାଏ। ଛୋଟ ସରୀସୃପ ଟିଏ ହେଲେ ମଧ୍ୟ ମାନବ ସମାଜ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଥିବା ଝିଟିପିଟିର ଅବଦାନ ଅପରିହାର୍ଯ୍ୟ ବୋଲି ଜୀବବିଜ୍ଞାନୀ ମତପୋଷଣ କରିଥାନ୍ତି।



## ଘରଠୁ ଘଞ୍ଚ ଜଙ୍ଗଲ

ପୃଥିବୀରେ ୫୬ ଶହ ପ୍ରଜାତିରୁ ଅଧିକ ଝିଟିପିଟି ରହିଥିବା ଜୀବବିଜ୍ଞାନୀ କହିଥାନ୍ତି। ଏହା ଶୀତଳ ରକ୍ତଧାରୀ ସରୀସୃପ। ମଣିଷ ବାସ କରୁଥିବା ଘରେ ରହିବାକୁ ଏସବୁ ପ୍ରାଣୀ ପସନ୍ଦ କରିଥାଏ। ସହଜରେ ଖାଇବାକୁ ପୋକଜୋକ ମିଳୁଥିବା ସ୍ଥାନରେ ଏହା ରହିଥାଏ। ଶରୀର ଉତ୍ତାପ ବଜାୟ ରଖିବା ପାଇଁ ଗଳିକନ୍ଦିରେ ବାସ କରେ। ଏହାର ମଳ ସହିତ ୟୁରିକ୍ ଏସିଡ୍ ବାହାରି ଆସିଥାଏ ବୋଲି ବିଶେଷଜ୍ଞ କହିଥାନ୍ତି। ଝିଟିପିଟିକୁ ନେଇ ବିଭିନ୍ନ ଭାଷାର ସାହିତ୍ୟରେ ମଧ୍ୟ ବହୁ କାହାଣୀ ରହିଛି। ଓଡ଼ିଆ ଭାଷାରେ ଥିବା ମୋ ଛବି ବହିରେ 'ଇ' ମାତ୍ରା ବିଷୟରେ ଝିଟିପିଟି ଶବ୍ଦଟି ରହିଛି। ଲୋକେ କୁହନ୍ତି ଝିଟିପିଟି ସତ କୁହେ। କୌଣସି କଥାବାର୍ତ୍ତା ସମୟରେ ଝିଟିପିଟି ଟିକ୍ ଟିକ୍ ଶବ୍ଦ କଲେ ଲୋକେ ଏହାକୁ ସତ୍ୟ ବୋଲି କୁହାକୁହି ହୋଇଥାନ୍ତି। ଅପରପକ୍ଷରେ ଜ୍ୟୋତିଷ ଶାସ୍ତ୍ରରେ ମଧ୍ୟ ପଲ୍ଲୀପତନ ଫଳାଫଳ ବୋଲି ଏକ ବିଷୟ ରହିଛି। ଶରୀରର କେଉଁ ଅଙ୍ଗରେ ଝିଟିପିଟି ପଡ଼ିଲେ ତାହାର ଶୁଭ ଅବା ଅଶୁଭ ଫଳ କ'ଣ ତାହା ଏଥିରେ ସୂଚିତ କରାଯାଇଥାଏ। ଏଥିରୁ ସ୍ୱତଃ ଅନୁମେୟ ଝିଟିପିଟି ଆମ ନିତିଦିନିଆ ଜୀବନରେ କେତେ ପରିଚିତି ହାସଲ କରିପାରିଛି।

ଝିଟିପିଟି ସହରାଞ୍ଚଳଠାରୁ ଆରମ୍ଭ କରି ଆମାଜନ ଜଙ୍ଗଲ ପର୍ଯ୍ୟନ୍ତ ସବୁଠାରେ ଦେଖାଦେଇଥାଏ। ଝିଟିପିଟିର ଲାଞ୍ଜରେ ଏକ ପ୍ରକାର ସ୍ୱତନ୍ତ୍ର କୋଷିକା ରହିଛି। ଥରେ ଲାଞ୍ଜ ଛିଣ୍ଡିଗଲେ ଏହା ପୁଣି କଅଁଳି ଥାଏ। ଲାଞ୍ଜରେ ମେରିଷ୍ଟୋମେଟିକ୍ ଟିସୁ ଥିବାରୁ ଏଭଳି ହୋଇଥାଏ।

ଓଡ଼ିଶାର ଗନ୍ଧମାର୍ଦ୍ଦନ ପର୍ବତ ଅଞ୍ଚଳରେ ଅଧିକ ପ୍ରଜାତିର ଝିଟିପିଟି ରହିଥିବା ଜୀବବିଜ୍ଞାନୀମାନେ କହିଥାନ୍ତି। ଖଣ୍ଡାଧାର ଜଳପ୍ରପାତ ଅଞ୍ଚଳରେ ମଧ୍ୟ ଭିନ୍ନ ଭିନ୍ନ ପ୍ରଜାତି ଦେଖାଯାଇଥାନ୍ତି। ପରିବେଶ ଅନୁସାରେ ସୁରକ୍ଷା ପାଇଁ ଝିଟିପିଟି ନିଜର ରଙ୍ଗ ପରିବର୍ତ୍ତନ କରିଥାଏ। କୀଟନାଶକର ବ୍ୟବହାର ଯୋଗୁ ଝିଟିପିଟି ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ଏହାର ବିଭିନ୍ନ ପ୍ରଜାତି ଲୋପ ପାଉଥିବା ପରିବେଶବିତ୍ କହିଥାନ୍ତି।

## ସଂକ୍ଷେପରେ

### ବିଏସ୍-୪ ଯାନ ପଞ୍ଜୀକରଣକୁ ଅନୁମତି

**ନୂଆଦିଲ୍ଲୀ,୧୩।୮:** ମାର୍ଚ୍ଚରେ ବିକ୍ରି ହୋଇଥିବା ବିଏସ୍-୪ ଯାନର ପଞ୍ଜୀକରଣ ନେଇ ସୁପ୍ରିମକୋର୍ଟ ଗୁରୁବାର ଅନୁମତି ପ୍ରଦାନ କରିଛନ୍ତି। ମାର୍ଚ୍ଚରେ ବିକ୍ରି ହୋଇଥିବା ବିଏସ୍-୪ ଯାନ ଲକ୍‌ଡାଉନ ଲାଗି ପଞ୍ଜୀକରଣରେ ବିଭିନ୍ନ ସମସ୍ୟା ଉପୁଜିଥିଲା। ସୁପ୍ରିମକୋର୍ଟଙ୍କ ଅନୁମତି ପରେ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବା ଜଣାପଡ଼ିଛି। ସରକାରଙ୍କ ଡାଟା ମୁତାବକ ମାର୍ଚ୍ଚ ୧୨ରୁ ମାର୍ଚ୍ଚ ୩୧ ମଧ୍ୟରେ ଘରୋଇ ବଜାରରେ ୯.୯୫ ଲକ୍ଷ ବିଏସ୍-୪ ଯାନ ବିକ୍ରି ହୋଇଛି। ଏହା ମଧ୍ୟରେ ୯.୦୧ ଲକ୍ଷ ଯାନ ପଞ୍ଜୀକରଣ ହୋଇଛି। ୨୦୧୮ ଅକ୍ଟୋବରରେ ସୁପ୍ରିମକୋର୍ଟ କହିଥିଲେ ଯେ, ୨୦୨୦ ଏପ୍ରିଲ ପହିଲାରୁ ବିଏସ୍-୪ ଯାନ ବିକ୍ରି କିମ୍ବା ପଞ୍ଜୀକରଣ ହୋଇପାରିବ ନାହିଁ। ୨୦୧୬ରେ କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ, ବିଏସ୍-୫ ନିୟମକୁ ବାଦ୍ ଦେଇ ୨୦୨୦ରୁ ବିଏସ୍-୬ ନିୟମ ଭାରତରେ ଲାଗୁ କରାଯିବ। ଯାନବାହନରୁ ବାହାରୁଥିବା ପ୍ରଦୂଷଣକାରୀ ପଦାର୍ଥକୁ କମାଇବା ଲାଗି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଥିଲେ। ଦେଶ ମଧ୍ୟରେ ବିଏସ୍-୪ ବର୍ଗରେ ୭ ଲକ୍ଷ ୨ ଚକିଆ, ୧୫ ହଜାର ଯାତ୍ରୀବାହୀ ଯାନ ଏବଂ ୧୨ ହଜାର ବାଣିଜ୍ୟିକ ଯାନ ବିକ୍ରି ହୋଇପାରି ନ ଥିବା ମାର୍ଚ୍ଚରେ ସୁପ୍ରିମକୋର୍ଟକୁ ସୂଚନା ଦିଆଯାଇଥିଲା। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଯାନଗୁଡ଼ିକୁ ବିକ୍ରି କରିବା ଲାଗି ପ୍ରାୟ ୧୦ ଦିନ ସମୟ ମିଳିଥିଲା।

### ଚାଇନା ଟ୍ୟାଙ୍କରରେ ତେଲ ମଗାଇବେନି ତୈଳ କମ୍ପାନୀ

**ନୂଆଦିଲ୍ଲୀ,୧୩।୮:** ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚାଇନା କମ୍ପାନୀଙ୍କ ଟ୍ୟାଙ୍କରରେ ତେଲ ଆମଦାନୀ କରିବେ ନାହିଁ। ଚାଇନା କମ୍ପାନୀଙ୍କ ଦ୍ୱାରା ପରିଚାଳିତ ଟ୍ୟାଙ୍କରଗୁଡ଼ିକୁ ଠିକା ନ ଦେବାକୁ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅନ୍ୟ ଦେଶଗୁଡ଼ିକରେ ପଞ୍ଜୀକୃତ ଚାଇନା ଟ୍ୟାଙ୍କର ମଧ୍ୟ ଏହା ପରିସରରେ ରହିବେ। ଏହା ଦ୍ୱାରା ଭାରତୀୟ କମ୍ପାନୀ ବିଶେଷ ପ୍ରଭାବିତ ହେବେ ନାହିଁ ବୋଲି ଜଣାପଡ଼ିଛି।

## Business

# ସଙ୍କଟରେ ପେଲେଟ୍ ଶିଳ୍ପ

- ଚାହିଦା ଅନୁସାରେ ମିଳିପାରୁନି କଞ୍ଚାମାଲ
- ରାଜ୍ୟ ସରକାରଙ୍କୁ ପିଏମ୍‌ଏଆଇର ଚିଠି

**ଭୁବନେଶ୍ୱର,୧୩।୮**

ରାଜ୍ୟର ବେନିଫିସିଏଶନ ଏବଂ ପେଲେଟ୍ ଶିଳ୍ପ ବର୍ତ୍ତମାନ ଶଙ୍କାକୁଳ ସ୍ଥିତି ଦେଇ ଗତି କରୁଛି। ଇସ୍ପାତ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଚାହିଦା ମୁତାବକ ଉତ୍ପାଦନ ହୋଇପାରୁନାହିଁ। ଫଳରେ ପେଲେଟ୍ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ଥାଣୁ ଅବସ୍ଥାକୁ ଆସିଯାଇଛି। ଶିଳ୍ପର କାର୍ଯ୍ୟକଳାପକୁ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ପେଲେଟ୍ ମାନୁଫାକ୍ଚରର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ପିଏମ୍‌ଏଆଇ)ପକ୍ଷରୁ ଓଡ଼ିଶା ସରକାରଙ୍କ ଖଣି ଓ ଇସ୍ପାତ ବିଭାଗକୁ ଏକ ଚିଠି ଲେଖାଯାଇଛି।

ଏହି ପରିପ୍ରେକ୍ଷୀରେ ପିଏମ୍‌ଏଆଇର ସର୍ବଭାରତୀୟ ଉପସଭାପତି ଡ.ଶୁଭାଶିଷ ଦାସ କହିଛନ୍ତି ଯେ, ରାଜ୍ୟରେ ଥିବା ଖଣିଗୁଡ଼ିକ ଜୁଲାଇ ୨୦୨୦ରୁ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଇସ୍ପାତ ଭିତ୍ତିକ କଞ୍ଚାମାଲ ଚାହିଦା ମୁତାବକ ବଜାରରେ ଉପଲବ୍ଧ ହୋଇ ପାରୁନାହିଁ। ଫଳରେ ଗତ ୪ ବର୍ଷ ଧରି ଦେବାଳିଆ ଅବସ୍ଥାରେ ଥିବା ଇସ୍ପାତ ଶିଳ୍ପ ଉପରେ ସଙ୍କଟ ସ୍ଥିତି ଉପୁଜିଛି। ଚଳିତ ବର୍ଷ ଜୁଲାଇରେ ୬ ନିୟୁତ ଟନ୍ କଞ୍ଚାମାଲ ଆବଶ୍ୟକ ହେଉଥିବା ବେଳେ ମାତ୍ର ୩୩ ହଜାର ଟନ୍ କଞ୍ଚାମାଲ ପେଲେଟ୍ ଶିଳ୍ପକୁ ଯୋଗାଣ ହୋଇଛି। ପୁରୁଣା ଲିଜ୍‌ଧାରୀ ଖଣିଗୁଡ଼ିକ ୨୦୨୦ ସେପ୍ଟେମ୍ବର ପରେ ଆଉ କଞ୍ଚାମାଲ ଯୋଗାଇବାକୁ ସକ୍ଷମ ହେବେ ନାହିଁ। ୨୦୨୦ ମାର୍ଚ୍ଚ ପରେ ନିଲାମ ହୋଇଥିବା ଖଣିଗୁଡ଼ିକୁ ଲିଜ୍ ପ୍ରଦାନ କରାଯାଇଥିଲେ ମଧ୍ୟ ସେଥିରୁ ଉତ୍ପାଦନ ଆରମ୍ଭ ହୋଇନାହିଁ ବୋଲି ଦାସ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷରେ ଅଣ ନିଲାମଧାରୀ ନିଜସ୍ୱ ଖଣି କମ୍ପାନୀଗୁଡ଼ିକ ଜୁଲାଇ ମାସର ଉତ୍ପାଦନରେ ବୃଦ୍ଧି ଘଟିନାହିଁ। ଫଳରେ ଅଗଷ୍ଟରେ ପେଲେଟ୍ ଶିଳ୍ପ ବନ୍ଦ ହେବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ ବୋଲି ଶିଳ୍ପ ସୂତ୍ରରୁ ସୂଚନା ମିଳିଛି। ଚାହିଦା ଏବଂ ଯୋଗାଣରେ ସମାନତା ନ ରହିବାରୁ ଅଣନିଲାମୀ ଖଣି କମ୍ପାନୀଗୁଡ଼ିକ ଗତ ୧୫ ଦିନ ମଧ୍ୟରେ କଞ୍ଚାମାଲ ମୂଲ୍ୟରେ ପ୍ରାୟ ୩୫% ବୃଦ୍ଧି କରିସାରିଛନ୍ତି। ଏହା ପେଲେଟ୍ ଶିଳ୍ପ ଲାଗି ବୋଝ ସଦୃଶ ହୋଇଛି। ଏହି ସମସ୍ୟାର ସମାଧାନ ଲାଗି ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ାଯାଇଛି। ନୂଆ ଖଣି ଲିଜ୍ ପାଇଥିବା କମ୍ପାନୀଗୁଡ଼ିକ ମାଇନ୍ସ ଡେଭଲପମେଣ୍ଟ ଆଣ୍ଡ ପ୍ରଡକ୍ସନ ଏଗ୍ରିମେଣ୍ଟ(ଏମ୍‌ଡିପିଏ) ମୁତାବକ ଅଧିକ ପରିମାଣର କଞ୍ଚାମାଲ ବଜାରରେ ଉପଲବ୍ଧ କରାଇବା, ଲିଜ୍‌ଧାରୀ କମ୍ପାନୀଗୁଡ଼ିକ ଅଧିକ ପରିମାଣର କଞ୍ଚାମାଲ ବଜାରକୁ ଛାଡ଼ିବା, କଳାବଜାର ରୋକିବା, କଞ୍ଚାମାଲ ଅଭାବ ଦୂରକରିବା ଦିଗରେ ସହଯୋଗ ଉପରେ ସଂଘ ଆଶା ପ୍ରକଟ କରିଛି।

ସରକାର ଏହି ସମସ୍ୟା ସମାଧାନ ନ କଲେ ଶିଳ୍ପର ଅବସ୍ଥା ଶୋଚନୀୟ ହେବ ବୋଲି ଶିଳ୍ପର ପ୍ରତିନିଧିମାନେ ଆଶଙ୍କା କରିଛନ୍ତି। ଏ କ୍ଷେତ୍ରରେ ସରକାର ସର୍ବନିମ୍ନ ୫୦% ଉତ୍ପାଦନ ଏବଂ ରପ୍ତାନି ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରାଯାଇଛି। ବର୍ତ୍ତମାନ ଓଡ଼ିଶା ଏବଂ କର୍ଣ୍ଣାଟକରେ ଅଧିକାଂଶ ଖଣି ଖୋଲିନାହିଁ। କେତେକ ଖଣିର ଲିଜ୍ ମଧ୍ୟ ସମାପ୍ତ ହୋଇଛି। ଲୁହାପଥର ଉତ୍ପାଦନ ହ୍ରାସ ହେଲେ ଏହା ଉପଲବ୍ଧତା ଉପରେ ପ୍ରଭାବ ପକାଇବ। ଏହା ବଜାରର ସଙ୍କଟକୁ ବଢ଼ାଇବା ନେଇ ଶିଳ୍ପ ଶଙ୍କାରେ ରହିଛି। କଞ୍ଚାମାଲ ଉତ୍ପାଦନରେ ସମସ୍ୟାକୁ ଧ୍ୟାନରେ ରଖି ସରକାର ଲୁହାପଥର ଯୋଗାଣ ଏବଂ ଉତ୍ପାଦନ ଉପରେ ଦୃଷ୍ଟିଦେବାକୁ ଶିଳ୍ପ ପକ୍ଷରୁ ନିବେଦନ କରାଯାଇଛି। ଏହା ନ ହେଲେ ସରକାର ପ୍ରାୟ ୧୨୦୦ କୋଟି ଟଙ୍କାର ରାଜସ୍ୱ ହରାଇପାରନ୍ତି ବୋଲି ଚିଠିରେ କୁହାଯାଇଛି।

# ମାରୁତି ସୁଜୁକି ଅଲ୍‌ଟୋର ବିକ୍ରି ସଫଳତା




**ଭୁବନେଶ୍ୱର,୧୩।୮**

ମାରୁତି ସୁଜୁକି ଅଲ୍‌ଟୋ ପକ୍ଷରୁ ଏହାର ବିକ୍ରି ସଫଳତା ସମ୍ପର୍କରେ ଘୋଷଣା କରାଯାଇଛି। ଭାରତୀୟ ଗ୍ରାହକଙ୍କ ଲାଗି ଏହା ଏକ ଲୋକପ୍ରିୟ ମଡେଲ ଭାବେ ଉଭା ହୋଇଛି। ବର୍ତ୍ତମାନ ସୁଦ୍ଧା ଏହା ୪୦ ଲକ୍ଷ ୟୁନିଟ ବିକ୍ରି ମାଇଲଷ୍ଟୋନ ସ୍ଥାପନ କରିଛି। ଅଲ୍‌ଟୋ ଭାରତୀୟ କାର୍ କ୍ରେତାଙ୍କର ପନ୍ଦର ବିକଳ୍ପ ହୋଇପାରିଛି। ୭୬% ଅଲ୍‌ଟୋ ଗ୍ରାହକ ଏହାକୁ ନିଜର ପ୍ରଥମ କାର ଭାବେ ଚୟନ କରିଛନ୍ତି। ୨୦୦୦ ମସିହା ପରଠାରୁ ଲୋକପ୍ରିୟତା ଏବଂ ବିଶ୍ୱାସ ବୃଦ୍ଧି ସହ ଏହା ଭୌଗୋଳିକ ସ୍ତରରେ ଅନେକ ପରିବାରର ଏକ ସଦସ୍ୟ ହୋଇପାରିଛି। ଠିକ୍ ସମୟରେ ଅପ୍‌ଗ୍ରେଡ୍ ଏବଂ ନୂତନ ଟେକ୍ନୋଲୋଜି ଅଫରିଂ ଦ୍ୱାରା ଏହା ଗ୍ରାହକଙ୍କ ବିଶ୍ୱାସ ଜିତିବାକୁ ସକ୍ଷମ ହୋଇଥିବା କହିଛି। ଅଲ୍‌ଟୋ ବ୍ରାଣ୍ଡ କ୍ରମାଗତ ୧୬ ବର୍ଷ ହେବ ଭାରତୀୟ କାର ବଜାରରେ ପ୍ରମୁଖ ସ୍ଥାନ ହାସଲ କରିଥିବା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ସେଲ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି।

# ନୂଆ ଟୟୋଟା ଅର୍ବାନ କ୍ରୁଇଜର

**ନୂଆଦିଲ୍ଲୀ,୧୩।୮**

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ନୂଆ ଟୟୋଟା ଅର୍ବାନ କ୍ରୁଇଜର ଶୀଘ୍ର ବଜାରକୁ ଆସିବ। କମ୍ପାକ୍ଟ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏହି ଯାନ ଶୁଭାରମ୍ଭ କରିବ। ଫେଷ୍ଟିଭ ସିଜନ ଲାଇନ ଅପ୍‌ରେ ବଜାରର ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ପାର୍ବଣରେ ଏହି ଯାନଟିକୁ ବଜାର ପ୍ରବେଶ କରାଇବାକୁ ଯୋଜନା ରଖାଯାଇଛି। ନୂଆ ପ୍ରଡକ୍ଟ ସହ ଟୟୋଟା ସର୍ବଦା ଗ୍ରାହକଙ୍କ ଇଚ୍ଛାକୁ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଆସିଛି। ଏହି ମଡେଲଟିରେ ଗ୍ରାହକ ଟୟୋଟାର ଗ୍ଲୋବାଲ ଷ୍ଟାଣ୍ଡାର୍ଡ ଲାଭ କରିପାରିବେ ବୋଲି କମ୍ପାନୀର ଏସ୍‌ୟୁଭି ସେଗ୍‌ମେଣ୍ଟ ବରିଷ୍ଠ ଉପସଭାପତି ନବୀନ ସୋନି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟୟୋଟା ୧୯୯୭ରେ ବିଦାଡିଠାରେ ଏହାର ପ୍ରଥମ ପ୍ଲାଣ୍ଟ ସ୍ଥାପନା କରିଥିଲା। ୧୯୯୯ ଡିସେମ୍ବରଠାରୁ ଏଠାରୁ ଇନୋଭା ଏବଂ ଫର୍ଚୁନର ଉତ୍ପାଦନ ଆରମ୍ଭ ହୋଇଥିଲା। ଉକ୍ତ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ୧ ଲକ୍ଷ ୟୁନିଟ ରହିଛି। ୨୦୧୦ରେ ବିଦାଡିଠାରେ ଦ୍ୱିତୀୟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହାର କ୍ଷମତା ୨.୧ ଲକ୍ଷ ୟୁନିଟ ରହିଥିବା ଜଣାପଡିଛି।




# ୬.୯୩% ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୩।୮**

ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟସୂଚୀ (ସିପିଆଇ) ଜୁଲାଇ ମାସରେ ୬.୯୩% ସ୍ତରକୁ ବଢ଼ିଛି। ଏହା ଜୁନ୍ ମାସରେ ୬.୨୩% ସ୍ତରରେ ରହିଥିଲା। ଖାଦ୍ୟ ସାମଗ୍ରୀ ଦର ବଢିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ଏହି ସମୟରେ ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୯.୬୨% ରହିଛି। ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୬.୦୯% ରହିବ ବୋଲି ସରକାର କହିଥିଲେ। ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ୬.୨୩%କୁ ବଢାଯାଇଥିଲା। ଯୋଗାଣରେ ବାଧା ଉପୁଜିବାରୁ ଜୁଲାଇ ପରଠାରୁ ଖାଦ୍ୟ ସାମଗ୍ରୀ ଦର ବଢିଚାଲିଛି। କରୋନା ଯୋଗୁ ଏଭଳି ଅସୁବିଧା ଦେଖାଯାଇଛି। ଜୁଲାଇର ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କର ଆକଳନଠାରୁ ଉର୍ଦ୍ଧ୍ୱରେ ରହିଛି।

# ପୋଲ୍‌ଟ୍ରି ଶିଳ୍ପକୁ କ୍ଷତି ୨୬ ହଜାର କୋଟି

**ଭୁବନେଶ୍ୱର ,୧୩।୮**

କୁକୁଡ଼ା ମାଂସ ଖାଇବା ଦ୍ୱାରା କୋଭିଡ୍ ବ୍ୟାପୁଥିବା ନେଇ ଏକ ଭୁଲ୍ ସୂଚନା ପ୍ରସାରଣ ହେବା ଯୋଗୁ ପୋଲ୍‌ଟ୍ରି ଶିଳ୍ପକୁ କ୍ଷତି ସହିବାକୁ ପଡିଛି। ସେହିଭଳି ଲକ୍‌ଡାଉନ ଯୋଗୁ ଦେଶବ୍ୟାପୀ ଯୋଗାଣ ଏବଂ ପରିବହନ ବ୍ୟବସ୍ଥା ଠପ୍ ହୋଇଯିବାରୁ ଗତ ୩ ମାସ ମଧ୍ୟରେ ପୋଲ୍‌ଟ୍ରି ଶିଳ୍ପ ପ୍ରାୟ ୨୬ ହଜାର କୋଟି ଟଙ୍କାର କ୍ଷତି ସହିଥିବା ଶିଳ୍ପ ସୂତ୍ରରୁ ଜଣାପଡ଼ିଛି। ଏହା ସହିତ ସୋୟାମିଲ ଭଳି ମୂଳ କଞ୍ଚାମାଲ ଦର ପ୍ରାୟ ୧୦ରୁ ୧୫ ବଢ଼ିଛି। ନଗଦ ଟଙ୍କା ଅଭାବରୁ ୭୦ ନିୟୁତରୁ ଅଧିକ କ୍ଷୁଦ୍ର ଚାଷୀ ସମସ୍ୟା ସାମ୍ନା କରୁଛନ୍ତି। ବର୍ତ୍ତମାନ ସେମାନଙ୍କ ଜୀବିକା ଉପରେ ସଙ୍କଟ ସ୍ଥିତି ଉପୁଜିଛି। ଏ ନେଇ କେନ୍ଦ୍ର ପଶୁପାଳନ, ଦୁଗ୍ଧ ଏବଂ ମତ୍ସ୍ୟଚାଷ ମନ୍ତ୍ରଣାଳୟ ଓ ସିଆଇଆଇ ସହାୟତାରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ପୋଲ୍‌ଟ୍ରି ଶିଳ୍ପ ପ୍ରତିନିଧିଙ୍କ ୱେବିନାରରେ ଏଭଳି ମତ ପ୍ରକାଶ ପାଇଛି।

ଗତ ୩ ମାସ ମଧ୍ୟରେ କୁକୁଡ଼ାମାଂସ ମୂଲ୍ୟ ବଢ଼ିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠନ ହୋଇଥିବା ପଶୁପାଳନ ଭିତ୍ତିଭୂମି ପାଣ୍ଠି ନିମନ୍ତେ ୧୫ ହଜାର କୋଟି ଟଙ୍କା ବ୍ୟୟ ବରାଦ ଏହି ଶିଳ୍ପର ବିକାଶ ଦିଗରେ ସହାୟକ ହେବ ବୋଲି ବିଶେଷଜ୍ଞ ଆଶାବାଦୀ ରହିଛନ୍ତି। କାର୍ଯ୍ୟକ୍ରମରେ ଅନମୋଲ୍ ଫିଡ୍‌ସ ନିର୍ଦ୍ଦେଶକ ଅମିତ ସରାଓଗି ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଏକୀକରଣ କୁକୁଡା ପାଳନରେ ଚାଷୀମାନେ ବିଶେଷ ଫାଇଦା ପାଇନାହାନ୍ତି। ସେମାନେ ମୁକ୍ତ ଚାଷ ଦ୍ୱାରା ଉନ୍ନତ ଲାଭ କରିପାରିବେ। ମହାମାରୀ ମଧ୍ୟରେ ଶିଳ୍ପ ପୂର୍ବ ସ୍ଥିତିକୁ ଫେରିବା ଲାଗି ଆଶାବାଦୀ ରହିଥିବା ଅଂଶୀଦାର ମାନେ ମତ ପ୍ରକାଶ କରିଛନ୍ତି।



କର୍ଣାଟକର ମହୀଶୂର ଅଞ୍ଚଳର ଜଣେ ସାପ ଧରାଳି ତଥା ବନ୍ୟପ୍ରାଣୀ ସଂରକ୍ଷକ ଶ୍ୟାମ୍ ବୁଧବାର ସକାଳେ ଜଣେ କରୋନା ସଂକ୍ରମିତଙ୍କ ଘରୁ ଏକ ବିଷଧର ସାପ ଉଦ୍ଧାର କରିଛନ୍ତି। ଜଣେ କରୋନା ସଂକ୍ରମିତ ହୋଇଥିବାରୁ ଘର କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ଥିଲା। ଏହା ଶୁଣିବା ପରେ ଶ୍ୟାମ୍ କରୋନାକୁ ଭୟ ନ କରି ଘରେ ପହଞ୍ଚିଥିଲେ। ସଂକ୍ରମିତ ବ୍ୟକ୍ତି ଏକ କୋଠରିରେ ସଙ୍ଗରୋଧରେ ଥିବାବେଳେ ସାପ ରହିଥିବା କୋଠରିକୁ ଯାଇ ୫ମିନିଟ୍ ମଧ୍ୟରେ ତାକୁ ସେ ଉଦ୍ଧାର କରିଥିଲେ। କରୋନା ପରିସ୍ଥିତିରେ ମାନବିକତା ହଜିଯାଉଥିବାବେଳେ ଶ୍ୟାମ୍ ଅନେକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

# ୩ ଫିଲ୍ମରେ ବଦଳିଗଲା ସାରାଙ୍କ କ୍ୟାରିୟର




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ୨୫ ବର୍ଷରେ ପଦାର୍ପଣ କରିଛନ୍ତି। ସୈଫ ଅଲି ଖାନ୍ ଏବଂ ଅମୃତା ସିଂଙ୍କ ଝିଅ ସାରା ଭଲ ଛାତ୍ରୀ ଥିଲେ। ଛାତ୍ରାବସ୍ଥାରେ ବହୁତ ମୋଟା ଥିଲେ। ତେବେ ବଲିଉଡ୍‌ରେ ପ୍ରବେଶ କରିବା ପୂର୍ବରୁ ସେ କଠିନ ପରିଶ୍ରମ କରି ନିଜ ଓଜନ କମାଇଥିଲେ। ସାରା ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଇତିହାସ ଏବଂ ରାଜନୈତିକ ବିଜ୍ଞାନ ଅଧ୍ୟୟନ କରିଛନ୍ତି। ଅଧ୍ୟୟନ ସମାପ୍ତ କରିବା ପରେ ସାରା ଦେଢ଼ବର୍ଷ ଓଜନ କମାଇବା ପାଇଁ ପ୍ରଶିକ୍ଷଣ ନେଇଥିଲେ ଏବଂ ନିଜକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲେ। ସାରା ସୁଶାନ୍ତ ସିଂଙ୍କ ଅଭିନୀତ ଚଳଚ୍ଚିତ୍ର 'କେଦାରନାଥ' ମାଧ୍ୟମରେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ଅଭିଷେକ କପୁରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସାରା ଅଲି ଖାନ୍ ମହିଳା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ରଣବୀର ସିଂ ଅଭିନୀତ ଫିଲ୍ମ 'ସିମ୍ବା' ସାରାଙ୍କ ଦ୍ୱିତୀୟ ଚଳଚ୍ଚିତ୍ର ହୋଇଥିଲା। ସାରାଙ୍କ ତୃତୀୟ ଚଳଚ୍ଚିତ୍ର ଥିଲା 'ଲଭ୍ ଆଜ୍ କଲ୍', ଯେଉଁଥିରେ ସେ କାର୍ତ୍ତିକ ଆର୍ଯ୍ୟାନଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଯଦିଓ ଚଳଚ୍ଚିତ୍ରଟି ଏତେ ହିଟ୍ ନ ଥିଲା, କିନ୍ତୁ ଏହି ଯୋଡ଼ିଙ୍କୁ ଦର୍ଶକ ପସନ୍ଦ କରିଥିଲେ। ଏବେ ସାରା ବଲିଉଡ୍‌ର ଆଗଧାଡ଼ିର ନାୟିକା ଭାବେ ଜଣାଶୁଣା।

# ଅତି ଭୟଙ୍କର 'ବୁମେରାଂ ଭୂକମ୍ପ'

**ଭୂମିକମ୍ପ ଇତିହାସରେ ନୂଆ ଧାରଣା 'ବୁମେରାଂ ଭୂକମ୍ପ'। ଅଦ୍ୟାବଧି ଏଭଳି ହାତଗଣତି ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଭୂକମ୍ପ ପରବର୍ତ୍ତୀ ସମୟରେ ଏକାଧିକ ଝଟ୍‌କା ଅନୁଭୂତ ହୋଇଥାଏ। ହେଲେ 'ବୁମେରାଂ ଭୂକମ୍ପ' ପ୍ରଭୂତ କ୍ଷୟକ୍ଷତି ଘଟାଇଥାଏ।**




**ନୂଆଦିଲ୍ଲୀ:** ଭୂକମ୍ପ ଉପରେ ଗବେଷଣା କରୁଥିବା ଭୂବିଜ୍ଞାନୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିସାରିଲେଣି। ତଥାପି ଭୂକମ୍ପର ଠିକ୍ ପୂର୍ବାନୁମାନ ଲଗାଇବା ବୈଜ୍ଞାନିକମାନଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏକ ବଡ଼ ଭୂମିକମ୍ପ ପରେ ଛୋଟ ଛୋଟ ଏକାଧିକ ଝଟ୍‌କା ଅନୁଭୂତ ହେଉଥିବା ଧାରଣା ରହିଛି। ହେଲେ ସବୁସମୟରେ ଯେ ଘଟିବ ତାହାର କିଛି ନିର୍ଦ୍ଦିଷ୍ଟତା ନାହିଁ। ଅନେକ ସମୟରେ ଫେରନ୍ତା ଝଟ୍‌କା ପ୍ରଥମରୁ ହୋଇଥିବା ଭୂମିକମ୍ପର କ୍ଷୟକ୍ଷତିକୁ ବଳିଯାଏ। ଏହାକୁ ବୈଜ୍ଞାନିକମାନେ 'ବୁମେରାଂ ଭୂକମ୍ପ' ନାମରେ ନାମିତ କରିଛନ୍ତି।

ଏପରି ଭୂକମ୍ପ କ୍ୱଚିତ ଦେଖିବାକୁ ମିଳେ। ୨୦୧୬ରେ ଆଣ୍ଟଲାଣ୍ଟିକ ମହାସାଗରରେ ପ୍ରଥମ ଥର ପାଇଁ ଏପରି ଭୟଙ୍କର ଭୂକମ୍ପର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହା କାରଣ ଖୋଜିବା ଲାଗି ଅଧିକ ଗବେଷଣା ଜାରି ରହିଛି। ଏଥିରୁ ଭୂକମ୍ପ ଚେତାବନୀ ପ୍ରଣାଳୀ ବିକାଶିତ କରିବାରେ ସହାୟତା ମିଳିବ ବୋଲି ବୈଜ୍ଞାନିକମାନେ ଆଶାବ୍ୟକ୍ତ କରିଛନ୍ତି। ବ୍ରିଟେନ ବୈଜ୍ଞାନିକମାନେ ୨୦୧୬ରେ ଘଟିଥିବା ଘଟଣାର ପୁଙ୍ଖାନୁପୁଙ୍ଖ ଅବଲୋକନ କରିଛନ୍ତି। ଭୂଗର୍ଭରେ ଥିବା ପ୍ଲେଟ୍ ପରସ୍ପର ମଧ୍ୟରେ ପିଟି ହେଲେ କିମ୍ବା ପୃଥିବୀ ପୃଷ୍ଠ ଭାଗରେ କୌଣସି ସ୍ଥାନରେ ଅତ୍ୟଧିକ ଚାପ ସୃଷ୍ଟି ହେଲେ ଭୂମିକମ୍ପ ଆସିଥାଏ। ଏହି କାରଣରୁ ସୃଷ୍ଟି ହେଉଥିବା ତରଙ୍ଗ ତୀବ୍ରଗତିରେ ଭୂପୃଷ୍ଠକୁ ଫେରିଥାଏ। ପ୍ରଥମ ଝଟକା ବହୁମାତ୍ରାରେ କ୍ଷତି କରୁଥିବାବେଳେ ପରବର୍ତ୍ତୀ ସମୟରେ ହାଲ୍‌କା ଝଟ୍‌କା ଅନୁଭୂତ ହୋଇଥାଏ। ହେଲେ ଏହି ତରଙ୍ଗ ଯେତେବେଳେ ପ୍ରଥମ ଝଟ୍‌କାଠାରୁ ଅଧିକ ତୀବ୍ର ରୂପ ଧାରଣ କରି ଫେରେ ସେତେବେଳେ ଅତ୍ୟଧିକ କ୍ଷୟକ୍ଷତି ଘଟାଏ।

ନେଚର ଜିଓସାଇନ୍ସରେ ପ୍ରକାଶିତ ଏକ ତଥ୍ୟରେ କୁହାଯାଇଛି, ୨୦୧୬ରେ ଆଣ୍ଟଲାଣ୍ଟିକ ମହାସାଗରରେ ସୃଷ୍ଟି ହୋଇଥିବା ଭୂମିକମ୍ପର ତୀବ୍ରତା ୭.୧ ଥିଲା। ଏପରି ବଡ଼ ଧରଣର ଭୂମିକମ୍ପ ଖୁବ୍ କମ୍ ଦେଖିବାକୁ ମିଳେ। ପାଣିଭିତରେ ଲାଗିଥିବା ସଜ୍‌ମିକ୍ ସେନ୍‌ସର ଦ୍ୱାରା ବୈଜ୍ଞାନିକମାନେ ଏହାର ଆକଳନ କରିଥିଲେ। ଏହି ଅଧ୍ୟୟନର ପ୍ରଥମ ଲେଖକ ଷ୍ଟିଫେନ୍ ହିକ୍ସ କୁହନ୍ତି, ଗବେଷଣାରୁ ବୁମେରାଂ ଭୂମିକମ୍ପ ସମ୍ପର୍କରେ ବୈଜ୍ଞାନିକମାନଙ୍କ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଛି। ଏହି ଭୂମିକମ୍ପର କେନ୍ଦ୍ର ବ୍ରାଜିଲ ଏବଂ ଆଫ୍ରିକାର ପଶ୍ଚିମ ତଟବର୍ତ୍ତୀ ଅଞ୍ଚଳ ଥିଲା। ଭୂକମ୍ପ ତରଙ୍ଗ ପ୍ରଥମେ ପୂର୍ବ ପାର୍ଶ୍ୱକୁ ଯାଇଥିଲା। ପରେ ଏହା ତୀବ୍ରଗତିରେ ଫେରି ପଶ୍ଚିମ ପାର୍ଶ୍ୱକୁ ଝଟ୍‌କା ଦେଇଥିଲା। ଆଗାମୀ ଦିନରେ ମଧ୍ୟ ଏପରି ଭୂମିକମ୍ପର ଆଶଙ୍କା ବେଶି। ହେଲେ ଏହା ଝଟ୍‌କା ଖାଇ କେତେବେଳେ କେଉଁ ଦିଗକୁ ଫେରିବ ତାହା ଜାଣିବା ସହଜସାଧ୍ୟ ନୁହେଁ। ଏ ଦିଗରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ଥିବା ହିକ୍ସ କହିଛନ୍ତି।

# କୋଭିଡ୍ ବୋଟ୍ ଆମ୍ବୁଲାନ୍ସ




**ହାଜିପୁର:** ବିହାରରେ କୋଭିଡ୍ ବୋଟ୍ ଆମ୍ବୁଲାନ୍ସ କରୋନା ରୋଗୀଙ୍କ ଲାଗି ବରଦାନ ସାବ୍ୟସ୍ତ ହୋଇଛି। ରାଜ୍ୟରେ ମହାମାରୀ କରୋନା ସହ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଲାଗି ରହିଥିବାବେଳେ ଏହି ବୋଟ୍ ଆମ୍ବୁଲାନ୍ସ ହସ୍ପିଟାଲକୁ ଯିବା ଲାଗି ରୋଗୀଙ୍କ ସହାୟତା କରୁଛି। ବୈଶାଳୀ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପ୍ରୟାସ କରାଯାଇ କରୋନା ରୋଗୀଙ୍କୁ ହସ୍ପିଟାଲକୁ ନିଆଯାଉଛି। ବୋଟ୍‌କୁ ସ୍ୱତନ୍ତ୍ର କୋଭିଡ୍ ଆମ୍ବୁଲାନ୍ସ ଭାବେ ବ୍ୟବହାର କରାଯାଉଛି। ଏହି ବୋଟ୍‌ରେ ବିଭିନ୍ନ ପ୍ରକାର ସୁବିଧା ଏଥିଲାଗି ରହିଛି। ବୈଶାଳୀ ଜିଲାର ଡାଇରିଆ ପ୍ରବଣ ରାଘୋପୁର ଅଞ୍ଚଳବାସୀଙ୍କ ବହୁ କାମରେ ଆସୁଛି ଏହି ବୋଟ୍ ଆମ୍ବୁଲାନ୍ସ। ବନ୍ୟାକ୍ଲିଷ୍ଟ ଏହି ଅଞ୍ଚଳବାସୀ ବ୍ଲକ ଓ ହସ୍ପିଟାଲକୁ ଆସିବା ଲାଗି ବୋଟ୍ ହିଁ ଏକମାତ୍ର ମାଧ୍ୟମ। ବୋଟ୍‌ଟି ଜେଥୁଲି ଘାଟରୁ ତେତର ଘାଟ ପର୍ଯ୍ୟନ୍ତ ଆସିପାରୁ ଥିବାରୁ ବହୁ ସ୍ଥାନୀୟ ଲୋକ ଏହାଦ୍ୱାରା ଉପକୃତ ହୋଇପାରୁଛନ୍ତି।

ଏହି ବୋଟ୍ ଆମ୍ବୁଲାନ୍ସରେ ମେଡିକାଲ ଟେଷ୍ଟିଂ ଟିମ୍ ଲାଗି ପିପିଇ କିଟ୍‌ର ବନ୍ଦୋବସ୍ତ କରାଯାଇଛି। ଡାକ୍ତରଙ୍କଠାରୁ ଆରମ୍ଭ କରି ସମସ୍ତ ଟିମ୍ ସଦସ୍ୟ ଏହାକୁ ପରିଧାନ କରି କରୋନା ପରୀକ୍ଷା କରିଥାଆନ୍ତି। ପ୍ରକାଶଥାଉ କି, ବିହାରରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ଏବେ ୮୫ ହଜାର ଟପିଲାଣି। କେବଳ ବୈଶାଳୀରେ ୩ ହଜାର କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ମହାମାରୀ ଆତଙ୍କକୁ ଆଖିଆଗରେ ରଖି ପ୍ରସ୍ତୁତ କରାଯାଇଥିବା କୋଭିଡ୍ ବୋଟ୍ ଆମ୍ବୁଲାନ୍ସ ଯୁଗୋପଯୋଗୀ ହୋଇପାରିଛି।

# କରୋନା ଥ୍ରିମ୍ ଗଣେଶ



**ଅହମଦାବାଦ:** କରୋନା ଦୂର କରିବା ପାଇଁ ପ୍ରଭୁ ଗଣେଶ ଏବେ ଯୁଦ୍ଧ ଅଭିଯାନରେ ବାହାରିଛନ୍ତି। ଖାଲି ସେତିକି ନୁହେଁ ଗଣେଶଙ୍କ ବାହନ ମୂଷିକ ମଧ୍ୟ କରୋନା ଭାଇରସ୍ ସହିତ ଲଢ଼େଇ କରିବାରେ ବ୍ୟସ୍ତ। ଏସବୁ କଥା ଶୁଣି ହଠାତ୍ ଆଶ୍ଚର୍ଯ୍ୟ ହୋଇଗଲେଣି କି! ପ୍ରକୃତରେ ଗଣେଶଙ୍କର ଏମିତି ସବୁ ମୂର୍ତ୍ତି ତିଆରି କରୁଛନ୍ତି କାରିଗର। ବିଶେଷକରି ଗୁଜରାଟର ସୁରଟରେ ଏବେ ଏମିତି କୋଭିଡ୍ ଥିମ୍‌ରେ ଗଣେଶଙ୍କ ବିଭିନ୍ନ ମୂର୍ତ୍ତି ତିଆରି ଚାଲିଛି।

କରୋନା ପାଇଁ ଏଥର ଗଣେଶ ପୂଜାକୁ ନେଇ ବିଭିନ୍ନ ରାଜ୍ୟରେ କଟକଣା ରହିଛି। ତେଣୁ ଧୁମ୍‌ଧାମରେ ପୂଜା କରିବା ଏବେ ସମ୍ଭବ ନୁହେଁ। ସେଥିପାଇଁ ଗଣେଶଙ୍କ ମୂର୍ତ୍ତି ତିଆରି କରୁଥିବା କାରିଗରମାନେ ଏବେ ଏକ ଭିନ୍ନ ଶୈଳୀ ଆପଣେଇଛନ୍ତି। କୋଭିଡ୍ ଥିମ୍‌ରେ ସେମାନେ ତିଆରି କରୁଛନ୍ତି ଗଣେଶ ମୂର୍ତ୍ତି। ତେଣୁ ମୂର୍ତ୍ତିରେ କେତେବେଳେ ଗଣେଶ କରୋନା ଭାଇରସ୍‌କୁ ନଷ୍ଟ କରି ଦେଉଛନ୍ତି ତ କେଉଁଠି ମୂଷିକ ମଧ୍ୟ କରୋନା ଭାଇରସ୍ ସହିତ ଯୁଦ୍ଧ କରି ବାହାର କରିଦେଉଛି। ଗଣେଶଙ୍କ ମୂର୍ତ୍ତିରେ ଏଭଳି କରୋନାକୁ ପ୍ରତୀକାତ୍ମକଭାବେ ଚିତ୍ରଣ କରି ସୁରଟର କାରିଗରମାନେ ଏବେ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ମହାରାଷ୍ଟ୍ର, ତାମିଲନାଡୁ, କର୍ଣାଟକ ଓ ଗୁଜରାଟ ଭଳି କେତେକ ରାଜ୍ୟରେ ବେଶ୍ ଧୁମ୍‌ଧାମ୍‌ରେ ଗଣେଶ ପୂଜା କରାଯାଇଥାଏ। କିନ୍ତୁ କରୋନା ପାଇଁ ଏଥର ସବୁ ରାଜ୍ୟରେ ଗଣେଶ ପୂଜା ଫିକା ପଡ଼ିଯାଇଛି। ତେବେ କୋଭିଡ୍ ଥିମ୍‌ରେ ଏଭଳି ମୂର୍ତ୍ତି ତିଆରି କରୁଥିବା କାରିଗରମାନଙ୍କ ମତରେ ଲୋକଙ୍କୁ ସଚେତନ କରିବା ପାଇଁ ହିଁ ଏଭଳି ପ୍ରୟାସ କରାଯାଇଛି।

# ପାଠ ପଢୁଛନ୍ତି ବିଲେଇ

**ନୂଆଦିଲ୍ଲୀ:** ବିଲେଇ ପୁଣି ପାଠ ପଢୁଛନ୍ତି। ଏକଥା ଶୁଣିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ହେଲେ ଏମିତି ଏକ ଭିଜୁଆଲ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଦୁଇଟି ବିଲେଇଙ୍କୁ ଘରେ ଏକ କ୍ଲାସ୍‌ରୁମ୍ କରି ପାଠ ପଢ଼ାଉଛନ୍ତି ଜଣେ କୁନି ଝିଅ। ଭିଜୁଆଲ୍‌ଟି ଏତେ ସୁନ୍ଦର ଲାଗୁଛି ଯେ, ଏହାକୁ ଶେୟାର କରିବାର ମାତ୍ର କେଇ ଘଣ୍ଟା ପରେ ଏହାକୁ ୧୩ କହଜାରରୁ ଅଧିକ ଲୋକ ଲାଇକ୍ କରିବା ସହିତ ପ୍ରାୟ ୨ହଜାର କମେଣ୍ଟ ବି ଆସିଥିଲା। ଭିଜୁଆଲ୍‌ରେ କୁନିଝିଅଟି କ୍ଲାସ୍‌ରୁମ୍‌ରେ ପଢ଼ିବା ଭଳି ଏକ ବ୍ଲାକ୍‌ବୋର୍ଡରେ ପାଠ ପଢ଼ାଉଛନ୍ତି। ଆଉ ତାଙ୍କ କ୍ଲାସ୍‌ରୁମ୍‌ରେ ଛାତ୍ରଭାବେ ପାଠ ପଢୁନ୍ତି ଦୁଇଟି ବିଲେଇ। ସବୁଠୁ ବଡ଼ କଥା ହେଉଛି ବିଲେଇ ଦୁଇଟି ଟେବୁଲ ଉପରେ ଖାତା କଲମ ଧରି ବେଶ୍ ସୁନ୍ଦର ଭାବରେ ବସିଛନ୍ତି। ୫୩ ସେକେଣ୍ଡ୍‌ର ଏହି ଭିଜୁଆଲ୍ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଭିଡିଓଟି ଏତେ କ୍ୟୁଟ୍ ହୋଇଛି ଯେ, ଏହାକୁ ଦେଖି ଲୋକେ କମେଣ୍ଟ କରିବାରେ ଲାଗିଛନ୍ତି। କୁନିଝିଅଟି ଏତେ ସୁନ୍ଦର ଭାବରେ ପରିକଳ୍ପନା କରି ନିଜେ ଶିକ୍ଷୟିତ୍ରୀ ହୋଇ ଯେତିକି ଆଶ୍ଚର୍ଯ୍ୟ କରାଇଛି ତା' ଠାରୁ ବେଶି ଆକର୍ଷଣୀୟ ବିଲେଇ ଦ୍ୱୟଙ୍କ ପାଠ ପଢ଼ିବା ଷ୍ଟାଇଲ୍। ଏତେ ସମୟ ଧରି ବିଲେଇ ଦୁଇଟି ଚେୟାର ଉପରେ ବସି ବ୍ଲାକ୍‌ବୋର୍ଡ ଆଡ଼କୁ ଚାହିଁ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏକ ସମୟରେ କୁନିଝିଅଟି ଶିକ୍ଷକ ହେବାର ଅଭିନୟ କରୁଥିବାବେଳେ ବିଲେଇଦୁଇଟି ଛାତ୍ରୀଛାତ୍ର ହେବାର ଅଭିନୟ ବେଶ୍ ସୁନ୍ଦର ଲାଗୁଛି।



# ମୋବାଇଲ ଲାଇବ୍ରେରି

**ଚଣ୍ଡିଗଡ଼:** ଲାଇବ୍ରେରିରେ ଆମକୁ ସବୁ ପ୍ରକାର ବହି ନୋଟ୍ ଆଦି ମିଳିଥାଏ। ଏମିତି ଏକ ଲାଇବ୍ରେରି ଯଦି ପିଲାମାନଙ୍କ ପାଖକୁ ଆସେ, ତା'ହେଲେ ନିଶ୍ଚିତଭାବେ ଅନେକେ ଉପକୃତ ହୋଇପାରିବେ। ସେଥିପାଇଁ ମିନି ଭ୍ୟାନ୍‌ରେ ଏକ ମୋବାଇଲ ଲାଇବ୍ରେରି କରିଛନ୍ତି ସନ୍ଦୀପ କୁମାର। ଚଣ୍ଡିଗଡ଼ର ଏହି ଯୁବକଜଣକ ଏବେ ଏହା ମାଧ୍ୟମରେ ଗରିବ ପିଲାମାନଙ୍କୁ ସାହାଯ୍ୟ କରୁଛନ୍ତି।




ଚଣ୍ଡିଗଡ଼ରେ ଏପନ୍ ଆଇ ଫାଉଣ୍ଡେଶନ ନାମକ ଏନ୍‌ଜିଓ ଗଢ଼ି ସନ୍ଦୀପ ଗରିବମାନଙ୍କୁ ସାହାଯ୍ୟ କରି ଆସୁଛନ୍ତି। ଏବେ କରୋନା ଭାଇରସ୍ ଯୋଗୁ ସବୁଆଡ଼େ ଲକ୍‌ଡାଉନ୍ ଫଳରେ ଅନେକେ ଜୀବିକା ହରାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗରିବ ପିଲାଙ୍କ ପାଇଁ ପାଠ ପଢ଼ିବା ନିମନ୍ତେ ସେ ଏହି ମୋବାଇଲ୍ ଲାଇବ୍ରେରି ତିଆରି କରିବା ଆରମ୍ଭ କରିଥିଲେ। ପ୍ରଥମେ ସେ ଏଥିପାଇଁ ବିଭିନ୍ନ ସ୍ଥାନରୁ ବହି, ଖାତା ଓ ନୋଟ୍ ଆଦି ସଂଗ୍ରହ କରି ମୋବାଇଲ୍ ଭ୍ୟାନ୍‌ରେ ଏକ ଲାଇବ୍ରେରି ତିଆରି କରିଥିଲେ। ବହୁ ସ୍ଥାନରେ ପିଲାମାନେ ସେମାନଙ୍କର ପୁରୁଣା ବହି ଖାତା ସବୁ ସନ୍ଦୀପଙ୍କ ଲାଇବ୍ରେରିକୁ ଦାନ କରିଥିଲେ। ଏହା ପରେ ବହି ଲାଇବ୍ରେରିକୁ ନେଇ ସେ ବିଭିନ୍ନ ବସ୍ତି ଅଞ୍ଚଳରେ ପିଲାମାନଙ୍କୁ ସାହାଯ୍ୟ କରୁଛନ୍ତି। ଯେଉଁମାନେ ପଢ଼ିବା ପାଇଁ ବହିପତ୍ର ପାଉ ନାହାନ୍ତି ସେମାନଙ୍କୁ ସନ୍ଦୀପଙ୍କ ଏହି ଲାଇବ୍ରେରି ସାହାଯ୍ୟ କରିପାରୁଛି।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ରସାମଣି ମହାରଣା
ବଡ଼ଇଚ୍ଛାପୁର, ବାଛରା, ଜଟଣୀ
ଆବିର୍ଭାବ: ୨୧।୦୫।୧୯୩୬
ତିରୋଧାନ: ୦୫।୦୮।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ: ଉମ୍ବରୁଧର ମହାରଣା, ବୋହୂ: ପ୍ରେମଲତା, ନାତି: ରାଜକିଶୋର, ଆଶିଷ, ନାତୁଣୀ: ଚିନ୍ମୟୀ, ଝିଅ: ସୁକାନ୍ତି, ଜ୍ୱାଇଁ: ରସାନନ୍ଦ ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୭୯୫୨

**ଏକାଦଶାହ ଉପଲକ୍ଷେ**



୰ ମହେଶ୍ୱର ବେହେରା
ଅବସରପ୍ରାପ୍ତ କର୍ମଚାରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର
ଗ୍ରାମ-ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ : ୦୧.୦୭.୧୯୩୫
ତିରୋଧାନ: ୦୪.୦୮.୨୦୨୦
ତୁମର ଆକ୍ଲାନ୍ତ ପରିଶ୍ରମ ଆମମାନଙ୍କୁ ଭଲ ବାଟ ଦେଖାଇଛି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟର ବିନମ୍ର ପ୍ରାର୍ଥନା।
ତୁମର ହତଭାଗ୍ୟ ପୁତ୍ର ଗନ୍ଧର୍ବ ବେହେରା, ଜ୍ୱାଇଁ-କାଳନ୍ଦୀ ବେହେରା, ପାଣ୍ଡରା, ନାତି-ସନ୍ଦିପ୍, ପ୍ରଦୀପ ଓ ନାତୁଣୀ-ଲିଜା ତଥା ଶୋକାତୁର ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୭୯୪୯

**ଏକା ଦଶାହ ଦିବସ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଟି· ସଞ୍ଜୟ କୁମାର
ବ୍ରହ୍ମପୁର
ଆବିର୍ଭାବ : ୨୮.୦୪.୧୯୬୭
ତିରୋଧାନ : ୦୪.୦୮.୨୦୨୦
ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ, ନିଷ୍ଠା, ଆଦର୍ଶ ଓ ଧୈର୍ଯ୍ୟ ସ୍ମରଣୀୟ ହୋଇ ରହିବ। ତୁମର ଆତ୍ମା ଚିରଶାନ୍ତି ଲାଭ କରୁ ଏହାହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଦ୍ୱାଦଶାହ ଦିବସ : ୧୫.୦୮.୨୦୨୦
ଶୋକସନ୍ତପ୍ତ : ପରିବାର ଓ ବନ୍ଧୁବର୍ଗ ଏବଂ ଉଷାକିରଣ ଏଜେନ୍‌ସି, ଆସିକା ରୋଡ଼, ବ୍ରହ୍ମପୁର
ଧ-୧୭୯୪୮

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରମୋଦ ଚନ୍ଦ୍ର ମିଶ୍ର
ଭିଏସ୍‌ଏସ୍ ନଗର, ପ୍ଲଟ୍ ନଂ-ଏଇ/୨୦୭
ଆବିର୍ଭାବ: ୨୮।୧୧।୧୯୬୮
ତିରୋଧାନ: ୧୨।୦୮।୨୦୧୨
ଆପଣଙ୍କ ପବିତ୍ର ଅମରାତ୍ମା ପ୍ରଭୁଙ୍କ ପଦାରବିନ୍ଦରେ ଚିର ଶାନ୍ତି ଲାଭକରୁ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କ ଚିରଋଣୀ ବୁଢ଼ିଆ, ଆଶାମଣି ଦେବୀ, ଇନ୍ଦୁମତି ଦେବୀ, ଅନସୂୟା ଦେବୀ, ନଳିନୀ ଦେବୀ, ପପୁ, ଦୀପୁ, ଲିପୁ, ସାଇସିଞ୍ଜନ, ସିପୁ, ସୋନାଲି, ପାପାଲି, ତପୁ, ଲପୁ, ଆୟୁଷ୍ମାନ ମିଶ୍ର, ଶୁଭସ୍ମିତା, ସୁଶ୍ରୀପଦ୍ମା, ଶିବା, ମେରୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୩୯୮୦

IPL 2020

ୟୁଏଇରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୩ତମ ସଂସ୍କରଣ। ଏହି ବ୍ୟୟବହୁଳ ଲିଗ୍‌ରେ କ୍ରିକେଟପ୍ରେମୀମାନେ ସେମାନଙ୍କ ଫେଭରାଇଟ ତାରକାଙ୍କ ଆକ୍ସନ ଦେଖିବାକୁ ବ୍ୟଗ୍ର ଥିବାବେଳେ କେତେଜଣ ଯୁବ ଖେଳାଳି ପ୍ରଦର୍ଶନର ଛାପ ଛାଡ଼ିବାକୁ ପ୍ରସ୍ତୁତ। ଏପରି ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କୁ ନେଇ ଏଥରର ଉପସ୍ଥାପନା...

# ନଜରରେ ଯୁବ ଖେଳାଳି


ବିରାଟ ସିଂ

## ବିରାଟ ସିଂ/ପ୍ରିୟମ ଗର୍ଗ

(ସନ୍‌ରାଇଜର୍ସ ହାଇଦ୍ରାବାଦ)

ଖେଳାଳି ନିଲାମ ସମୟରେ ସନ୍‌ରାଇଜର୍ସ ହାଇଦ୍ରାବାଦ କେତେକ ଯୁବ ଖେଳାଳିଙ୍କୁ ନେବା ଉପରେ ଗୁରୁତ୍ୱ ଦେଇଥିଲା। ସେମାନଙ୍କ ମଧ୍ୟରେ ବିରାଟ ସିଂ ଓ ପ୍ରିୟମ ଗର୍ଗ ଅନ୍ୟତମ। ବିରାଟ ସିଂଙ୍କୁ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍ ୧.୯ କୋଟି ଟଙ୍କାରେ କିଣିଛି। ସେ ଗତ ଘରୋଇ ସିଜନରେ ଝାଡ଼ଖଣ୍ଡ ପକ୍ଷରୁ ସମସ୍ତ ଫର୍ମାଟରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବିଜୟ ହଜାରେ ଟ୍ରଫିରେ ସେ ୭ ମ୍ୟାଚରୁ ୩୩୫ ଏବଂ ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫିରେ ସେ ୫୭.୧୬ ଆଭରେଜରେ ୩୪୨ ରନ ସ୍କୋର କରିଥିଲେ। ମିଡଲ ଅର୍ଡରରେ ଖେଳିବା ପାଇଁ ତାଙ୍କ ନିକଟରେ ଉପଯୁକ୍ତ ଟେକ୍ନିକ ଓ ଟେମ୍ପରାମେଣ୍ଟ ରହିଛି। ତେଣୁ ସେ ଲିଗ୍ ଆରମ୍ଭରୁ ସନ୍‌ରାଇଜର୍ସ ଦଳର ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ଆଶା। ପ୍ରିୟମ ଗର୍ଗ ହେଲେ ଏହି ଦଳର ଅନ୍ୟଜଣେ ଯୁବ ଖେଳାଳି। ତେବେ ସେ ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ହୋଇଥିବାରୁ ଡେଭିଡ ୱାର୍ନର, ଜନି ବେୟାରଷ୍ଟୋ ଓ କେନ୍ ୱିଲିୟମ୍ସଙ୍କ ପରି ଖେଳାଳିଙ୍କ ଉପସ୍ଥିତିରେ ଶୀଘ୍ର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବା ସମ୍ଭାବନା କମ୍।

## ଏମ୍. ସିଦ୍ଧାର୍ଥ/ଶିବମ୍ ମାଭି

(କୋଲକାତା ନାଇଟ ରାଇଡର୍ସ)

କୋଲକାତା ନାଇଟ ରାଇଡର୍ସ ଦଳରେ ଯୁବ ଖେଳାଳିଙ୍କ କଥା ଉଠିଲେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ନାମ ପ୍ରଥମେ ଆସେ। ତେବେ ଏହି ଫାଷ୍ଟ ବୋଲର ଗତ ୨ ସିଜନରେ ୧୮ଟି ମ୍ୟାଚ ଖେଳି ସାରିଛନ୍ତି। ଦଳର ଆବଶ୍ୟକତାକୁ ପୂରଣ କରିବାରେ ସେ ସେପରି ସଫଳ ହୋଇ ନାହାନ୍ତି। ତେଣୁ ଆଗାମୀ ସଂସ୍କରଣ ପାଇଁ ତାମିଲନାଡୁ ବାମହାତୀ ସ୍ପିନର ଏମ. ସିଦ୍ଧାର୍ଥ ଏବଂ ପୂର୍ବତନ ୧୯ ବର୍ଷରୁ କମ୍ ତାରକା ଶିବମ୍ ମାଭିଙ୍କ ଉପରେ ନଜର ରହିବ। ସିଦ୍ଧାର୍ଥ ତାମିଲନାଡୁ ପାଇଁ ସୟଦ ମୁସ୍ତାକଅଲୀ ଟ୍ରଫିରେ ପଦାର୍ପଣରେ ୫ ମ୍ୟାଚରୁ ୧୨ଟି ଉଇକେଟ ନେଇ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କୋଲକାତା ଦଳରେ ସୁନୀଲ ନାରିନ ଓ କୁଲଦୀପ ଯାଦବଙ୍କ ରୂପରେ ୨ ଜଣ ତାରକା ସ୍ପିନର ଅଛନ୍ତି। ତେଣୁ ଏହି ଦଳ ଯଦି ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଏ ତେବେ ସିଦ୍ଧାର୍ଥଙ୍କୁ ସୁଯୋଗ ମିଳିବ। ଶିବମ୍ ୨୦୧୮ ଆଇପିଏଲ ଖେଳିଥିଲେ ହେଁ ଆହତ ସମସ୍ୟା ଯୋଗୁ ୨୦୧୯ ସଂସ୍କରଣରୁ ଓହରି ଯାଇଥିଲେ। ଇମର୍ଜିଂ ଏସିଆ କପ୍‌ରେ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ରଣଜୀ ଟ୍ରଫିରେ ମଧ୍ୟ ଭଲ ଫର୍ମ ଦେଖାଇଥିଲେ। ପ୍ରତିଯୋଗିତାରେ ସେ ଯଦି ଫିଟ୍ ରୁହନ୍ତି ତେବେ ପ୍ରଭାବ ପକାଇବା ସମ୍ଭାବନା ରହିଛି। କମଲେଶ ନାଗରକୋଟି ଏହି ଦଳର ଅନ୍ୟ ଜଣେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି।


ରବି ବିଷ୍ଣୋଇ
ଶିବମ୍ ମାଭି
ଅନୁକୂଳ ରୟ

## ରବି ବିଷ୍ଣୋଇ (କିଙ୍ଗ୍ସ ଇଲେଭେନ ପଞ୍ଜାବ)

ଆଇପିଏଲର ଆଗାମୀ ସଂସ୍କରଣ ପାଇଁ କିଙ୍ଗ୍ସ ଇଲେଭେନ ପଞ୍ଜାବ ସେଟ୍‌ଅପ୍‌ରେ ସେପରି ନାମୀ ସ୍ପିନ ବୋଲର ନାହାନ୍ତି। ରବି ବିଷ୍ଣୋଇଙ୍କ ପରି ଯୁବ ଖେଳାଳିଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ପରି ହେବାକୁ ଯାଉଛି। ୧୯ ବର୍ଷୀୟ ଲେଗ୍ ସ୍ପିନର ବିଷ୍ଣୋଇ ୧୯ ବର୍ଷରୁ କମ୍ (୨୦୧୯–୨୦) ବିଶ୍ୱକପରେ ସର୍ବାଧିକ ଉଇକେଟ ହାସଲ କରିଥିଲେ। ସେ ୬ଟି ମ୍ୟାଚ ଖେଳି ୩.୪୮ ଆଭରେଜରେ ୧୭ଟି ଉଇକେଟ ନେଇଥିଲେ। ଆଇପିଏଲ ଖେଳାଳି ନିଲାମ ସମୟରେ ବିଷ୍ଣୋଇଙ୍କୁ ନେବାପାଇଁ ପଞ୍ଜାବ ଓ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ମଧ୍ୟ ବେଶ୍ କସରତ ଦେଖିବାକୁ ମିଳିଥିଲା। ଶେଷରେ କିଙ୍ଗ୍ସ ଇଲେଭେନ ତାଙ୍କୁ ୨ କୋଟି ଟଙ୍କାରେ କିଣିଥିଲା। ଦଳରେ କିଷ୍ଣାପ୍ପା ଗୋଥାମ ଥିଲେ ହେଁ ତାଙ୍କୁ ଅଧିକ ସୁଯୋଗ ମିଳିବା ଆଶା କରାଯାଉନାହିଁ। ମୁଜିବୁର ରହମାନ ଖେଳିବା ସମ୍ଭାବନା ରହିଛି। ତେବେ ବିଦେଶ ମାଟିରେ ସେ କିପରି ନିଜକୁ ଖାପ ଖୁଆଇବେ ତା’ ଉପରେ ଅନେକ ନିର୍ଭର କରିବ। ଏପରି ସ୍ଥିତିରେ ବିଷ୍ଣୋଇ ଓ ମୁରୁଗାନ ଅଶ୍ୱିନ ଅଧିକ ସୁଯୋଗ ପାଇବା ଆଶା ରହିଛି।

## ଅନୁକୂଳ ରୟ

(ମୁମ୍ବାଇ ଇଣ୍ଡିଆନ୍ସ)

ଆଇପିଏଲ ଦଳଭାବେ ମୁମ୍ବାଇ ଇଣ୍ଡିଆନ୍ସ ଅନେକ ଯୁବ ଖେଳାଳିଙ୍କୁ ସୁଯୋଗଦେଇଛି। ଯୁବ ଲେଗ୍ ସ୍ପିନର ରାହୁଲ ଚହର ଏହି ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳି ଜାତୀୟ ଦଳପାଇଁ ହକ୍‌ଦାର ହୋଇ ପାରିଛନ୍ତି। ଦଳରେ ଚହର ଏବଂ କୃନାଲ ପାଣ୍ଡ୍ୟାଙ୍କ ରୂପରେ ଦୁଇଜଣ ପ୍ରତିଷ୍ଠିତ ସ୍ପିନର ଥିଲେ ହେଁ ବିକଳ୍ପଭାବେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅନୁକୂଳ ରୟ ବିକଳ୍ପଭାବେ ଉଭା ହୋଇଛନ୍ତି। ୨୦୧୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ ଏହି ୨୦ ବର୍ଷୀୟ ଅଲରାଉଣ୍ଡ ବାମହାତୀ ସ୍ପିନର। ପ୍ରତିଯୋଗିତାରେ ସର୍ବାଧିକ ଉଇକେଟ ହାସଲକାରୀ ଥିବା ଅନୁକୂଳ ୬ ମ୍ୟାଚରୁ ୧୪ଟି ଉଇକେଟ ନେଇଥିଲେ। ଘରୋଇ କ୍ରିକେଟରେ ମଧ୍ୟ ତାଙ୍କ ରେକର୍ଡ ବହୁତ ଭଲ।

## ଦେବଦୂତ ପଡିକାଲ

(ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)

ଗତ ଘରୋଇ କ୍ରିକେଟ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ ଦେବଦୂତ ପଡିକାଲ। ୨୦ ବର୍ଷୀୟ ଏହି ଖେଳାଳି ବିଜୟ ହଜାରେ ଟ୍ରଫିରେ କର୍ନାଟକ ପକ୍ଷରୁ ସର୍ବାଧିକ ରନ କରିଥିଲେ। କର୍ନାଟକକୁ ବିଜୟୀ କରିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସୟଦ ମୁସ୍ତାକ ଅଲୀ ଟି୨୦ ଟ୍ରଫିରେ ମଧ୍ୟ ସେ ସର୍ବାଧିକ ରନ କରିଥିଲେ। ୧୨ଟି ମ୍ୟାଚ ଖେଳି ସେ ୧୭୫.୭୫ ଷ୍ଟ୍ରାଇକ୍ ରେଟ୍‌ରେ ୫୮୦ ରନ ସଂଗ୍ରହ କରିଥିଲେ। ଆଇପିଏଲର ଗତ ସଂସ୍କରଣରେ ସେ ଦଳରେ ଥିଲେ ହେଁ ଗୋଟିଏ ହେଲେ ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥିଲେ। ଆରସିବିର ପ୍ଲେଇଂ–୧୧ରେ ସ୍ଥାନ ପାଇଲେ ସେ ପ୍ରଭାବୀ ପ୍ରଦର୍ଶନ କରିବା ଆଶା।

## ଆର୍. ସାଇ କିଶୋର(ଚେନ୍ନାଇ ସୁପରକିଙ୍ଗ୍ସ)



ଚେନ୍ନାଇ ସୁପରକିଙ୍ଗ୍ସ ସ୍ଥାନୀୟ ଖେଳାଳିଙ୍କ ମଧ୍ୟରେ ଆର. ସାଇ କିଶୋରଙ୍କୁ ୨୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଛି। ସୁଯୋଗ ପାଇଲେ ଏହି ଯୁବ ବାମହାତୀ ସ୍ପିନର ଆଗାମୀ ସଂସ୍କରଣରେ କରିସ୍ମା ଦେଖାଇବା ଆଶା ରହିଛି। ୨୦୧୯–୨୦ ଘରୋଇ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ। ତାମିଲନାଡୁ ପ୍ରିମିୟର ଲିଗ୍‌ରେ ସେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ସୟଦ ମୁସ୍ତାକଅଲୀ ଟି୨୦ ଟ୍ରଫିରେ ସେ ସର୍ବାଧିକ ଉଇକେଟ ହାସଲକାରୀ ଥିବାବେଳେ ତାମିଲନାଡୁଙ୍କୁ ରନର୍ସଅପ୍ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୨ ମ୍ୟାଚରୁ ସାଇ କିଶୋର ୪.୬୩ ହାରରେ ୨୦ଟି ଉଇକେଟ ଅକ୍ତିଆର କରିଥିଲେ। ଦଳରେ କ୍ୱାଲିଟି ସ୍ପିନରମାନେ ଥିବାରୁ ସୁପରକିଙ୍ଗ୍ସ ପ୍ରଥମ ପର୍ଯ୍ୟାୟରେ ସାଇ କିଶୋରଙ୍କୁ ସୁଯୋଗ ଦେବା ସମ୍ଭାବନା କମ୍। ତେବେ ଦଳ ଯଦି ଆଗୁଆ ପ୍ଲେ–ଅଫ୍‌କୁ କ୍ୱାଲିଫାଏ କରେ ତେବେ ଟିମ୍ ମ୍ୟାନେଜମେଣ୍ଟ ଏହି ଯୁବ ସ୍ପିନରଙ୍କୁ ସୁଯୋଗ ଦେଇପାରେ। ଋତୁରାଜ ଗାଏକ୍ୱାଡ ଏହି ଦଳର ଅନ୍ୟ ଜଣେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳି।

## ଯଶସ୍ୱୀ ଜୟସ୍ୱାଲ (ରାଜସ୍ଥାନ ରୟାଲ୍ସ)

ରାଜସ୍ଥାନ ରୟାଲ୍ସର ଗେମ୍ ଅବସରରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅନ୍ୟତମ ସଦସ୍ୟ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ନଜର ରହିବ। ଏହି ୧୮ ବର୍ଷୀୟ ବ୍ୟାଟ୍ସମ୍ୟାନ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ରନ ସ୍କୋର କରିବା ସହିତ ରବି ବିଷ୍ଣୋଇଙ୍କ ସହିତ ଭାରତର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କ ଲିଷ୍ଟ–ଏ କ୍ୟାରିୟର ମଧ୍ୟ ଭଲରେ ଆରମ୍ଭ ହୋଇଛି। ବିଜୟ ହଜାରେ ଟ୍ରଫିରେ ସର୍ବକନିଷ୍ଠ ଖେଳାଳିଭାବେ ସେ ଲିଷ୍ଟ–ଏ ଦ୍ୱିଶତକ ହାସଲ କରିଛନ୍ତି। ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚରେ ସେ ୧୫୪ ବଲ୍‌ରୁ ୨୦୩ ରନ ସ୍କୋର କରିଥିଲେ। ଆଇପିଏଲ ଖେଳାଳି ନିଲାମ ସମୟରେ ତାଙ୍କୁ ନେବାପାଇଁ ଫ୍ରାଞ୍ଚାଇଜ୍ ଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିଲା। ଶେଷରେ ରାଜସ୍ଥାନ ରୟାଲ୍ସ ତାଙ୍କୁ ୨.୪ କୋଟି ଟଙ୍କାରେ କିଣିଥିଲା। ଆସନ୍ତା ଆଇପିଏଲ ସିଜନରେ ଦଳ ତାଙ୍କଠାରୁ ଅନେକ କିଛି ଆଶା ରଖିଛି। ଅଜିଙ୍କ୍ୟ ରାହାନେଙ୍କ ଅନୁପସ୍ଥିତିରେ ସେ ଆରମ୍ଭରୁ ଟପ୍ ଅର୍ଡରରେ ଖେଳିବା ଏକପ୍ରକାର ନିଶ୍ଚିତ। ଯଶସ୍ୱୀଙ୍କ ସାଥୀ ଖେଳାଳି କାର୍ତ୍ତିକ ତ୍ୟାଗୀ ଏବଂ ଅଲରାଉଣ୍ଡର ରିୟାନ ପରାଗଙ୍କ ଉପରେ ମଧ୍ୟ ନଜର ରହିବ।

# ଖେଳ ଖବର

## ସ୍ପେନ୍‌ରେ ରେସ୍ କରିବେ ପେରେଜ

ମୋଣ୍ଟମେଲୋ(ସ୍ପେନ), ୧୩।୮(ଏପି): କରୋନା ଭାଇରସ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବାରୁ ସର୍ଗିଓ ପେରେଜ ଚଳିତ ସପ୍ତାହରେ ହେବାକୁଥିବା ସ୍ପାନିଶ୍ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂରେ ଭାଗନେବେ। ପେରେଜ ଚଳିତ ସିଜନରେ ରେସିଂ ପଏଣ୍ଟ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମା’ଙ୍କୁ ଡାକ୍ତରଖାନାରେ ଦେଖା କରିବା ପାଇଁ ଏକ ଘରୋଇ ବିମାନରେ ମେକ୍ସିକୋ ଯାତ୍ରା ଅବସରରେ ସେ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇଥିବାରୁ ଇଂଲଣ୍ଡର ସିଲଭରଷ୍ଟୋନରେ ଅନୁଷ୍ଠିତ ଗତ ୨ଟି ରେସ୍‌ରେ ଭାଗନେଇ ପାରି ନ ଥିଲେ। ଭେଟେରାନ ଜର୍ମାନ ଡ୍ରାଇଭର ନିକୋ ହକେନବର୍ଗ ତାଙ୍କ ସ୍ଥାନରେ ସିଲଭରଷ୍ଟୋନରେ ରେସ୍ କରିଥିଲେ। ଏବେ ରିପୋର୍ଟ ନେଗେଟିଭ୍ ଆସିବାପରେ ମୋଟରରେସିଂର ଗଭର୍ନିଂ ବଡି ପେରେଜଙ୍କୁ ଆଗାମୀ ରେସ୍‌ରେ ଭାଗନେବାକୁ ଅନୁମତି ଦେଇଛନ୍ତି ବୋଲି ତାଙ୍କ ଟିମ୍ ପକ୍ଷରୁ ପ୍ରକାଶ କରାଯାଇଛି। ଚଳିତ ସିଜନରେ ୫ଟି ରେସ୍ ଶେଷ ହୋଇଥିବାବେଳେ ଅନ୍ୟ କୌଣସି ଡ୍ରାଇଭର କରୋନା ପଜିଟିଭ୍ ହୋଇ ନାହାନ୍ତି।

# ପାକିସ୍ତାନର ବିପର୍ଯ୍ୟୟ

ସାଉଥାମ୍ପଟନ, ୧୩।୮(ଏପି)

### ଦ୍ୱିତୀୟ ଟେଷ୍ଟ

ସ୍ଥାନୀୟ ରୋଜ ବାଓଲ ଗ୍ରାଉଣ୍ଡରେ ଗୁରୁବାରଠାରୁ ଇଂଲଣ୍ଡ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଦିବସରେ ବର୍ଷା କାରଣରୁ ଖେଳ ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ଲେଖା ହେଲା ବେଳକୁ ପାକିସ୍ତାନ ୪୫ ଓଭରରେ ୫ ଉଇକେଟ ହରାଇ ୧୨୪ ରନ କରିଛି। ତାରକା ବ୍ୟାଟ୍ସମ୍ୟାନ ବାବର ଆଜମ ୨୪ ଓ ମହମ୍ମଦ ରିଜ୍‌ୱାନ ୩ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଶାନ ମାସୁଦ୍ ୧ ରନ କରି ପ୍ରଥମେ ଆଉଟ ହୋଇଥିବା ବେଳେ ଆବିଦ ଅଲି ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଅଧିନାୟକ ଆଝାର ଅଲି ୨୦, ଆସାଦ ସାଫିକ୍ ୫ ରନ କରି ଆଉଟ ହୋଇଥିବା ବେଳେ ଫୱାଦ ଆଲମ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଅଭିଜ୍ଞ ଜେମ୍ସ ଆଣ୍ଡରସନ ୨, ଷ୍ଟୁଆର୍ଟ ବ୍ରଡ, ସାମ କୁରାନ ଓ କ୍ରିସ୍ ୱକ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।

ଇଂଲଣ୍ଡ ଦଳ ଦୁଇଟି ପରିବର୍ତ୍ତନ କରିଛି। ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ବାଦ ଦେଇ ସାମ୍ କୁରାନଙ୍କୁ ଦଳରେ ସାମିଲ କରିଛି। ସେହିପରି ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପାରିବାରିକ କାରଣରୁ ନ୍ୟୁଜିଲାଣ୍ଡ ପ୍ରତ୍ୟାବର୍ତ୍ତନ କରିଥିବାରୁ ତାଙ୍କ ସ୍ଥାନରେ ବ୍ୟାଟ୍ସମ୍ୟାନ ଜ୍ୟାକ୍ କ୍ରାଲିଙ୍କୁ ଇଂଲଣ୍ଡ ଦଳରେ ସାମିଲ କରାଯାଇଛି। ଷ୍ଟୋକ୍ସ ତୃତୀୟ ଟେଷ୍ଟ ମଧ୍ୟ ଖେଳିପାରିବେନି। ଅନ୍ୟପଟେ ଅଲରାଉଣ୍ଡର ଶଦାବ ଖାନ୍‌ଙ୍କ ବଦଳରେ ଅତିରିକ୍ତ ବ୍ୟାଟ୍ସମ୍ୟାନ ଭାବେ ଫୱାଦ ଆଲମଙ୍କୁ ପାକିସ୍ତାନ ଦଳରେ ସାମିଲ କରିଛି। ଦୀର୍ଘ ୧୧ ବର୍ଷ ପରେ ଆଲାମ ଟେଷ୍ଟ ଦଳକୁ ଫେରିଛନ୍ତି। ଏହି ମ୍ୟାଚ ଜିତିଲେ ଇଂଲଣ୍ଡ ୧୦ ବର୍ଷପରେ ପାକିସ୍ତାନ ବିପକ୍ଷରେ ପ୍ରଥମ ଟେଷ୍ଟ ସିରିଜ ଜିତିବ।


ବର୍ଷା ପରେ ରୋଜ୍ ବାଓଲ ଷ୍ଟାଡିୟମରେ ଗ୍ରାଉଣ୍ଡଷ୍ଟାଫ୍‌ମାନେ ଜଳ ନିଷ୍କାସନ କରୁଛନ୍ତି।

## ଷ୍ଟିଭେନ ଡିଆସ ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍

ଭୁବନେଶ୍ୱର, ୧୩।୮(କ୍ରୀଡ଼ା ପ୍ରତିନିଧି): ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଷ୍ଟିଭେନ ଡିଆସ ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍ ନିଯୁକ୍ତ ହୋଇଛନ୍ତି। ୩୬ ବର୍ଷୀୟ ଏହି ମିଡ୍‌ଫିଲ୍ଡର ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ସହିତ ଏକ ବର୍ଷ ପାଇଁ ଚୁକ୍ତି କରିଛନ୍ତି। ଭାରତୀୟ ଜାତୀୟ ଦଳ ବ୍ୟତୀତ ଏୟାର ଇଣ୍ଡିଆ, ମହିନ୍ଦ୍ରା ୟୁନାଇଟେଡ, ଚର୍ଚ୍ଚିଲ ବ୍ରଦର୍ସ, ଦିଲ୍ଲୀ ଡାଇନାମସ ଓ ମୁମ୍ବାଇ ଏଫ୍‌ସି ପରି ନାମୀ କ୍ଲବ ସହିତ କାର୍ଯ୍ୟ କରି ସାରିଥିବା ଷ୍ଟିଭେନ ଗତ ସିଜନରେ ଜାମସେଦପୁର ଏଫ୍‌ସିର ସହକାରୀ କୋଚ୍ ଥିଲେ। ସ୍ପାନିଶ୍ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଜୋଆନ କାସାନୋଭା ଆଗାମୀ ସିଜନ ପାଇଁ ମଧ୍ୟ ଓଡ଼ିଶା ଏଫସି ସହିତ ରହିବେ। ପୂର୍ବତନ ମୁଖ୍ୟ କୋଚ୍ ଜୋସେପ ଗୋମ୍ବାଉଙ୍କ କୋଚିଂ ଟିମ୍‌ର ସଦସ୍ୟ ଥିବା କାସାନୋଭାଙ୍କ କାର୍ଯ୍ୟକାଳକୁ ଆଉ ୧ ବର୍ଷ ପାଇଁ ବଢ଼ାଇ ଦିଆଯାଇଛି। ଓଡ଼ିଶା ଏଫ୍‌ସିର ଏହି ଦୁଇ ନୂଆ ନିଯୁକ୍ତି ସମ୍ପର୍କରେ ମୁଖ୍ୟ କୋଚ୍ ଷ୍ଟୁଆର୍ଟ ବକ୍ସଟର କୁହନ୍ତି ଯେ, ଷ୍ଟିଭେନ ନିଜ କ୍ୟାରିୟରରେ ଜଣେ ସଫଳ ଖେଳାଳି ଥିଲେ। ସେ କୋଚ୍‌ଭାବେ ଉନ୍ନତି କରିଥିବାରୁ ଆମପାଇଁ ଉପାଦେୟ ହେବେ। ଜୋଆନଙ୍କ ସହିତ କାମ କରିବା ପାଇଁ ଖେଳାଳିମାନେ ସହଜ ମଣୁଛନ୍ତି। ତେଣୁ ଆଗାମୀ ସିଜନ ପାଇଁ ମଧ୍ୟ ସେ ତାଙ୍କ କାର୍ଯ୍ୟ ଜାରି ରଖିବେ।


ଷ୍ଟିଭେନ ଡିଆସ

## କରୋନାରୁ ଆରୋଗ୍ୟ ହେଲେ ନାୟାର

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଭାରତ ଓ କିଙ୍ଗ୍ସ ଇଲେଭେନ୍ ବ୍ୟାଟ୍ସମ୍ୟାନ କରୁଣ ନାୟାର କୋଭିଡ୍–୧୯ରୁ ଆରୋଗ୍ୟ ଲାଭ କରିଛନ୍ତି। ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଯିବେ। ନାୟାରଙ୍କର ଗତ ମାସରେ କୋଭିଡ୍ ଟେଷ୍ଟ ହୋଇଥିଲା ଏବଂ ଫଳାଫଳ ପଜିଟିଭ୍ ଆସିଥିଲା। କରୋନା ଟେଷ୍ଟରେ ନେଗେଟିଭ୍ ଆସିବା ପୂର୍ବରୁ ସେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ଦିନ ଧରି ସେଲ୍‌ଫ ଆଇସୋଲେଶନରେ ଥିଲେ। ଏହି ରିପୋର୍ଟ ଉପରେ ଫ୍ରାଞ୍ଚାଇଜ୍ ତରଫରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ସୂତ୍ରରୁ ପ୍ରକାଶ କ୍ୱାରାଣ୍ଟାଇନ ଶେଷ ହେବା ପରେ ଅଗଷ୍ଟ ୮ରେ ହୋଇଥିବା କୋଭିଡ୍ ଟେଷ୍ଟରେ ତାଙ୍କର ନେଗେଟିଭ୍ ଆସିଥିଲା। ଅଗଷ୍ଟ ୨୦ରେ ୟୁଏଇ ଗସ୍ତ ପୂର୍ବରୁ ଦଳର ଅବଶିଷ୍ଟ ସଦସ୍ୟଙ୍କ ସହିତ ତାଙ୍କୁ ଆହୁରି ତିନୋଟି ଟେଷ୍ଟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଟେଷ୍ଟରେ ଏକ ତ୍ରିଶତକ ହାସଲ କରିଥିବା ନାୟାର ଗତଥର ୨୦୧୭ରେ ଭାରତ ତରଫରୁ ଖେଳିଥିଲେ। ୨୦୧୮ରୁ ସେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ଜଣେ ସଦସ୍ୟ ରହିଆସିଛନ୍ତି। ୨୮ ବର୍ଷୀୟ ଏହି କ୍ରିକେଟର ତାଙ୍କ କର୍ନାଟକ ଟିମ୍‌ମେଟ୍ ମୟଙ୍କ ଅଗ୍ରୱାଲ ଓ କେ.ଏଲ୍ ରାହୁଲଙ୍କ ସହିତ ଖେଳିବେ। ରାହୁଲଙ୍କୁ ପ୍ରଥମ ଥର ଦଳର ଅଧିନାୟକ କରାଯାଇଛି। କିଙ୍ଗ୍ସ ଇଲେଭେନ ପଞ୍ଜାବ ଦୁବାଇରେ ଅବସ୍ଥାନ କରିବ। ସେଠାରେ ପହଞ୍ଚିବା ପରେ ଅନ୍ୟ ଦଳଗୁଡ଼ିକ ଭଳି ଏହାର ଖେଳାଳିମାନେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଏକତ୍ର ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଖେଳାଳିଙ୍କର ୩ଥର ଟେଷ୍ଟରେ ନେଗେଟିଭ୍ ଆସିବା ଦରକାର।


କରୁଣ ନାୟାର

## ବ୍ୟାଡ୍‌ମିଣ୍ଟନ ଖେଳାଳି ସିକ୍କି ରେଡ୍ଡୀ କରୋନା ପଜିଟିଭ୍

ନୂଆଦିଲ୍ଲୀ, ୧୩।୮ (ପି.ଟି.): ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ଏନ୍. ସିକ୍କି ରେଡ୍ଡୀ ଏବଂ ତାଙ୍କ ଫିଜିଓଥେରାପିଷ୍ଟ କିରନ ସିଂଙ୍କର କୋଭିଡ୍–୧୯ ଟେଷ୍ଟରେ ପଜିଟିଭ ଆସିଛି। ହାଇଦ୍ରାବାଦସ୍ଥିତ ପୁଲେଲା ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ନ୍ୟାଶନାଲ କ୍ୟାମ୍ପ ଅବସରରେ ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍ ଓ ପ୍ରଶାସନିକ କର୍ମଚାରୀଙ୍କର କରୋନା ଭାଇରସ୍ ଟେଷ୍ଟ ହୋଇଥିଲା। ଫଳାଫଳ ପଜିଟିଭ ଆସିବା ପରେ ଏକାଡେମୀରେ ସାନିଟାଇଜେଶନ କରାଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ଗୁରୁବାର ଏ ବିଷୟରେ ସୂଚନା ଦିଆଯାଇଛି। ଉଭୟ ସିକ୍କି ଓ କିରନ ହାଇଦ୍ରାବାଦରୁ ଆସି ନ୍ୟାଶନାଲ କ୍ୟାମ୍ପରେ ଯୋଗ ଦେଇଥିଲେ।

## ଆଇନକ୍ସ ଗ୍ରୁପ୍ ହେବ ପ୍ରାୟୋଜକ: ଆଇଓଏ

ନୂଆଦିଲ୍ଲୀ, ୧୩।୮(ପି.ଟି.)

ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଆଇନକ୍ସ ଗ୍ରୁପ୍ ଭାରତୀୟ ଦଳର ପ୍ରାୟୋଜକ ହେବ। ଏ ନେଇ ଗୁରୁବାର ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ତରଫରୁ ଘୋଷଣା କରାଯାଇଛି। କୋଭିଡ୍–୧୯ ମହାମାରୀ ପାଇଁ ଟୋକିଓ ଅଲିମ୍ପିକ୍ସକୁ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯାଇଥିଲା। ଅଲିମ୍ପିକ୍ସ ଏବେ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮ ତାରିଖ ମଧ୍ୟରେ ଆୟୋଜନ ହେବ।

ଭାଗୀଦାରି ସ୍ୱରୂପ ଏହି ଗ୍ରୁପ୍ ମନୋରଞ୍ଜନ ଧର୍ମୀ କମ୍ପାନୀ ଆଇନକ୍ସ ଲିଜର ଲିମିଟେଡ ଦ୍ୱାରା ଭାରତୀୟ ଦଳର ପ୍ରମୋଶନ କରିବ। ସାରା ଦେଶରେ ଆଇନୋକ୍ସର ବହୁ ସଂଖ୍ୟାରେ ମଲ୍‌ଟିପ୍ଲେକ୍ସ ବା ପ୍ରେକ୍ଷାଳୟ ରହିଛି।




ଭାରତର ପ୍ରଗତି ପାଇଁ ଆଇନକ୍ସ ଗ୍ରୁପ୍ ସବୁବେଳେ ପ୍ରାଧାନ୍ୟ ଦେଇଆସିଛି ଓ ଭାରତୀୟ ଦଳର ପ୍ରାୟୋଜକ ହୋଇ ଆମେ ଗୌରବାନ୍ୱିତ ମନେ କରୁଛୁ ବୋଲି ଆଇନକ୍ସ ଗ୍ରୁପ୍ ଡାଇରେକ୍ଟର ସିଦ୍ଧାର୍ଥ ଜୈନ କହିଛନ୍ତି। ଆଇନକ୍ସ ଗ୍ରୁପ୍ ସହ ପାର୍ଟନରଶିପ୍ ନେଇ ଆମେ ଘୋଷଣା କରୁଛୁ ଓ ଏହା ଦ୍ୱାରା ସବୁ ଆଥଲେଟ୍ ଲାଭବାନ ହୋଇପାରିବେ ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ଦଳକୁ ସମର୍ଥନ କରିଥିବାରୁ ଜୈନ ଆଇନକ୍ସ ଗ୍ରୁପ୍‌କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଆଇନକ୍ସ ଗ୍ରୁପ୍ ଟେବୁଲ ଟେନିସ, ଫୁଟବଲ, ବ୍ୟାଡମିଣ୍ଟନ, ରନିଂ, ବାସ୍କେଟବଲ ଓ କ୍ରିକେଟ ଭଳି ସ୍ପୋର୍ଟିଂ ଇଭେଣ୍ଟରେ ସମର୍ଥନ କରିଆସିଛି। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରି କ୍ରୀଡ଼ା ନେଇ ଏହି ଗ୍ରୁପ୍ ଜନ ଜାଗରଣ ସୃଷ୍ଟି କରିଛି। ଭାରତ ଅଲିମ୍ପିକ୍ସରେ ସଫଳତାର ଶୀର୍ଷକୁ ଛୁଇଁବ ବୋଲି ଜୈନ ଆଶା ପ୍ରକାଶ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI
NEXA
MAKE EVERY DRIVE AN AUSPICIOUS ONE.
Celebrate Ganesh Chaturthi with the great drive of the New Ignis.
CREATE. INSPIRE.
IGNIS
NEXA 5 INSPIRING YEARS
Scan the QR code for more details about the New Ignis.
THE NEW IGNIS COMPACT URBAN SUV
New 17.78 cm Smartplay Studio (Available from Zeta variant onwards)
New Rear Spoiler and Roof Rails
Auto Gear Shift
Spacious and Comfortable Interiors
1.2L VVT Petrol Engine (BS VI Compliant)
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
FULL FRONTAL IMPACT COMPLIANCE, FRONTAL OFFSET IMPACT COMPLIANCE, SIDE IMPACT COMPLIANCE
EMI starts at ₹ 899* | 100% On-road Funding*
Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 9798190190), NEXA TWIN CITY (SKY AUTOMOBILES PH: 9776497764, 7064400101), CUTTACK: NEXA STADIUM RD (JYOTE MOTORS PH: 9798190190).
SUZUKI connect
A REVOLUTIONARY WAY TO CONNECT TO YOUR CAR
Vehicle Tracking
Emergency Alert
Driving Behaviour Analysis
Live Vehicle Status
Vehicle Alerts
Offered separately as Genuine NEXA Accessory
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice.


Hero
ଆପଣଙ୍କର ଖେଳ ବଢ଼ାନ୍ତୁ
ପ୍ରସ୍ତୁତି କରୁଛୁ
GLAMOUR
ନେକ୍ସଟ୍ ଲେବଲ୍ ପାୱାର, ଷ୍ଟାଇଲ୍ ଏବଂ ଟେକ୍ନୋଲୋଜି।
ଖେଳ ବଦଳିବାର ଅଛି। ଗୋଟିଏ ନୂଆ ପରିବର୍ତ୍ତନ ଏଠାରେ। ସମ୍ପୂର୍ଣ୍ଣ ନୂଆ ହିରୋ ଗ୍ଲାମର ପାଇଁ ମାର୍ଗ ପ୍ରସସ୍ତ କର। ଏହା ଆକର୍ଷକ ଡିଜାଇନ୍ ସହିତ ସମ୍ପୂର୍ଣ୍ଣ ନୂଆ ଷ୍ଟାଇଲ୍। ଗ୍ଲାମର ର ରୋମାଞ୍ଚକ 125cc ଇଞ୍ଜିନ୍ ଆପଣଙ୍କୁ ବନାଏ ସଡ଼କର ରାଜା। ଆଉ କ'ଣ ଅଧିକ? ପ୍ରୋଗ୍ରାମଡ୍ Fi ଟେକ୍ନୋଲୋଜି ସହିତ ପରିବର୍ତ୍ତନକାରୀ xSens ପ୍ରତିଦିନ ଆପଣଙ୍କୁ ଜବରଦସ୍ତ ପରଫର୍ମାନ୍ସ ଦେବାକୁ ବଚନ ଦିଏ। ଏଣୁ, ଆଗକୁ ଅଗ୍ରସର ହୁଅନ୍ତୁ, ନିଜର ଖେଳ ବଦଳାନ୍ତୁ।
ଶକ୍ତିଶାଳୀ 125cc ଇଞ୍ଜିନ୍
5 ସ୍ପିଡ୍ ଗିୟରବକ୍ସ
ମଜବୁତ ଫ୍ୟୁଲ୍ ଟ୍ୟାଙ୍କ
ଡ୍ୟୁଲ୍ ଟୋନ୍ ବଡ଼ି ଗ୍ରାଫିକ୍ସ
100/80 ଚୌଡ଼ା ରିୟର ଟାୟାର
autosail
ସହର ଟ୍ରାଫିକ୍ ରେ ଆରାମଦାୟକ ରାଇଡ
GLAMOUR
Hero
i3S
Fi
XSENS WITH PROGRAMMED Fi
REVOLUTIONARY i3S TECHNOLOGY
BS6
INDIA'S FIRST 5 YEAR WARRANTY **Conditions apply
Hero WORLD'S NO. 1 ONE
9 CRORE+ HEROES
Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, contact nearest Hero MotoCorp's authorised outlet or call our toll free no.: 1800 - 266 - 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Finance scheme is at the sole discretion of the Financier & subject to its respective T&Cs. Limited period offer. For more details, please contact your nearest Hero Outlet. ^As per cumulative dispatch numbers till 15th September, 2019.
**Largest two-wheeler selling company in the world for any particular country for the year 2019.
Finance Partners: HeroFinCorp.
HeroMotoCorpIndia
@HeroMotoCorp
HeroMotoCorpLimited
TheHeroMotoCorp
HeroMotoCorp.com
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799766329. ବାଲେଶ୍ୱର: ନୀଲମ ହୀରୋ – 7799766393. ବାରିପଦା : ଆଦିତ୍ୟ ହୀରୋ – 7799766370. ଭଦ୍ରକ : ସଞ୍ଜୀବ ହୀରୋ – 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ – 7799766362. କଟକ: ଜେଏମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ – 7799766383. ଯାଜପୁର ରୋଡ: ସୌମିକ ହୀରୋ – 7799766410. ଜଳେଶ୍ୱର: ସାଇ ହୀରୋ – 7799766407. ଜଟଣୀ: ବିଶାଳ ହୀରୋ – 7799766398. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ନୟାଗଡ଼: ଭଗବତୀ ହୀରୋ – 7799766417. ପୁରୀ: ସଞ୍ଜୀବ ହୀରୋ – 8448389695.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ – 9238551897. ବାଲୁଗାଁ: ମହାମୟୀ ମୋଟର୍ସ – 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ – 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ – 9853471301. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ – 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ – 9437185858. ପାରାଦୀପ: ପ୍ରଦୀପ ମୋଟର୍ସ – 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ – 9438139116. ପିପିଲି: ଶ୍ରୀରାମ ମୋଟର୍ସ – 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ – 9437055552. ରାହାମା: ଶରଳା ଅଟୋମୋବାଇଲ୍ସ – 9937018532. ରାଇରଙ୍ଗପୁର: ମା ସାକମରୀ ମୋଟର୍ସ – 7978560171. ସୋରୋ: ଟୁଇଙ୍କିଲ ମୋଟର୍ସ – 9861594852. ଉଦଳା: ମହାବୀର ମୋଟର୍ସ – 9853290346.